
# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୭/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, June 17/2025 | Page 16 | ₹ 7.00 | BERHAMPUR


୫୧ଶ ଭାଗ ୨୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 202 | ମୂଲ୍ୟ ₹୭/-





## ସଂକ୍ଷେପରେ

### ହରିୟାଣା ମଡେଲଙ୍କୁ ହତ୍ୟା


ଶୀତଲ ଓରଫ ସିମ୍ମୀ ଚୌଧୁରୀ

ସୋନେପତ, ୧୬।୬

ହରିୟାଣାର ଉଦୀୟମାନ ମ୍ୟୁଜିକ୍ ଭିଡିଓ ଆର୍ଟିଷ୍ଟ ତଥା ମଡେଲ ଶୀତଲ ଓରଫ ସିମ୍ମୀ ଚୌଧୁରୀ (୨୩)ଙ୍କର ମୃତଦେହ ସୋମବାର ସୋନେପତର ଖରଖୋଦା ଥାନା ଅଞ୍ଚଳରେ ଥିବା ଏକ କେନାଲ ନିକଟରୁ ମିଳିଛି। ୨ ଦିନ ତଳେ ଶୀତଲ ଶୁଟିଂ ପାଇଁ ଘରୁ ବାହାରି ନିଖୋଜ ହୋଇଯାଇଥିଲେ। ତାଙ୍କ ବେକରେ ଗଭୀର କଟା ଚିହ୍ନ ରହିଛି, ଯେଉଁଥିରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି। ହତ୍ୟା କରାଯିବା ପରେ ତାଙ୍କ ମୃତଦେହକୁ କେନାଲରେ ଫୋପଡ଼ା ଯାଇଥିଲା। ପୋଲିସ ମୃତଦେହ ମିଳିଥିବା କେନାଲର ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଏବଂ ତାଙ୍କ ମୋବାଇଲର ଲୋକେଶନ ଡେଟାକୁ ବ୍ୟବହାର କରି ଘଟଣାର ତଦନ୍ତ ଚଳାଇଛି। ହତ୍ୟାକାଣ୍ଡକୁ ନେଇ ପରିବାର ଲୋକେ ଶୀତଲଙ୍କ ବୟଫ୍ରେଣ୍ଡ ସୁନୀଲଙ୍କୁ ଦୋଷ ଦେଇଛନ୍ତି। ଶୀତଲଙ୍କ ଭଉଣୀ ନେହା କହିଛନ୍ତି, ଶନିବାର ଶୀତଲ ଭିଡିଓ କଲ୍ କରି ସୁନୀଲ ତାଙ୍କୁ ଆକ୍ରମଣ କରିବା ସହ ମାରପିଟ କରିଥିଲେ ବୋଲି କହିଥିଲେ। ପରେ ଶୀତଲଙ୍କ ଫୋନ୍ କଭରେଜ ବାହାରେ ଥିଲା। ପୋଲିସ ସୁନୀଲଙ୍କୁ ଆହତ ଅବସ୍ଥାରେ ପାଇ ହସ୍ପିଟାଲରେ ଭର୍ତ୍ତି କରିଥିଲା।

### ଦିଲ୍ଲୀରୁ ୩୬ ବେଆଇନ ବାଂଲାଦେଶୀ ଗିରଫ

ନୂଆଦିଲ୍ଲୀ, ୧୬।୬

ଦିଲ୍ଲୀର ଭାରତନଗର ଅଞ୍ଚଳରେ ବେଆଇନ ଭାବେ ରହୁଥିବା ୩୬ ଜଣ ବାଂଲାଦେଶୀଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୧୯ ଜଣ ବୟସ୍କ ଓ ୧୭ ପିଲା ରହିଛନ୍ତି। ଦିଲ୍ଲୀ ପୋଲିସ ଉକ୍ତ ଅଞ୍ଚଳର ୨୫ଟି ଫୁଟ୍‌ପାଥ ଏବଂ ୩୨ଟି ଲେନ୍‌ରେ ଘରକୁ ଘର ଯାଇ ଯାଞ୍ଚ କରୁଥିବାବେଳେ ବାଂଲାଦେଶୀମାନେ ଧରାପଡ଼ିଥିଲେ। ୧୩ ବାଂଲାଦେଶୀ ପରିଚୟପତ୍ର ଓ ବେଆଇନ ଆଇଏମ୍‌ଓ ଆପ୍ ଲୋଡ୍ ହୋଇଥିବା ୭ ମୋବାଇଲ ଫୋନ୍ ଜବତ ହୋଇଛି।

### ବୈଷୟିକ ତ୍ରୁଟି: ଦିଲ୍ଲୀ ଆସୁଥିବା ୨ ବିମାନ ଫେରିଗଲା

ନୂଆଦିଲ୍ଲୀ, ୧୬।୬

ହଂକଂରୁ ସୋମବାର ଦିଲ୍ଲୀ ଆସୁଥିବା ଏକ ବିମାନ ବୈଷୟିକ ତ୍ରୁଟି ସନ୍ଦେହ କରି ଅଧାବାଟରୁ ଫେରିଯାଇଛି। ହଂକଂରେ ଉକ୍ତ ବିମାନ ନିରାପଦର ସହ ଅବତରଣ କରିଥିବାବେଳେ କୌଣସି କ୍ଷତି ଘଟିନାହିଁ। ସେହିପରି ଦିଲ୍ଲୀ ଆସୁଥିବା ବ୍ରିଟିଶ୍ ଏୟାରୱେଜ୍‌ର ଏକ ବିମାନ ମଧ୍ୟ ଅନୁରୂପ କାରଣରୁ ଲଣ୍ଡନ ଫେରିଛି। ବ୍ରିଟିଶ୍ ଏୟାରୱେଜ୍‌ର ଡ୍ରିମ୍‌ଲାଇନରରେ ବୈଷୟିକ ତ୍ରୁଟି ଯୋଗୁ ଏହା ମଝି ଆକାଶରୁ ଫେରିବାର କେଇଘଣ୍ଟା ପରେ ହଂକଂରୁ ଆସୁଥିବା ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ଫେରିଥିଲା। ଏହି ବିମାନଟି ସୋମବାର ସକାଳୁ ଉଡ଼ାଣ ଆରମ୍ଭ କରି ୯୦ ମିନିଟ୍ ଆକାଶରେ ଉଡ଼ିବା ପରେ ବୈଷୟିକ ତ୍ରୁଟି ରହିଥିବା ପାଇଲଟ୍ ସନ୍ଦେହ କରିଥିଲେ।

# ପରମାଣୁ ସନ୍ଧିରୁ ଓହରିବାକୁ ତେହରାନର ଯୋଜନା

## ତେଲ୍ ଆଭିଭ୍, ହାଇଫାରେ ଇରାନର ମିଶାଇଲ ମାଡ଼

ତେଲ୍ ଆଭିଭ୍/ ୱାଶିଂଟନ/ଦୁବାଇ, ୧୬।୬

ଇସ୍ରାଏଲ୍‌ର ଜୋର୍‌ଦାର ଆକ୍ରମଣ ପରେ ଇରାନ ରବିବାର ରାତିରୁ ଏହାର ପ୍ରମୁଖ ସହର ତେଲ୍ ଆଭିଭ୍ ଏବଂ ହାଇଫାରେ ପ୍ରବଳ ମିଶାଇଲ ମାଡ଼ ଜାରି ରଖିଥିଲା। ଏଥିରେ ଇସ୍ରାଏଲର ଉଭୟ ସହରରେ ବହୁ ବିଲ୍ଡିଂ ମାଟିରେ ମିଶିଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବ୍ୟାପକ ଆଞ୍ଚଳିକ ସଂଘର୍ଷରେ ପରିଣତ ହେବା ନେଇ ବିଶ୍ୱ ନେତାମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଶୁକ୍ରବାରଠାରୁ ଇରାନର ଆକ୍ରମଣରେ ଇସ୍ରାଏଲରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ବନ୍ଦର ନିକଟବର୍ତ୍ତୀ ପାୱାର ପ୍ଲାଣ୍ଟରେ ନିଆଁ ଜଳୁଥିବା ଦେଖାଯାଇଛି। ଇସ୍ରାଏଲ୍ ଏବଂ ଆମେରିକା ବେସ୍ ଉପରେ ଆକ୍ରମଣ ଜାରି ରଖିବ ବୋଲି ତେହରାନ୍ କହିଛି।

୨ ଦେଶ ମଧ୍ୟରେ ଆକ୍ରମଣ ତୀବ୍ର ହୋଇଥିବାବେଳେ ପରମାଣୁ ଅପ୍ରସାର ସନ୍ଧି (ଏନ୍‌ପିଟି)ରୁ ଇରାନ ଓହରିଯିବା ଲାଗି ଯୋଜନା କରୁଛି। ଏହି ଚୁକ୍ତି ଯୋଗୁ ତେହରାନର ଅଣୁଅସ୍ତ୍ର ବିକାଶକୁ ବିରୋଧ କରାଯାଉଛି। ଏନ୍‌ପିଟିରୁ ଓହରିଯିବା ଲାଗି ଇରାନ ପାର୍ଲାମେଣ୍ଟ ଏକ ବିଲ୍ ପ୍ରସ୍ତୁତ କରୁଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସୋମବାର କହିଛି। ପୂର୍ବରୁ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେଶ୍‌କିଆନ କହିଥିଲେ, ଅଣୁଅସ୍ତ୍ର ବିକାଶ କରିବା ତେହରାନର ଉଦ୍ଦେଶ୍ୟ ନୁହେଁ। କିନ୍ତୁ ଆଣବିକ ଶକ୍ତି ଓ ଗବେଷଣାରେ ଏହାକୁ ଅଧିକାର ମିଳିବା ଉଚିତ। ଅଣୁଅସ୍ତ୍ର ପ୍ରସାର ରୋକିବା ପାଇଁ ପରମାଣୁ ଅପ୍ରସାର ସନ୍ଧି ଏକ ଅନ୍ତର୍ଜାତୀୟ ରାଜିନାମା। ଏଥିରେ ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାର ସମ୍ପର୍କିତ ପ୍ରଯୁକ୍ତି, ସହଯୋଗ ବଢ଼ାଇବା ସହ ବିଶ୍ୱକୁ ସମ୍ପୂର୍ଣ୍ଣ ଅଣୁଅସ୍ତ୍ର ମୁକ୍ତ କରିବା ଲକ୍ଷ୍ୟ ରହିଛି।

ଇସ୍ରାଏଲ୍ ଯଦି ଆମ ଉପରେ ଅଣୁଅସ୍ତ୍ର ପ୍ରୟୋଗ କରେ ତେବେ ପାକିସ୍ତାନ ଜେରୁଜେଲମ୍‌କୁ ଅଣୁଅସ୍ତ୍ରରେ ଜବାବ ଦେବ ବୋଲି ତେହରାନର ଶୀର୍ଷ ପ୍ରତିରକ୍ଷା ଅଧିକାରୀ ଜେନେରାଲ ମୋହସେନା ରେଜାଏ ସ୍ଥାନୀୟ ଟେଲିଭିଜନକୁ ସାକ୍ଷାତ୍‌କାର ଦେଇ କହିଛନ୍ତି। ଇରାନକୁ ସମର୍ଥନ ଦେବା ପାଇଁ ପାକିସ୍ତାନ ପ୍ରତିଶ୍ରୁତି ଦେବା ସହ ସମଗ୍ର ମୁସଲମାନ ଦେଶ ଏକାଠି ହେବାକୁ ଆହ୍ୱାନ ଦେଇଛି। ଆବଶ୍ୟକ ପଡ଼ିଲେ ଇସ୍‌ଲାମାବାଦ ଇସ୍ରାଏଲ୍ ଉପରେ ପରମାଣୁ ବୋମା ପକାଇବାକୁ ପ୍ରତିଶ୍ରୁତି ଦେଇଥିବା ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍‌ର ବରିଷ୍ଠ ଅଧିକାରୀ ତଥା ଜାତୀୟ ସୁରକ୍ଷା ପରିଷଦ ସଦସ୍ୟ ମୋହସେନା କହିଥିଲେ। ତେବେ ଇରାନ ଜେନେରାଲଙ୍କ ଏଭଳି ଦାବିକୁ ପାକିସ୍ତାନ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ସରକାରୀ ରିପୋର୍ଟ ଅନୁଯାୟୀ, ଶୁକ୍ରବାରଠାରୁ ଲାଗିରହିଥିବା ଯୁଦ୍ଧରେ ଇରାନର ୨୩୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଇସ୍ରାଏଲ୍‌ରେ ୧୮ ଜଣ ନିହତ ହେଲେଣି।


ଇସ୍ରାଏଲ୍‌ର ବେନେଇ ବାରାକଠାରେ ଇରାନର ମିଶାଇଲ୍ ମାଡ଼ରେ ଆବାସିକ ବିଲ୍ଡିଂ ଓ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି।

### ତେହରାନ୍‌ରୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ କୋମ୍ ସ୍ଥାନାନ୍ତର

ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଜୋର୍‌ଦାର ହୋଇଥିବାବେଳେ ତେହରାନ୍‌ରେ ଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦୃଷ୍ଟିରୁ ୧୪୮ କିଲୋମିଟର ଦୂର କୋମ୍ ସହରକୁ ସ୍ଥାନାନ୍ତର କରାଯାଇଛି। ଇରାନରେ ଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ଦେଶ ଭିତରେ ସୁରକ୍ଷିତ ସ୍ଥାନକୁ ନିଆଯାଉଥିବା କେନ୍ଦ୍ର ସରକାର କହିଥିଲେ। ଯୁଦ୍ଧ ଆରମ୍ଭ ହେବା ପରେ ଇରାନରେ ୧,୫୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ର ଫସିରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଜମ୍ମୁ-କଶ୍ମୀରର। ସେମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ଭାରତ ଇରାନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲା। ଆକାଶ ପଥକୁ ବନ୍ଦ କରାଯାଇଥିଲେ ମଧ୍ୟ ଭାରତୀୟମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ସ୍ଥଳସୀମା ଖୋଲା ରହିଥିବା ତେହରାନ କହିଥିଲା।

## ଖବର ପ୍ରସାରଣ ବେଳେ ଇରାନ ଟିଭି ଷ୍ଟୁଡିଓ ଉପରେ ମିଶାଇଲ୍ ମାଡ଼

ଖବର ପ୍ରସାରଣ ବେଳେ ଇରାନ ଷ୍ଟେଟ୍ ଟିଭି ଷ୍ଟୁଡିଓ ଉପରେ ଇସ୍ରାଏଲ୍ ମିଶାଇଲ ମାଡ଼ କରିଛି। ସୋମବାର ରାତିରେ ଏହି ଆକ୍ରମଣ ପରେ ଟେଲିଭିଜନରେ ସିଧା ପ୍ରସାରଣ ବନ୍ଦ ରହିଛି। ମିଶାଇଲ ମାଡ଼ ଯୋଗୁ ଷ୍ଟୁଡିଓ ଦୋହଲିଯିବା ସହ ଧୂଳିମୟ ହୋଇଯାଇଥିଲା ବୋଲି ଟେଲିଭିଜନ ରିପୋର୍ଟର କହିଛନ୍ତି। ସ୍କ୍ରିନ୍ କଟିଯିବା ସହ ଉପସ୍ଥାପିକା ସାହର ଇମାମି କ୍ୟାମେରା ସମ୍ମୁଖରୁ ଦୌଡ଼ି ପଳାଇଯାଇଥିଲେ। ଏହି ଆକ୍ରମଣର ଘଣ୍ଟାଏ ପୂର୍ବରୁ ଇସ୍ରାଏଲ୍ ତେହରାନ୍‌ର ଉକ୍ତ ଅଞ୍ଚଳକୁ ଖାଲି କରିବାକୁ ସତର୍କ ସୂଚନା ଜାରି କରିଥିଲା।


ଟିଭି ଉପସ୍ଥାପିକା ସାହର ଇମାମି

## ମୋଦିଙ୍କୁ ସାଇପ୍ରସ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାଇପ୍ରସ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ ଅବସରରେ ତାଙ୍କ ସହ ସାଇପ୍ରସ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍।

ନିକୋସିଆ, ୧୬।୬

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋମବାର ସାଇପ୍ରସ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ଅଫ୍ ଅର୍ଡ ଅଫ୍ ମାକାରିଓସ୍-୩ ଅଫ୍ ସାଇପ୍ରସ୍'ରେ ସମ୍ମାନିତ କରାଯାଇଛି। ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍ ପ୍ରଧାନମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପୁରସ୍କାରକୁ ବିନମ୍ରତାର ସହ ଗ୍ରହଣ କରି ଦୁଇ ଦେଶର ବନ୍ଧୁତା ପାଇଁ ଉତ୍ସର୍ଗ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେଣ୍ଟର ଅଫ୍ ନିକୋସିଆରେ ପହଞ୍ଚିବା ବେଳେ ସେଠାର ଏମ୍‌ପି ମିଚାଏଲା କିଥ୍ରେଓଟି ମଲାପା ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ପଶ୍ଚିମ ଏସିଆ ଏବଂ ୟୁରୋପରେ ଲାଗି ରହିଥିବା ଯୁଦ୍ଧକୁ ନେଇ ମୋଦି ଏବଂ ସାଇପ୍ରସ୍ ରାଷ୍ଟ୍ରପତି ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ଯୁଦ୍ଧର ଯୁଗ ନୁହେଁ ବୋଲି ଉଭୟ ସହମତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ରାଷ୍ଟ୍ରପତି କ୍ରିଷ୍ଟୋଡୌଲିଡେସ୍‌ଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ମୋଦି କହିଥିଲେ, ଆଲୋଚନା ମାଧ୍ୟମରେ ସମାଧାନ ଏବଂ ସ୍ଥିରତା ବଜାୟ ରଖିବା ମାନବତାର ଆହ୍ୱାନ। ସୀମାପାର ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସାଇପ୍ରସ୍ ସମର୍ଥନ ଜଣାଇଥିବାରୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

## ବ୍ରିଟେନ ଗୋଇନ୍ଦା ଏଜେନ୍ସି ଏମ୍‌ଆଇ୬କୁ ମିଳିଲା ପ୍ରଥମ ମହିଳା ମୁଖ୍ୟ

ଲଣ୍ଡନ, ୧୬।୬


ବ୍ରିଟେନ୍‌ର ଗୋଇନ୍ଦା ଏଜେନ୍ସି (ସିକ୍ରେଟ୍ ଇଣ୍ଟେଲିଜେନ୍ସ ସର୍ଭିସ୍) 'ଏମ୍‌ଆଇ୬'ର ମୁଖ୍ୟ ଭାବେ ବ୍ଲେସ୍ ମେଟ୍ରେୱେଲୀଙ୍କୁ ସୋମବାର ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର ନିଯୁକ୍ତ କରିଛନ୍ତି। ଏହାସହ 'ଏମ୍‌ଆଇ୬'ର ୧୧୬ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ମେଟ୍ରେୱେଲୀ 'ଏମ୍‌ଆଇ୬'ର ୧୮ତମ ମୁଖ୍ୟ ହେବେ। ଚଳିତ ବର୍ଷର ଶେଷ ଆଡ଼କୁ ସେ 'ଏମ୍‌ଆଇ୬'ର ବର୍ତ୍ତମାନର ମୁଖ୍ୟ ସାର୍ ରିଚାର୍ଡ ମୁର୍‌ଙ୍କ ସ୍ଥାନ ନେବେ। ରିଚାର୍ଡ ୨୦୨୦ରୁ ଏହି ଗୋଇନ୍ଦା ସଂସ୍ଥାର ନେତୃତ୍ୱ ନେଉଛନ୍ତି। ମେଟ୍ରେୱେଲୀ ୧୯୯୯ରେ 'ଏମ୍‌ଆଇ୬'ରେ ସାମିଲ ହୋଇଥିଲେ। ସମ୍ପ୍ରତି ସେ 'ଏମ୍‌ଆଇ୬'ର ଟେକ୍ନୋଲୋଜି ଏବଂ ଇନୋଭେଶନ୍ ବିଭାଗର ଦାୟିତ୍ୱରେ ରହିଛନ୍ତି। ପ୍ରକାଶ ଯେ, ବ୍ରିଟେନ୍‌ରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା, ଶତ୍ରୁ ଦେଶଗୁଡ଼ିକର କାର୍ଯ୍ୟକଳାପକୁ ବାଧା ଦେବା ଏବଂ ଦେଶରେ ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଆଦି ବିଭିନ୍ନ କାର୍ଯ୍ୟକୁ ଏମ୍‌ଆଇ୬ କରିଥାଏ।


ବ୍ଲେସ୍ ମେଟ୍ରେୱେଲୀ

## ଦୁର୍ଘଟଣାଗ୍ରସ୍ତ ବିମାନର ଦ୍ୱିତୀୟ ବ୍ଲାକ୍‌ବକ୍ସ ଠାବ

ଅହମଦାବାଦ, ୧୬।୬

ଗୁଜରାଟର ଅହମଦାବାଦରେ ଗତ ୧୨ ତାରିଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆର ଏଆଇ୧୭୧ ବିମାନର ଦ୍ୱିତୀୟ ବ୍ଲାକ୍‌ବକ୍ସକୁ ଉଦ୍ଧାର କରାଯାଇଛି। ଦୁର୍ଘଟଣା ପରଦିନ ବିମାନର ଡାଟା ରେକର୍ଡର ମିଳିଥିବାବେଳେ ଏବେ କକ୍‌ପିଟ୍ ଭଏସ୍ ରେକର୍ଡର ଠାବ ହୋଇଥିବାରୁ ତଦନ୍ତକୁ ଆଗେଇ ନେବାରେ ଏହା ସହାୟକ ହେବ। ଲଣ୍ଡନ ଯାଉଥିବା ଉକ୍ତ ବିମାନରେ ୨୪୨ ଜଣ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୪୧ ଜଣଙ୍କ ସମେତ ମୋଟ ୨୭୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ରବିବାର ଦୁର୍ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରୁଥିବାବେଳେ ଦ୍ୱିତୀୟ ବ୍ଲାକ୍‌ବକ୍ସ ମିଳିଥିବା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଥିଲା। ସେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଉଦ୍ଧାର, ରିଲିଫ୍ ଏବଂ ତଦନ୍ତ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହି ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଏବଂ ଏୟାରପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଥିଲେ।




# ବିଜୟ ରୂପାନୀଙ୍କ ଶେଷକୃତ୍ୟ ସମ୍ପନ୍ନ


ବିଜୟ ରୂପାନୀଙ୍କ ପାର୍ଥିବ ଶରୀରକୁ ସୋମବାର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

### ଅହମଦାବାଦ ବିମାନ ଦୁର୍ଘଟଣା: ୯୯ ମୃତଦେହ ଚିହ୍ନଟ

ଅହମଦାବାଦ/ରାଜକୋଟ, ୧୬।୬

ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୭୪ ଜଣଙ୍କ ମଧ୍ୟରୁ ସୋମବାର ସକାଳ ୯.୩୦ଟା ସୁଦ୍ଧା ଡିଏନ୍‌ଏ ମେଳ କରାଯାଇ ୯୯ ମୃତଦେହକୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୬୪ ମୃତଦେହକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଅହମଦାବାଦ ସିଭିଲ ହସ୍ପିଟାଲର ସର୍ଜିକାଲ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷେ ସୋମବାର ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଶେଷକୃତ୍ୟ ରାଜ୍ୟ ସମ୍ମାନର ସହ ଗୃହ ଜିଲା ରାଜକୋଟରେ କରାଯାଇଛି। ଏହି ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ରୂପାନୀଙ୍କ ସ୍ତ୍ରୀ ଅଞ୍ଜଳି ରୂପାନୀ ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ରୂପାନୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୭/୨୦୨୫ Bhubaneswar, Tuesday, June 17/2025

DSPL-125

# କୃଷକ ଶକ୍ତି ସମାବେଶ



## ବର୍ଷ ଏକ ଉପଲବ୍ଧି ଅନେକ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପଥରଚେପା ପଡ଼ିଆ, ବଲାଙ୍ଗିର ୧୭ ଜୁନ୍ ୨୦୨୫

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି

**ଶ୍ରୀ ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

**ସାଂସଦ ଏବଂ ବିଧାୟକଗଣ, ବଲାଙ୍ଗିର ଜିଲ୍ଲା**

**ଓଡ଼ିଶା ସରକାର**

OIPR-01510/13/0054/2526

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କୁମ୍ଭୀର ପ୍ରକଳ୍ପ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ଓୟୁଏଟି, ସମୟ: ସକାଳ ୯ଟା।
- 'ନିର୍ମଳା' ସାହିତ୍ୟ ପତ୍ରିକା ଓ 'ଅସମ୍ପୂର୍ଣ୍ଣ' ସୂର୍ଯ୍ୟୋଦୟ ଉପନ୍ୟାସର ଉନ୍ମୋଚନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦ ।

### କଟକ
- ଓଡ଼ିଶା ନାରୀ ସଂଘ ପକ୍ଷରୁ ରଜ ଉତ୍ସବ, ସ୍ଥାନ: ନାରୀ ସେବା ସଂଘ ପରିସର, ବକ୍ସି ବଜାର
  ସମୟ: ଅପରାହ୍ନ ୫ଟା।
- ପୋପରଡ଼ା ଗ୍ରାମବାସୀଙ୍କ ପକ୍ଷରୁ ବାଦୀପାଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପୋପରଡ଼ା, ନୂଆବଜାର, ସମୟ: ସନ୍ଧ୍ୟା ୬ଟା ୩୦।

### ବାଲେଶ୍ୱର
- ବୀର ବଜରଙ୍ଗବାଲୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ମେଳକ, ତଳତାପଣ୍ଡା, ବସ୍ତା, ସମୟ: ଦିବସବ୍ୟାପୀ।
- ସ୍ୱର୍ଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପୁଣ୍ୟତିଥି ଅବସରରେ ବିଶାଳ ରକ୍ତଦାନ ଶିବିର, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଭବାନୀ ନର୍ସିଂହୋମ୍, ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ ସମ୍ମୁଖ, ଭୋଗରାଇ, ସମୟ: ସକାଳ ୮ଟା।
- ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଶୋଭାରାମପୁର ନୂତନ ବ୍ରିଜ୍ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମୃତି ସଭା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିକାଶ ମେଳାର ଷଷ୍ଠ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଡ. ବେଣୁମାଧବ ପଣ୍ଡାଙ୍କ ସ୍ମୃତି ସଭା, ସ୍ଥାନ: ମିଶନ ପଡ଼ିଆ ବାସଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

### ଭଦ୍ରକ
- ରଜ ମହୋତ୍ସବ, ସ୍ଥାନ: ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣ,କଦମ୍ବବେଢ଼ା,ଭଦ୍ରକ, ସମୟ,ସନ୍ଧ୍ୟା ୭ଟା।
- ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: କପାଳୀକ୍ଷେତ୍ର ନିମାପଡ଼ା, ବନ୍ତ, ସମୟ: ସନ୍ଧ୍ୟା ୬ ଟା।
- ଉପ ମୁଖ୍ୟମନ୍ତ୍ରୀଙ୍କ ଭଦ୍ରକ ଗସ୍ତ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା ୨୦।
- ଦେବଶ୍ରୀ ନାରଦ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ନୂଆବଜାର, ଭଦ୍ରକ, ସମୟ: ଅପରାହ୍ନ ୪ ଟା ୩୦।

### କେନ୍ଦୁଝର
- ବିକାଶ ବାହନ ଯାତ୍ରା ଶୁଭାରମ୍ଭ, ସ୍ଥାନ: ପାର୍କ ଛକ, ବଡ଼ବିଲ, ସମୟ : ସକାଳ ୮ ଟା।

### ମୟୂରଭଞ୍ଜ
- ବିକାଶ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

### ଗଞ୍ଜାମ
- ବିଜେଡିର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ, ସ୍ଥାନ: ଆସିକା ବ୍ଲକ ବାଲିସିରା ଶିବ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସିନ୍ଧୁ-ଉର୍ମି ରଜରାଣୀ ସମ୍ମାନ, ସ୍ଥାନ: କେସି ପବ୍ଲିକ ସ୍କୁଲ ପ୍ରେକ୍ଷାଳୟ ଖଲ୍ଲିକୋଟ, ସମୟ: ଅପରାହ୍ନ ୪ ଟା।

### କେନ୍ଦ୍ରାପଡ଼ା
- ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ମାଉସୀ ମା' ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

### ନବରଙ୍ଗପୁର
- ଆଦିବାସୀ ସମାବେଶ, ସ୍ଥାନ: ନବରଙ୍ଗପୁର ମଣ୍ଡେଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ
- କିଶୋରୀମାନଙ୍କୁ ନେଇ ରଜ ଉତ୍ସବ, ସ୍ଥାନ: ଆଇସିଡିଏସ୍ କାର୍ଯ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ବାହନ ମାଧମରେ ଜନସଚେତନତା, ସ୍ଥାନ: ମାଥାଲପୁଟ ଓ ମରିଚମାଳ ପଞ୍ଚାୟତ କାର୍ଯ୍ୟାଳୟ, ଦାମନଯୋଡ଼ି, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିକାଶ ମେଳା ପରିଦର୍ଶନ, ସ୍ଥାନ: ଧନକଉଡା ପଡିଆ, ସମୟ : ପୂର୍ବାହ୍ନ ୧୧ଟା ୩୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଲିଗ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦ ।
- ଜିଲାସ୍ତରୀୟ ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଧନକଉଡା ଖେଳ ପଡିଆ, ସମୟ : ସନ୍ଧ୍ୟା ୫ଟା ୩୦ ।

### ବଲାଙ୍ଗୀର
- ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ, ସ୍ଥାନ: ପଥରଚେପା ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସ୍ତରୀୟ ବିକାଶ ମେଳା, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

### ରାଉରକେଲା
- ବସୁମତୀ ସ୍ନାନ ପାଳନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୦ଟା।
- ରଜରାଜକୁମାରୀ ଗ୍ରାଣ୍ଡ ଫିନାଲେ, ସ୍ଥାନ: ସିଭିକ ସେଣ୍ଟର, ସମୟ: ଅପରାହ୍ନ ୫ଟା ୩୦।
- ଜାତୀୟସ୍ତରୀୟ ଶାସ୍ତ୍ରୀୟ ଓ ଉପଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭଞ୍ଜଭବନ, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳାରେ ସଫେଇ କାର୍ଯ୍ୟକ୍ରମ,ସ୍ଥାନ: ଘରୋଇ ବସଷ୍ଟାଣ୍ଡ ପରିସର, ବରଗଡ଼ ,ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଯଦୁମଣି ପ୍ରଧାନ, ଅଡିଟୋରିୟମ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

### କଳାହାଣ୍ଡି
- ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା ସମାରୋହ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।

### ବୌଦ୍ଧ
- ବିକାଶ ମେଳାର ଷଷ୍ଠ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

### ସୁବର୍ଣ୍ଣପୁର
- ଜିଲାସ୍ତରୀୟ ବିକାଶ ମେଳାର ଷଷ୍ଠ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।

### ନୂଆପଡ଼ା
- ବିକାଶ ମେଳା ଷଷ୍ଠ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା ।
- କାଞ୍ଚନବେସନ ରସିକଲାଲ ଡୋଲକିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା କ୍ୟାନସର ପରୀକ୍ଷା ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋମନା, ସମୟ: ସକାଳ ୯ଟା ୩୦।
- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ କବାଡି ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ପୋଲିସ ପଡିଆ, ସମୟ: ସକାଳ ୮ଟା ।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ସକାଳ ୯ଟା ୧୫।


# ଗଁଦିଆରେ ବ୍ୟାପିଲା ଝାଡ଼ାବାନ୍ତି, ୩୬ ଆକ୍ରାନ୍ତ

ଗଁଦିଆ,୧୬।୬
(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲାରେ ଝାଡ଼ାବାନ୍ତି ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। ଭୁବନ ବ୍ଲକ ପରେ ଗଁଦିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ୨ ଦିନ ହେଲା ଝାଡ଼ାବାନ୍ତି ବ୍ୟାପୁଛି। ଏହି ୪୮ ଘଣ୍ଟା ମଧ୍ୟରେ ୩୬ଜଣ ଏଥିରେ ଆକ୍ରାନ୍ତ ହୋଇ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅଧିକାଂଶ ଆକ୍ରାନ୍ତ ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳ ନିହଲପ୍ରସାଦ ଓ ନିତ୍ୟାନନ୍ଦପୁର ଗ୍ରାମର ବୋଲି ଜଣାପଡିଛି। ଉକ୍ତ ଅଞ୍ଚଳରେ ୧୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ପିଙ୍ଗୁଆ, ଷଡ଼ଙ୍ଗୀ, ଗଁଦିଆ, ସନ୍ତସରା ଅଞ୍ଚଳରୁ କେତେଜଣ ବ୍ୟକ୍ତି ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଖବରପାଇ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ପରଖିବା ସହିତ ଚିକିତ୍ସିତ ହେଉଥିବା ରୋଗୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ମେଡିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ଥିତପ୍ରଜ୍ଞ ମହାନ୍ତି କହିଛନ୍ତି, ଝାଡ଼ାବାନ୍ତି ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତୁତ ରହିଛୁ।

# ରାଜ୍ୟସ୍ତରୀୟ ଡାଇରିଆ ନିରାକରଣ ଅଭିଯାନ ଆରମ୍ଭ

## ସଚେତନତା ରଥର ଶୁଭାରମ୍ଭ କଲେ ମନ୍ତ୍ରୀ, ଜୁଲାଇ ୩୧ ଯାଏ ଚାଲିବ



ଡାଇରିଆ ନିରାକରଣ ଅଭିଯାନର ଶୁଭାରମ୍ଭ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସଚେତନତା ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ଭୁବନ,୧୬।୬
(ବିପିନ ବିହାରୀ ସେଠୀ)

ରାଜ୍ୟର ବିଭିନ୍ନ ଜିଲାରେ ଡାଇରିଆ ସଂକ୍ରମଣ ବଢ଼ିଚାଲିଥିବା ବେଳେ ଏହାକୁ ରୋକିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ଏ ସମ୍ପର୍କିତ ପ୍ରଚାର ପ୍ରସାର ଆରମ୍ଭ କରାଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ ଡାଇରିଆ ନିରାକରଣ ଅଭିଯାନ ସୋମବାର ଢେଙ୍କାନାଳ ଜିଲା ଭୁବନରୁ ଆରମ୍ଭ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ରହି ଏହି ଅଭିଯାନକୁ ଉଦ୍‌ଘାଟନ କରିବା ସହ ଏକ ସଚେତନ ରଥର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲୁ ରହିବ।

ଭୁବନ ବ୍ଲକ ଓ ଏନ୍‌ଏସିରେ ସୋମବାର ସୁଦ୍ଧା ମୋଟ ୬୩ ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଭୁବନ ଡାକ୍ତରଖାନାରେ ଥିବା ରୋଗୀମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହିତ ସମସ୍ତ ଲୋକ ପ୍ରତିନିଧି, ଡାକ୍ତର ଓ ପ୍ରଶାସନିକ ଅଧିକାରୀଙ୍କ ସହିତ ଏକ ବୈଠକ କରି ଢେଙ୍କାନାଳ ଜିଲାରେ ଝାଡ଼ାବାନ୍ତି ରୋକିବା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାଇରିଆ ନିରାକରଣ ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡାଇରିଆ ନିରାକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ଯେଉଁ ସମସ୍ତ ବ୍ୟବସ୍ଥା କରାଯାଇଛି, ସେ ସମ୍ପର୍କରେ ଆଲୋଚନା କରିବା ସହିତ ଯାଜପୁର ଜିଲାରେ ଦେଖାଦେଇଥିବା ଡାଇରିଆ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଖାଦ୍ୟ ସୁରକ୍ଷା ପାଇଁ ଏକ କେନ୍ଦ୍ରୀୟ ଟିମ୍ ବିଭିନ୍ନ ଅଞ୍ଚଳରେ ଯାଞ୍ଚ କରିବ। ସାଧାରଣ ଲୋକେ ସଚେତନ ହେଲେ ଏହି ରୋଗ ନିରାକରଣରେ ସଫଳତା ମିଳିପାରିବ ବୋଲି ମନ୍ତ୍ରୀ କହିବା ସହ ସଚେତନତା ପୋଷ୍ଟର ଉନ୍ମୋଚନ କରିଥିଲେ। ଏଥିସହ ରାଜ୍ୟରେ ଥିବା ବିଭିନ୍ନ ଡାକ୍ତରଖାନାରେ ଡାକ୍ତର ଅଭାବ ଶୀଘ୍ର ଦୂର କରାଯିବ ବୋଲି କହିଥିଲେ। ପ୍ରତି ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ସଚେତନତା ବାର୍ତ୍ତା ସମ୍ବନ୍ଧୀୟ ସୂଚନା ପତ୍ର, ଓଆର୍‌ଏସ୍, ଜିଙ୍କ ଟାବଲେଟ ଓ ଔଷଧ ବଣ୍ଟନ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ପ୍ରମୁଖ ଯୋଗଦେଇଥିଲେ। ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଆଦିତ୍ୟ ମହାପାତ୍ର, ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଭୁବନ ଅଞ୍ଚଳର ଶିଶୁମାନଙ୍କୁ ସୁସ୍ଥ ରହିବା ପାଇଁ କିଟ୍ ବଣ୍ଟନ କରାଯାଇଥିଲା। ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)



**ନଈ ଚିଙ୍ଗୁଡ଼ିଆ ଦଳ**
**ଚାହିଁ ଚାହିଁ ଆସି ଦରବୁଢ଼ୀ ହେଲି**
**ମୁଣ୍ଡରେ ପାଚିଲା ବାଳ।**

ପ୍ରତୀକ୍ଷା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜ ରକ୍ଷଣ ଅସମ୍ଭବ**
**ସେ କାହୁଁ ପରକୁ ରଖିବ।**

ଯିଏ ଦୃଢ଼ କି ମଜଭୁତ ନୁହେଁ ବା ଯାହାର କୌଣସି ସ୍ଥାୟିତ୍ୱ ନ ଥାଏ ସେ କାହାରି ଉପକାରରେ ଆସିପାରି ନ ଥାଏ। ପରିସ୍ଥିତି ଯାହାର ଅଣାୟତ୍ତ ତା' ଠାରୁ କୌଣସି ପ୍ରକାର ସାହାଯ୍ୟ ସହାନୁଭୂତିର ଆଶା ରଖିବା ନିରର୍ଥକ ସାବ୍ୟସ୍ତ ହୋଇଥାଏ। ଯାହାର ସ୍ଥିତି ଦୁର୍ବଳ ସିଏ ଅନ୍ୟକୁ କିପରି ସୁରକ୍ଷା ଦେଇପାରିବ ସେନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟିହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଧାମନଗରକୁ ବ୍ୟାପିଲା ଝାଡ଼ାବାନ୍ତି

## ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଧାମନଗର,୧୬।୬(ଦେବେନ୍ଦ୍ର ଆଢ଼ିଆ/ ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ପରେ ଏବେ ଧାମନଗର ବ୍ଲକ ଅଞ୍ଚଳକୁ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ୨ ଦିନ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଆକ୍ରାନ୍ତଙ୍କୁ ସାଲାଇନ ଏବଂ ଔଷଧ ଦିଆଯାଇ ଛଡ଼ା ଯାଇଥିବାବେଳେ ରବିବାର ୧୪ ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମେନ୍ତ ଭର୍ତ୍ତି କରାଯାଇଥିଲା। ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ନେଇ ଭଦ୍ରକ ଜିଲାପାଳ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଅବଗତ କରାଯାଇଛି। ଏସମ୍ପର୍କରେ ଜିଲାସ୍ତରୀୟ ଆଲୋଚନା କରାଯାଇ ନିରାକରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ମନ୍ମୟ କୁମାର ସାମନ୍ତସିଂହାର କହିଛନ୍ତି। ବକ୍ରିଦ୍ ପର୍ବରେ ତିନିଦିନ ଧରି ଖିଆପିଆ ଓ ରଜ ପର୍ବରେ ଘରେ ଘରେ ପିଠାପଣା ସାଙ୍ଗକୁ ବର୍ଷା ଦିନ ଆରମ୍ଭ ହୋଇଥିବାରୁ ସ୍ୱାଭାବିକ ଭାବେ କେତେକ ସ୍ଥାନରେ ଝାଡ଼ାବାନ୍ତି ଦେଖାଦେଇଛି। ସେଥିପାଇଁ ଆବଶ୍ୟକ ଔଷଧ ଓ ସାଲାଇନ ମହଜୁଦ ରଖାଯିବା ସହ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି ଡା.ସାମନ୍ତସିଂହାର କହିଛନ୍ତି। ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର, ବନ୍ଧଟିଆ, ଇଛୁଦା, ଜାହାଙ୍ଗୀର, ଧାମନଗର ଏନ୍‌ଏସିର କାଜିମହଲା ଆଦି ଅଞ୍ଚଳରୁ ଏହି ଆକ୍ରାନ୍ତମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆସିଥିବା ଜଣାପଡ଼ିଛି। ତେବେ ଝାଡ଼ାବାନ୍ତିର ମୁକାବିଲା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସଜାଗ ରହିଛନ୍ତି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଛନ୍ତି।



ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଝାଡ଼ାବାନ୍ତି ଆକ୍ରାନ୍ତ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଚନ୍ଦ୍ରଙ୍କ ପ୍ରଭାବରେ ପାରିବାରିକ ଜୀବନରେ ଭୁଲ୍ ବୁଝାମଣା ସୃଷ୍ଟିହେବ। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ଭଲରେ ବିତିବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାଙ୍କ ସଫଳତା, ନୂତନ ବନ୍ଧୁସମ୍ପର୍କ ସ୍ଥାପନ ଏବଂ ପାରିବାରିକ ସଦ୍‌ଭାବ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ।

**ବୃଷ**
ଦ୍ୱିତୀୟସ୍ଥ ବୁଧ ଅନ୍ୟମାନଙ୍କ ସହ ରହି ଆପଣଙ୍କୁ ବଳିଷ୍ଠ ଯୁକ୍ତିସମ୍ପନ୍ନ କରାଇବେ। ନୂତନ ଘର ତିଆରି, ଯାନବାହନ ମରାମତି, ଦୋକାନବାଡ଼ିର ଉନ୍ନତୀକରଣ ଓ ସଭା ସମିତିରୁ ଉପକୃତ ହେବେ। ପାରିବାରିକ ଟେନ୍‌ସନ ଲାଗିରହିପାରେ। କର୍ମକ୍ଷେତ୍ରରେ ଘଟି ଯାଇଥିବା ଘଟଣାର ମୋଡ଼ ବଦଳିଯିବା ସୂଚନା ରହିଛି।

**ମିଥୁନ**
ଶନିଙ୍କ ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ସ୍ୱାସ୍ଥ୍ୟହାନି ସାଙ୍ଗକୁ ବିଭିନ୍ନ ସମସ୍ୟାରେ ଜଡ଼ିତ କରାଇବ। ପୁନର୍ବସୁ ବନ୍ଧୁପରିଜନଙ୍କ ସହ ନୂତନ ସ୍ଥାନ ପରିଦର୍ଶନ ସୁଯୋଗ ପାଇବେ। ପାପଯୁକ୍ତ ଚନ୍ଦ୍ର ଅର୍ଥ ସମ୍ପର୍କୀୟ ବିବାଦରେ ମାନସିକ ଅସ୍ଥିରତା ସୃଷ୍ଟିକରିପାରନ୍ତି। ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନବଳିପାରେ।

**କର୍କଟ**
ରାଶ୍ୟାଧିପ ଦୁଃସ୍ଥାନସ୍ଥ ହୋଇ ପାପଯୁକ୍ତ କାରଣରୁ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ଅଶ୍ଳେଷା କୌଣସି ପରିସ୍ଥିତି ଆସୁନା କାହିଁକି ଖାତିର ନ କରି ଆଗକୁ ମାଡ଼ି ଚାଲିବେ। ଟଙ୍କା ପଇସା, ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ନ ରହିଲେ କ୍ଷତିରେ ପଡ଼ିବେ। ପୁରାତନ ବିବାଦର ସମାଧାନର ଆଶା ରହିଛି।

**ସିଂହ**
କର୍ମାଧିପ ଭାଗ୍ୟ ଭାବରେ ଥିବାରୁ ଆଜି କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କ ଆଚରଣ ମନ ପସନ୍ଦ ନ ହେଲେ ମଧ୍ୟ ପରିସ୍ଥିତିକୁ ଲକ୍ଷ୍ୟକରି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଯାତ୍ରା, ବ୍ୟବସାୟ, ଶିଳ୍ପ ବାଣିଜ୍ୟ ଏବଂ ପରିବହନରୁ ଭଲ ଲାଭପାଇବେ। ସାମାଜିକ ସ୍ତରରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ରାଶି ପ୍ରତି ଶନିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟହାନି ସାଙ୍ଗକୁ ନୀଚଜନ ସହ ବିବାଦରେ ଲିପ୍ତ କରାଇପାରନ୍ତି। ବାରମ୍ବାର ପ୍ରତିବନ୍ଧକର ସାମ୍ନା କରିବା ହେତୁ କାମ ସମ୍ପନ୍ନ କଷ୍ଟକର ହୋଇପଡ଼ିବ। ରାଜନୀତି, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରେ ପ୍ରଶଂସିତ ହେବେ। ପାରିବାରିକ ଜୀବନ ବୁଝାମଣା ମଧ୍ୟରେ ସୁନ୍ଦର ଓ ସୁଖମୟ ହେବା ସୂଚନା ରହିଛି।

**ତୁଳା**
ରାଶିକୁ ରାଶ୍ୟାଧିପ ଦେଖୁଥିବାରୁ ଦୈହିକ ସୁସ୍ଥତା ସହ ବିଳାସପ୍ରିୟ କରାଇପାରନ୍ତି। ନିଜ ସଂସ୍ପର୍ଶରେ ଆସୁଥିବା ବନ୍ଧୁଙ୍କ ପରାମର୍ଶ ଗ୍ରହଣକଲେ ଉପକୃତ ହେବେ। ପାରସ୍ପରିକ ମତଭେଦ କାରଣରୁ ପରିବାରରେ ବିତର୍କ ଲାଗି ରହିବ। ସାହିତ୍ୟ, ପ୍ରଶାସନ, ସଭାସମିତି, ସାମ୍ବାଦିକତା ଓ ରାଜନୈତିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**ବିଛା**
ଶନି ଓ ବୃହସ୍ପତିଙ୍କ ସ୍ଥିତିଜନିତ ସମ୍ପର୍କହାନି ସାଙ୍ଗକୁ ସନ୍ତାନଙ୍କ ସମସ୍ୟାରେ ଚିନ୍ତିତ ରହିବେ। ପ୍ରତ୍ୟେକ ସ୍ତରରେ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରିପାରିବେ। କୌଣସି ଘଟଣା ନ ବୁଝି କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆଜି ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।


**ଧନୁ**
ରାଶ୍ୟାଧିପଙ୍କ ଶୁଭ ସଂଯୋଗ ପ୍ରଭାବରେ ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। ତଥାପି ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଶନିଙ୍କ କୁପ୍ରଭାବରେ ପାରିବାରିକ ସ୍ଥିତି ବିଗିଡ଼ିଯିବା ସୂଚନା ରହିଛି।

**ମକର**
ଦୈହିକ ଅସୁସ୍ଥତା ଲାଗି ରହିଥିଲେ ମଧ୍ୟ ପାରିବାରିକ ଜୀବନ ଏବଂ ବନ୍ଧୁସମ୍ପର୍କ ଭଲ ରହିବ। କର୍ମକ୍ଷେତ୍ରରେ ଆଲୋଚନା କାଳରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଗୁରୁଜନଙ୍କ ପରାମର୍ଶକ୍ରମେ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲହୋଇ ଖୁସି ଅନୁଭବ କରିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ଯାହାକୁ ଯାହା ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଲାଗି ରହିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବା ସୂଚନା ରହିଛି। ପାରିବାରିକ ଜୀବନ ହସଖୁସି ମଧ୍ୟରେ ସୁନ୍ଦର ଓ ପ୍ରୀତିପ୍ରଦ ରହିବ।

**ମୀନ**
ଉଚ୍ଚବର୍ଗର ଲୋକଙ୍କ ସାହାଯ୍ୟରେ ପୂର୍ବ ସମସ୍ୟା ଦୂରେଇବାରେ ସମର୍ଥ ହେବେ। ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିଲେ ମଧ୍ୟ ବ୍ୟବସାୟ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ଆନୁଷ୍ଠାନିକ କାମ, ରାଜନୀତି ଓ ସାଙ୍ଗଠନିକ ସ୍ତରରେ ଉଚ୍ଚ ପଦାଧିକାରୀଙ୍କ ଚାପର ସମ୍ମୁଖୀନ ହେବେ। ଆତ୍ମୀୟଙ୍କ ସହ ସମ୍ପର୍କହାନି ଚିନ୍ତା ବଢ଼ିଯାଇପାରେ।

ଆଜି ଜୁନ୍ ୧୭ ତାରିଖ, ବସୁମତୀ ସ୍ନାନ, ଆଷାଢ଼ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ। ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୧୧ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୯।୩୫ ଗତେ, ଘ.୧୨।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୫ ଗତେ, ଘ.୦୪।୪୪ ମଧ୍ୟେ ରାହୁକାଳ।







ହିମାଚଳ ପ୍ରଦେଶର କୁଲ୍ଲୁ ଜିଲା ମନାଲି ନିକଟସ୍ଥ ବ୍ୟାସ ନଦୀରେ ପର୍ଯ୍ୟଟକମାନେ 'ରିଭର ରାଫ୍ଟିଂ'ର ମଜା ନେଉଛନ୍ତି।

# ଛାତ୍ରୀଙ୍କୁ ଗଣବଳାତ୍କାର

**ବିସ୍ତୃତ ବେଳାଭୂମି ଏବେ ଅସୁରକ୍ଷିତ ହୋଇପଡ଼ିଛି। ରଜ ସମୟରେ ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମି ପର୍ଯ୍ୟଟନ ସ୍ଥଳରେ ଲୋକେ ହାଉଯାଉ ହେଉଥିବାବେଳେ ରବିବାର ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ସାମ୍ନାରେ ଗଣବଳାତ୍କାର କରାଯାଇଥିବା ଘଟଣା ପଦାକୁ ଆସିଛି। ଏଥିସହ ଗତ ୬ମାସ ମଧ୍ୟରେ ଗୋଳନ୍ଥରା ଓ ଗୋପାଳପୁର ଥାନା ଅଞ୍ଚଳରେ ଦୁଇଟି ବଳାତ୍କାର ଘଟଣା ମିଶି ୩ରେ ପହଞ୍ଚିଲାଣି। ଏହା ସମ୍ପୃକ୍ତ ଅଞ୍ଚଳର ମହିଳାଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଆଲୋଚନା ହେଉଛି।**

## ଗୋପାଳପୁର ବେଳାଭୂମି: ପୁରୁଷବନ୍ଧୁଙ୍କ ସାମ୍ନାରେ ଘଟିଲା ଘଟଣା, ୭ ଅଟକ

ଗୋପାଳପୁର/ବ୍ରହ୍ମପୁର, ୧୬।୬ (ନବୀନ ରାଜ୍ ଆଚାରୀ/ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମି ପର୍ଯ୍ୟଟନସ୍ଥଳରେ ରବିବାର ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଛି। ବେଳାଭୂମି ଅଞ୍ଚଳରେ ଚଢ଼ାଉ କରି ୭ ଜଣଙ୍କୁ କାବୁ କରିଛି। ସେମାନଙ୍କୁ ଥାନାରେ ଅଟକ ରଖି ଜେରା ଚାଲିଛି। ଘଟଣାରେ ୧୦ଜଣ ଯୁବକଙ୍କ ସମ୍ପୃକ୍ତି ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସୋମବାର ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. ଥାନାରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାର ଠିକ ତଦନ୍ତ ପାଇଁ ଜଣେ ମହିଳା ଡିଏସ୍‌ପି ର୍‍ୟାଙ୍କର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସନ୍ଧ୍ୟାରେ ଏସ୍‌ପି, ସାଇଣ୍ଟିଫିକ ଟିମ୍, ଥାନାଧିକାରୀ ଓ ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ନେଇ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ରହ୍ମପୁର ଅଞ୍ଚଳର ଏକ ସରକାରୀ ମହାବିଦ୍ୟାଳୟରେ ପଢୁଥିବା ଅନ୍ୟ ଏକ ଜିଲାର ଛାତ୍ରୀ ରବିବାର ସନ୍ଧ୍ୟାରେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିଲେ। ଉଭୟେ ଏକ ନିଛାଟିଆ ସ୍ଥାନରେ ବସିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ୩ଟି ବାଇକ୍‌ରେ ୧୦ଜଣ ଯୁବକ ସେଠାରେ ପହଞ୍ଚି ପ୍ରଥମେ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରିଥିଲେ। କେତେଜଣ ତାଙ୍କୁ ଅଟକାଇ ରଖିଥିବା ବେଳେ ଆଉ କେତେଜଣ ଯୁବକ ଛାତ୍ରୀଙ୍କୁ ସେଠାରୁ ଉଠାଇ ନେଇ ଗଣବଳାତ୍କାର କରିଥିଲେ। ପରେ ପୁରୁଷ ବନ୍ଧୁଙ୍କଠାରୁ ଫୋନ ପେ' ମାଧ୍ୟମରେ କିଛି ଟଙ୍କା ନେଇ ବିଭିନ୍ନ ଧମକ ଦେଇ ଚାଲି ଯାଇଥିଲେ। ଏ ନେଇ ପୀଡ଼ିତା ଛାତ୍ରୀ ଓ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ଜଣାଇଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ପିଛା କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭ ଯୁବକଙ୍କୁ ଉଠାଇ ନେଇଛି। ସେମାନେ ଏକ କଲେଜର ଛାତ୍ର ବୋଲି ଜଣାପଡିଛି। ଫେରାର ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ସେମାନଙ୍କ ମୋବାଇଲ ଟ୍ରାକିଂ କରାଯାଉଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଗତ ୬ ମାସ ମଧ୍ୟରେ ଗୋଳନ୍ଥରା ଓ ଗୋପାଳପୁର ଥାନା ଅଞ୍ଚଳରେ ଏହା ତୃତୀୟ ବଳାତ୍କାର ଘଟଣା। ଗତ ଜାନୁଆରୀରେ ଗୋପାଳପୁର ଥାନା ଅଞ୍ଚଳରେ ଜଣେ ୪ବର୍ଷର ଶିଶୁ କନ୍ୟାଙ୍କୁ ବସ ଭିତରେ ବଳାତ୍କାର କରାଯାଇଥିଲା। ଏହି ଘଟଣାରେ ପୋଲିସ ଉକ୍ତ ବସ୍‌ର ଡ୍ରାଇଭର ଓ ହେଲ୍‌ପରଙ୍କୁ ଗିରଫ କରିଛି। ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ସେହିପରି ଗତ ୩ ତାରିଖରେ ଗୋଳନ୍ଥରା ଥାନା ଅଞ୍ଚଳରେ ୨ ନାବାଳିକା ଭଉଣୀଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବେଳାଭୂମି ସମେତ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ନ ଥିବା ଅଭିଯୋଗ ହେଉଛି।

# ୨ ପର୍ଯ୍ୟାୟରେ ହେବ ଜନଗଣନା

## ଗେଜେଟ୍ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ, ୧୬।୬

୨୦୧୧ ଜନଗଣନାର ୧୬ ବର୍ଷ ପରେ କେନ୍ଦ୍ର ସରକାର ଭାରତର ଷୋଡ଼ଶ ଜନଗଣନା କରିବା ପାଇଁ ସୋମବାର ବିଜ୍ଞପ୍ତି ଜାରି କରିଛନ୍ତି। ଏହା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟ ୨୦୨୬ ଅକ୍ଟୋବରରୁ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମାର୍ଚ୍ଚ ୧ରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଅଭିଯାନ (ଏଚ୍‌ଏଲ୍‌ଓ), ସମ୍ପତ୍ତି ତଥ୍ୟ, ପରିବାର ଆୟ, ଗୃହ ସ୍ଥିତି ଏବଂ ସୁବିଧା ଆଦି ତଥ୍ୟ ସଂଗ୍ରହ କରାଯିବ। ଏହା ଭାରତର ପ୍ରଥମ ଡିଜିଟାଲ ଜନଗଣନା ହେବାକୁ ଯାଉଥିବାରୁ ଲୋକେ ଘରେ ଥାଇ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇପାରିବେ। ଦ୍ୱିତୀୟ ପର୍ଯ୍ୟାୟ ବା ଜନସଂଖ୍ୟା ହିସାବ ପର୍ଯ୍ୟାୟରେ ଲୋକଙ୍କ ସଂଖ୍ୟା, ପରିବାରରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସାମାଜିକ-ଅର୍ଥନୈତିକ, ସାଂସ୍କୃତିକ ସ୍ଥିତି ଓ ଅନ୍ୟାନ୍ୟ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରାଯିବ। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଜନଗଣନାରେ ଜାତିଗଣନା ସାମିଲ ହୋଇଛି।

ଲଦାଖ ଓ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ବରଫାବୃତ୍ତ ଅଞ୍ଚଳ, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ରାଜ୍ୟରେ ଜନଗଣନାର ଉଲ୍ଲିଖିତ ତିଥି ୨୦୨୬ ଅକ୍ଟୋବର ୧ ତାରିଖ ୦୦.୦୦ ଘଣ୍ଟା ଏବଂ ଦେଶର ଅନ୍ୟ ଭାଗରେ ୨୦୨୭ ମାର୍ଚ୍ଚ ୧ ତାରିଖ ୦୦.୦୦ ଘଣ୍ଟା ରହିବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସାରା ଦେଶର ଜନସଂଖ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ ଲାଗି ହେବାକୁ ଥିବା ଏହି ଦୀର୍ଘ କାର୍ଯ୍ୟକ୍ରମରେ ୧୩,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବ ବୋଲି ଆଶା କରାଯାଉଛି। ଏଥିରେ ୩୪ ଲକ୍ଷ ଜନଗଣନାକାରୀ ଓ ସୁପରଭାଇଜର ଏବଂ ୧.୩ ଲକ୍ଷ ପଦାଧିକାରୀ ଡିଜିଟାଲ ଉପକରଣ ସହ ଜନଗଣନା କାର୍ଯ୍ୟରେ ସାମିଲ ହେବେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର ଜନଗଣନା ☞ ପୃଷ୍ଠା-୯

# ସେଲ୍‌ଫି ନେଲାବେଳେ ଜଳପ୍ରପାତରେ ଖସିପଡ଼ିଲେ ୨ ନାବାଳକ

## ଜଣେ ମୃତ, ଅନ୍ୟ ଜଣେ ନିଖୋଜ

କୋଟପାଡ଼, ୧୬।୬ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଛର୍ଡ଼ଲା ପଞ୍ଚାୟତ ନିକଟ ଗୁଲମୀ ଜଳପ୍ରପାତରେ ୨ ନାବାଳକ ସେଲ୍‌ଫି ନେଉଥିବା ବେଳେ ପାଣିକୁ ଖସି ପଡ଼ି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତକ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ମିର୍ଦ୍ଧାନପଡ଼ାର ଅଭିରାମ ସୁନାଙ୍କ ପୁଅ ଆଲୋକ ରାଜ ସୁନା(୧୫)। ହେମନ୍ତ କୁମାର ମିର୍ଗାନଙ୍କ ପୁଅ କିରଣ(୧୬) ନିଖୋଜ ଅଛନ୍ତି। ସୂଚନା ଅନୁଯାୟୀ, ରବିବାର କୋଟପାଡ଼ ଗୁଲମୀ ଜଳପ୍ରପାତକୁ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ମିର୍ଦ୍ଧାନପଡାର ୫ ଜଣ ଯୁବକ ବୁଲିବାକୁ ଆସିଥିଲେ। କିଛିଦିନ ହେବ ଉପରମୁଣ୍ଡରେ ବର୍ଷା ଲାଗିରହିଥିବାରୁ କୋଲାବ ନଦୀ ଜଳ ଗୁଲମୀ ଜଳପ୍ରପାତ ଦେଇ ପ୍ରବାହିତ ହେଉଛି। ଯୁବକମାନେ ଗୁଲମୀର ବିଭିନ୍ନ ସ୍ଥାନରେ ସେଲ୍‌ଫି ନେଉଥିବା ବେଳେ ୨ ନାବାଳକ ପ୍ରଖର ସ୍ରୋତରେ ଖସି ପଡ଼ିଥିଲେ। ଅନ୍ୟ ସାଙ୍ଗମାନେ ଖୋଜାଖୋଜି କରି କୋଟପାଡ଼ ଥାନାକୁ ଖବର ଦେଇଥିଲେ। କୋଟପାଡ଼ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ପାଇ ☞ ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ସବୁଥିରେ ବେପାର ନ ହେଉ**

# ଯୁବକ ରାଜ୍ୟ ବିକାଶର ସାରଥି: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଜଣେ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ବିଭିନ୍ନ ବିଭାଗର ମନ୍ତ୍ରୀ ଓ ପଦାଧିକାରୀ।

ଭୁବନେଶ୍ୱର, ୧୬।୬ (ସୁନିତ୍ ମିଶ୍ର)

ଯୁବ ଶକ୍ତି ହେଉଛନ୍ତି ରାଜ୍ୟ ବିକାଶ ରଥର ସାରଥି। ଯୁବ ଶକ୍ତିଙ୍କ ଭିତରେ ଥିବା ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜ କଲ୍ୟାଣରେ ଉପଯୋଗ ପାଇଁ ଆମେ ପ୍ରାଧାନ୍ୟ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ୫ଟି ବିଭାଗର ୯୬୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ଏଥିରେ ପୂର୍ତ୍ତ ବିଭାଗର ୫୬୩, ଜଳ ସମ୍ପଦ ବିଭାଗର ୬୨, ପଞ୍ଚାୟିତ ରାଜ ଓ ପାନୀୟ ଜଳ ବିଭାଗର ୧୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୪ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୮ଟି ପଦବୀରେ ନିଯୁକ୍ତି ଦିଆଯାଇଛି। ଏହିସବୁ ପଦବୀଗୁଡ଼ିକ ମଧ୍ୟରେ କନିଷ୍ଠ ଯନ୍ତ୍ରୀ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ, ଟ୍ରେସର, ବୈଧ ମାପ ବିଜ୍ଞାନ ନିରୀକ୍ଷକ, ଜୁନିଅର ଆକାଉଣ୍ଟାଣ୍ଟ ପଦବୀ ରହିଛି।

ନିଯୁକ୍ତି ମେଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ରଜ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ସରକାରୀ ଚାକିରି ସର୍ବଦା ଜନସେବା ☞ ପୃଷ୍ଠା-୯

# ଡାଇରିଆ ସହ ହଇଜା ବ୍ୟାପିଛି: କେନ୍ଦ୍ରୀୟ ଟିମ୍

ଯାଜପୁର, ୧୬।୬ (ହର୍ଷବର୍ଦ୍ଧନ ବେହେରା)

- **ଯାଜପୁରରେ ଆଉ ୨ ଜୀବନ ଗଲା, ମୃତ୍ୟୁସଂଖ୍ୟା ୧୮ ହେଲା**
- **ଫାଷ୍ଟଫୁଡ, ହୋଟେଲ, ମାଛ, ମଟନ, ଚିକେନ ଦୋକାନ ବନ୍ଦ ନିର୍ଦ୍ଦେଶ**

ଯାଜପୁର ଜିଲାରେ ଡାଇରିଆ ସହ ହଇଜା(କଲେରା) ବ୍ୟାପିଥିବା ୧୪ ଜଣିଆ କେନ୍ଦ୍ରୀୟ ଟିମ୍ ସୋମବାର ସ୍ପଷ୍ଟ କରିଛି। ରୋଗୀଙ୍କ ଝାଡ଼ା ନମୁନାରେ ମାରାତ୍ମକ ବ୍ୟାକ୍ଟେରିଆ ଭିବ୍ରିଓ କଲେରା ଚିହ୍ନଟ ହୋଇଛି। ଗତ ୯ରୁ ୧୬ ତାରିଖ ଅର୍ଥାତ୍ ୮ ଦିନ ମଧ୍ୟରେ ୧୮ଜଣଙ୍କର ମୃତ୍ୟୁ ଘଟିଲାଣି। ପ୍ରତିଦିନ ଏଥିରେ କେହି ନା କେହି ପ୍ରାଣ ହରାଉଛନ୍ତି। ଯାଜପୁର ଜିଲାରେ ସାଂଘାତିକ ସ୍ଥିତି ରହିଥିବାବେଳେ ପଡ଼ୋଶୀ କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ, କଟକ ଜିଲା ସମେତ ରାଜଧାନୀ ଭୁବନେଶ୍ୱରରେ ଝାଡ଼ାବାନ୍ତି ବ୍ୟାପିଲାଣି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଲୋକଙ୍କୁ ସଚେତନ କରାଯିବା ସହ ଜଳଉତ୍ସ ବିଶୁଦ୍ଧୀକରଣ, ଉତ୍ତମ ଚିକିତ୍ସାସେବା ଓ ଅନ୍ୟାନ୍ୟ ନିରାକରଣ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ଯାଜପୁର ଜିଲାର ପ୍ରଭାବିତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଫାଷ୍ଟଫୁଡ୍, ହୋଟେଲ, ମାଛ, ମଟନ, ଚିକେନ ଦୋକାନ ବନ୍ଦ ନିର୍ଦ୍ଦେଶ ଦିଆଯାଇଛି।

ସୋମବାର ଯାଜପୁର ଜିଲାରେ ପୁଣି ୨ ଜଣ ଡାଇରିଆ ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ସୁକିନ୍ଦା ବ୍ଲକ ବଇରିମାଳ ଗ୍ରାମର ବସନ୍ତ ବାରିକ (୪୨) ଏବଂ ସାରଙ୍ଗପୁର ଗ୍ରାମର ନନ୍ଦ ଜେନା(୭୦) ବୋଲି ସୂଚନା ମିଳିଛି। ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡିକାଲରେ ବସନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନନ୍ଦଙ୍କ ଜୀବନ ଯାଇଛି। ଯାଜପୁର ଗସ୍ତରେ ଆସିଥିବା ୧୪ ଜଣ କେନ୍ଦ୍ରୀୟ ଦଳ ପରୀକ୍ଷାନିରୀକ୍ଷା କରି ହଇଜା ବ୍ୟାପିଥିବା ରିପୋର୍ଟରେ ଦର୍ଶାଇଛନ୍ତି। ଏହାବାଦ ଭିବ୍ରିଓ କଲେରା ବ୍ୟାକ୍ଟେରିଆ ଜରିଆରେ ଝାଡ଼ାବାନ୍ତି ବ୍ୟାପୁଥିବା ସୂଚନା ଦେଇଛନ୍ତି। ତେବେ ଏହା ସେତେଟା ମାରାତ୍ମକ ☞ ପୃଷ୍ଠା-୯

# ଇସ୍କନ କଥା ନ ମାନିଲେ ଆଇନଗତ ପଦକ୍ଷେପ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୬।୬ (ସୁନିତ୍ ମିଶ୍ର)

ଆଗରୁ ଅଦିନିଆ ରଥଯାତ୍ରା କରୁଥିବା ଇସ୍କନ ଏବେ ତିଥି ବାହାରେ ସ୍ନାନ ଯାତ୍ରା ମଧ୍ୟ କଲାଣି। ଏହି ଘଟଣାରେ ରବିବାର ଗଜପତି ମହାରାଜ ଦିବ୍ୟସିଂହ ଦେବ ମାୟାପୁର ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଅନ୍ୟପଟେ ଏହି ଘଟଣାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଡ଼ା ପ୍ରତିକ୍ରିୟା ପ୍ରକାଶ କରି ଏହା ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏହି ପ୍ରସଙ୍ଗରେ ଇସ୍କନକୁ ଜଣାଇ ଦିଆଯାଇଛି, କଥା ନ ମାନିଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ।

# ରିଲ୍ସ ନିଶା: ସାପକୁ ଚୁମ୍ବନ ଦେବାବେଳେ ଖାଇଲେ ଚୋଟ

ମୋରାଦାବାଦ, ୧୬।୬

ଉତ୍ତରପ୍ରଦେଶର ଅମରୋହା ଜିଲା ହୈବତପୁର ଗ୍ରାମରେ ଜଣେ ବ୍ୟକ୍ତି ରିଲ୍ସ ପାଇଁ ସାପକୁ ଚୁମ୍ବନ ଦେବାକୁ ଚେଷ୍ଟା କରୁଥିବା ବେଳେ ସାପ ତାଙ୍କ ଜିଭକୁ ଚୋଟ ଦେଇଥିଲା। ଏବେ ସେ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ସନ୍ଧ୍ୟାରେ ଜିତେନ୍ଦ୍ର କୁମାର (୫୦) ନାମକ ଜଣେ କୃଷକ ଏକ ସାପକୁ ଉଦ୍ଧାର କରିଥିଲେ। ସେ ଉକ୍ତ ସାପ ସହ କିଛି ସମୟ ପାଇଁ ଖେଳିଥିଲେ ଏବଂ ଏହାର ରିଲ୍ସ ମଧ୍ୟ କରିଥିଲେ। ନିଜ ଫଲୋଅର୍ସଙ୍କୁ ପ୍ରଭାବିତ କରିବା ପାଇଁ ସେ ସାପକୁ ବେକରେ ଗୁଡ଼ାଇ ବିଭିନ୍ନ ଷ୍ଟଣ୍ଟ କରିବା ସହ ଅନେକ ପୋଜ୍ ମଧ୍ୟ ଦେଇଥିଲେ। ଏହି ସମୟରେ ସେଠାରେ ଅନେକ ଦେଖଣାହାରୀ ତାଙ୍କର ଭିଡିଓ ପ୍ରସ୍ତୁତ କରିଥିଲେ। ଗ୍ରାମବାସୀଙ୍କ ଅନୁଯାୟୀ, ସେତେବେଳେ ଜିତେନ୍ଦ୍ର ନିଶାରେ ଥିଲେ ଏବଂ ସାପ ସହ ଷ୍ଟଣ୍ଟ କରୁଥିବା ସମୟରେ ସେ ଧୂମପାନ ମଧ୍ୟ କରୁଥିଲେ। ଏହି ସମୟରେ ଜିତେନ୍ଦ୍ର ସାପକୁ ଚୁମ୍ବନ ଦେବା ପାଇଁ ସାପର ମୁଣ୍ଡକୁ ନିଜ ମୁହଁ ପାଖକୁ ଆଣିଥିଲେ। ସେ ସାପ ଆଡ଼କୁ ନିଜ ଜିଭ ବଢ଼ାଇଥିଲେ, ଫଳରେ ସାପଟି ତାଙ୍କ ଜିଭକୁ କାମୁଡ଼ି ଦେଇଥିଲା। ଯନ୍ତ୍ରଣାରେ ଜିତେନ୍ଦ୍ର ସାପଟିକୁ ଫୋପାଡ଼ି ଦେଇଥିଲେ। ଏହାପରେ ସାପଟି ନିକଟରେ ଥିବା ବୁଦା ଭିତରେ ପଶିଯାଇଥିଲା। ଏହା ଦେଖି ଭିଡିଓ କରୁଥିବା ଦେଖଣାହାରିମାନେ ଆତଙ୍କିତ ହୋଇପଡ଼ିଥିଲେ। ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ଭାଇରାଲ ହେଉଥିବାବେଳେ ଅନେକ ୟୁଜର୍ସ ଜିତେନ୍ଦ୍ରଙ୍କୁ ସମାଲୋଚନା କରିଛନ୍ତି। ହୈବତପୁର ଗ୍ରାମର ମୁଖିଆ ଜୟକିରତ ସିଂ କହିଛନ୍ତି, ସାପ କାମୁଡ଼ା ପରେ ଜିତେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଦ୍ରୁତ ଗତିରେ ଖରାପ ହୋଇଥିଲା। ତୁରନ୍ତ ତାଙ୍କୁ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୋରାଦାବାଦର ଏକ ଘରୋଇ ହସ୍ପିଟାଲକୁ ରେଫର କରିଥିଲେ, ଯେଉଁଠାରେ ଏବେ ସେ ଇଣ୍ଟେନସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ଚିକିତ୍ସିତ ହେଉଛନ୍ତି। ଜିତେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବା ଜୟକିରତ କହିଛନ୍ତି।

**ଏବେ ଆଇସିୟୁରେ**



ଜିତେନ୍ଦ୍ର କୁମାର

# ପ୍ରସାଧନ ସାମ୍ରାଜ୍ୟର ଦାୟାଦ ଲିଓନାର୍ଡ ଲାଉଡରଙ୍କ ପରଲୋକ

ନ୍ୟୁୟର୍କ, ୧୬।୬

ପ୍ରସାଧନ ସାମ୍ରାଜ୍ୟର ବିଲିଅନେୟାର ଦାୟାଦ ଲିଓନାର୍ଡ ଲାଉଡରଙ୍କର ୯୨ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। କସ୍‌ମେଟିକ୍ସ ପାଓନିୟର ଏଷ୍ଟି ଲାଉଡର ଏବଂ ଜୋସେଫ ଏଚ୍. ଲାଉଡରଙ୍କ ଜ୍ୟେଷ୍ଠପୁତ୍ର ଲିଓନାର୍ଡ ଏଷ୍ଟି ଲାଉଡର କମ୍ପାନୀର ପୂର୍ବତନ ମୁଖ୍ୟ ଥିଲେ। ଅକ୍ଳାନ୍ତ ପରିଶ୍ରମ କରି ସେ ସୌନ୍ଦର୍ଯ୍ୟ ଶିଳ୍ପ ନିର୍ମାଣ କରିବା ସହ ଏଥିରେ ବ୍ୟାପକ ପରିବର୍ତ୍ତନ ଆଣିଥିଲେ। ସମ୍ପ୍ରତି ଏହି ଶିଳ୍ପର ମୌଳିକ ଆବଶ୍ୟକତା କୁହାଯାଉଥିବା ନବୋନ୍ମେଷ, ଧାରା ଏବଂ ସର୍ବଶ୍ରେଷ୍ଠ ପ୍ରକ୍ରିୟାର ସେ



କର୍ଣ୍ଣଧାର ଥିଲେ ବୋଲି ତାଙ୍କ ପୁଅ ତଥା କମ୍ପାନୀ ବୋର୍ଡ ଅଫ୍ ଡାଇରେକ୍ଟର୍ସର ଅଧ୍ୟକ୍ଷ ୱିଲିୟମ ପି. ଲାଉଡର କହିଛନ୍ତି। ଲିଓନାର୍ଡ କେବଳ ଜଣେ ବ୍ୟବସାୟୀ ନ ଥିଲେ, ଜଣେ ପରୋପକାରୀ ଏବଂ କଳାର ଉପାସକ ଭାବେ ସେ ଜଣାଶୁଣା ☞ ପୃଷ୍ଠା-୯

"ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। –ଶ୍ରୀଅରବିନ୍ଦ



# ସବୁଥିରେ ବେପାର ନ ହେଉ

ଭାରତରେ ଏଇ କିଛିବର୍ଷ ହେବ ବିକାଶ ନାମରେ ପ୍ରକୃତିଦତ୍ତ ପରିବେଶ ସହ ସାଲିସ କରିଦିଆଯାଉଥିବାରୁ ବିପର୍ଯ୍ୟୟ ମାତ୍ରାଧିକ ହେଲାଣି। ତାହାର ପରିଣାମ ସ୍ପଷ୍ଟ ଦୃଶ୍ୟମାନ ହେଉଥିବା ବେଳେ ସରକାରୀ ବ୍ୟବସ୍ଥା ସେଥିପ୍ରତି ନିଘା ଦେଉନାହିଁ। ଏହା ପଛରେ ରହିଥିବା କାରଣଟିକୁ ଖୋଜିଲେ ସବୁକିଛି 'ବେପାରସର୍ବସ୍ୱ' ହୋଇଯାଉଛି। କେଉଁ ପରିବେଶ ଓ ପରିସଂସ୍ଥାନକୁ ବ୍ୟବହାର କରାଯାଇ ଲାଭ ମିଳିପାରିବ, ସେସବୁ ଜାଣିବା ଲାଗି ଥୋକେ ଲୋକ ଯେମିତି ନିୟୋଜିତ ହେବା ଭଳି ଦେଖାଯାଉଛି। ସଦ୍ୟ ଉଦାହରଣ ହେଉଛି ଚାରିଧାମ ଯାତ୍ରା। ପୂର୍ବରୁ ଆମେ ଜାଣିଥିଲୁ ଭାରତୀୟ ଉପମହାଦେଶର ଚାରିକୋଣକୁ ଆଦି ଶଙ୍କରାଚାର୍ଯ୍ୟ ପାଦରେ ବୁଲି ଧାମ ସୃଷ୍ଟି କରି ସନାତନ ଚିନ୍ତାଧାରାକୁ ପୁନର୍ଜନ୍ମ ଦିଆଇଥିଲେ। ସେହି ୪ଟି ସ୍ଥାନ ହେଲା ପୁରୀ, ବଦ୍ରିନାଥ, ଦ୍ୱାରକା ଓ ରାମେଶ୍ୱରମ୍। ଏହିସବୁ ସ୍ଥାନକୁ ଧାମ ଭାବେ ପରିଚୟ ଦେଇ ସେତେବେଳେ ବୌଦ୍ଧଧର୍ମର ପ୍ରସାରକୁ ରୋକିବାର ଉଦ୍ୟମ କରିଥିଲେ ଶଙ୍କରାଚାର୍ଯ୍ୟ। ଆଧୁନିକ ଭାରତରେ ଚାରିଧାମ କହିଲେ ଅଧିକାଂଶ ଭାରତୀୟ ଏବେ ଉତ୍ତରାଖଣ୍ଡ ଭିତରେ ତାହାକୁ ସୀମିତ ରଖି ଦେଇଛନ୍ତି। ଉତ୍ତରାଖଣ୍ଡର ଯମୁନେତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ଯାତ୍ରା ଏକସଙ୍ଗେ କଲେ ଚାରିଧାମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। କୁହାଯାଇଥାଏ ସେଠାକାର ଯମୁନା ନଦୀରେ ଯିଏ ବୁଡ଼ ପକାନ୍ତି ସେ ଅକାଳ ମୃତ୍ୟୁରୁ ରକ୍ଷା ପାଇଯାଆନ୍ତି। କିନ୍ତୁ ଏବେ ଅନେକ ସମୟରେ ସେହି ଚାରିଧାମ ମଧ୍ୟରେ ଅକାଳ ମୃତ୍ୟୁ ଘଟୁଥିବା ପରିଲକ୍ଷିତ ହେଉଛି। ଦଶନ୍ଧି ପୂର୍ବରୁ ଚାରିଧାମ ଯାତ୍ରା ଆଜିଭଳି ଭିଡ଼ରେ ପରିଣତ ହୋଇ ନ ଥିଲା। ପ୍ରାକୃତିକ ପରିବେଶ ଓ ପବିତ୍ରତା ରକ୍ଷା କରି ଶ୍ରଦ୍ଧାଳୁ ସେଠାକୁ ଗମନ କରୁଥିଲେ। ଯେତେବେଳେ ସେହିସବୁ ସ୍ଥାନରେ ବେପାର ମନୋଭାବ ବଢ଼ିଲା ପର୍ଯ୍ୟାପ୍ତ ଲୋକଙ୍କୁ ଠୁଳ କରିବା ଦେଖାଗଲା। କିଛି ବେପାରୀଙ୍କ ପ୍ରରୋଚନାରେ ସରକାର ପ୍ରାକୃତିକ ପରିବେଶର ସୁରକ୍ଷା ପ୍ରତି ଅଣଦେଖା କରି ଭିତ୍ତିଭୂମି ବଢ଼ାଇ ଚାଲିଲେ। ଏମିତି ଦେଖିଲେ ପ୍ରାକୃତିକ ପରିବେଶ ସହନଶୀଳ ସ୍ତର ଅତିକ୍ରମ କରିଯାଉଥିବାରୁ ଭାରସାମ୍ୟ ଦୋହଲି ଯାଉଛି। ଆଉ ଏକ କଥା ଶୁଣିବାକୁ ମିଳୁଛି ଯେ, ଅନେକ ଯାତ୍ରୀ ମଉଜମଜଲିସ ପାଇଁ ସେହି ସବୁ ଅଞ୍ଚଳକୁ ବୁଲି ଯାଉଥିବାରୁ ଅସମ୍ଭାଳ ଭିଡ଼ ହେଉଛି। ସାଧାରଣତଃ ମନ୍ଦିର ଗଲେ ମନ ପବିତ୍ର ହୋଇଥାଏ, ଯଦିବା ସେଠାରେ ଖଣ୍ଡେ ପଥର ପୂଜିତ ହୋଇଥାଆନ୍ତି।

> **ଆଜି ଆଧୁନିକ ମଣିଷର ବେପାରୀ ବୁଦ୍ଧି ଯୋଗୁ ହିମାଳୟଠାରୁ ଆଣ୍ଡାମାନ ଯାଏ ଇଲାକାର ସ୍ଥିତି ବିଗିଡ଼ି ଗଲାଣି। ଦେଶର ଆହୁରି ଅନେକ ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ ଅଞ୍ଚଳ ରହିଛି, ଯେଉଁଠାରେ ବିକାଶ ନାମରେ ବେପାର ଚାଲିଛି। ବାସ୍ତବରେ ଦେଶର ସମୃଦ୍ଧି ଦିଗରେ ଭିତ୍ତିଭୂମି ଉନ୍ନତି କରାଯିବା ଦରକାର। କିନ୍ତୁ ତାହା ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ବା ନିରନ୍ତର ବିକାଶ ହେବା କଥା।**

ବିଶ୍ୱାସ ସହ ଭକ୍ତି ମିଶିଯିବା ପରେ ସମ୍ପୃକ୍ତ ଜାଗାଟିରେ ଏକ ସକାରାତ୍ମକ ତଥା ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୋଇଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି। ତାହାର ସୁଫଳ ମଧ୍ୟ ଶ୍ରଦ୍ଧାଳୁ ପାଇଥାଆନ୍ତି। ହେଲେ ଯାତାୟାତଠାରୁ ଆରମ୍ଭ କରି ପୂଜାବିଧି ଯାଏ ବେପାରୀଙ୍କ ଅତ୍ୟଧିକ ହସ୍ତକ୍ଷେପ ରହୁଥିବାରୁ ଯାତ୍ରା ସୁଗମ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ପ୍ରକୃତି ଦାଉ ସାଧୁଥିବାରୁ ଯାତ୍ରାଜନିତ ସ୍ଥିତି ବିଗିଡ଼ି ଯାଉଛି। ୨୦୨୫ ଏପ୍ରିଲ ୩୦ରୁ ଆରମ୍ଭ ହୋଇଥିବା ଚାରିଧାମ ଯାତ୍ରାରେ ୧୫ ଜୁନ୍ ସୁଦ୍ଧା ୫ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଏଥିସହିତ ଅନିୟନ୍ତ୍ରିତ ନିର୍ମାଣ ଭିତ୍ତିଭୂମି ଯୋଗୁ ଭୂସ୍ଖଳନ, ହିମସ୍ଖଳନ ମାତ୍ରା ବଢ଼ିଯାଇ ଅଧିକ ବିପର୍ଯ୍ୟୟ ସୃଷ୍ଟି କରୁଛି।

ଭାରତର ଆଦିମ ଜନଜାତି ବାସ କରୁଥିବା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଭିତ୍ତିଭୂମି ବିକାଶ କରାଯାଇ ଆଧୁନିକ ସହରୀକରଣ ବ୍ୟବସ୍ଥା ସୃଷ୍ଟି କରାଯିବାକୁ ନେଇ ପ୍ରକୃତିପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। ପର୍ଯ୍ୟଟନର ବିକାଶ କରାଯିବା ବେଳେ ସେଠାକାର ପରିସଂସ୍ଥାନ, ଆଦିମ ଅଧିବାସୀଙ୍କ ଜୀବନଯାପନକୁ ଭଲ ଭାବେ ଅନୁଧ୍ୟାନ କରା ନ ଯିବାରୁ ସେମାନଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇସାରିଲାଣି। ତଥ୍ୟ ଦେଖିଲେ ୫ଟି ଆଦିମ ଅଧିବାସୀ ଯଥା ଆଣ୍ଡାମାନିଜ୍ ୫୯, ଜାରୱା ୩୪୦ରୁ ଅଧିକ, ଓଞ୍ଜେ ୧୧୦, ସେଣ୍ଟିନେଲିଜ୍ ୨୦୦ରୁ କମ୍ ଏବଂ ସୋମ୍ପେନ୍ ପାଖାପାଖି ୩୦୦ ରହିଛନ୍ତି। ବିକାଶ ଯୋଗୁ ସେମାନଙ୍କ ରହଣିସ୍ଥଳ, ଶିକାର ଆଦି ବିପର୍ଯ୍ୟସ୍ତ ହୋଇଯାଇଥିବାରୁ ଆଗକୁ ଆଦିମ ଟ୍ରାଇବ୍ ଇତିହାସରେ ରହିଯିବେ। ସାଧାରଣତଃ ନିଷ୍ପେଷିତ ଅବସ୍ଥାରେ ଥିବା ବର୍ଗକୁ ମୁଖ୍ୟସ୍ରୋତକୁ ଆଣିବା ଲାଗି ପ୍ରଶାସନିକ ବ୍ୟବସ୍ଥା ଚେଷ୍ଟା କରିବା ଦରକାର। କିନ୍ତୁ ଯିଏ ସମ୍ପୂର୍ଣ୍ଣ ପ୍ରକୃତି କୋଳରେ ନିଜ ଧାରାରେ ବଞ୍ଚିଛି ତା' ଜୀବନଶୈଳୀରେ ଅନାବଶ୍ୟକ ହସ୍ତକ୍ଷେପ କରାଯାଉଥିବାରୁ ସେମାନଙ୍କ ଜୀବନ ବିପଦରେ ପଡୁଛି।

ଆଜି ଆଧୁନିକ ମଣିଷର ବେପାରୀ ବୁଦ୍ଧି ଯୋଗୁ ହିମାଳୟଠାରୁ ଆଣ୍ଡାମାନ ଯାଏ ଇଲାକାର ସ୍ଥିତି ବିଗିଡ଼ି ଗଲାଣି। ଦେଶର ଆହୁରି ଅନେକ ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ ଅଞ୍ଚଳ ରହିଛି, ଯେଉଁଠାରେ ବିକାଶ ନାମରେ ବେପାର ଚାଲିଛି। ବାସ୍ତବରେ ଦେଶର ସମୃଦ୍ଧି ଦିଗରେ ଭିତ୍ତିଭୂମି ଉନ୍ନତି କରାଯିବା ଦରକାର। କିନ୍ତୁ ତାହା ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ବା ନିରନ୍ତର ବିକାଶ ହେବା କଥା। ଅର୍ଥାତ୍ ପ୍ରାକୃତିକ ପରିବେଶକୁ ନଷ୍ଟ ନ କରି ମଣିଷର ଆବଶ୍ୟକତା ବା ଚାହିଦାକୁ ପୂରଣ କରିବା ଦିଗରେ ନିର୍ଦ୍ଦିଷ୍ଟ ଭାବେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଗଲେ ସ୍ଥିତି ଅସ୍ୱାଭାବିକ ହୁଅନ୍ତା ନାହିଁ। ତାହା ଭାରତରେ କୌଣସି କ୍ଷେତ୍ରରେ ଘଟିପାରୁ ନାହିଁ ବୋଲି ସମସ୍ତେ ଅନୁଭବ କରନ୍ତି। ପର୍ଯ୍ୟଟନ ଓ ଦୁଃସାହସିକ କ୍ରୀଡ଼ାର ପ୍ରସାର ଲାଗି ଯେଭଳି ଲୋକମାନଙ୍କୁ ଅଧିକ ମାତ୍ରାରେ ଏକତ୍ର କରାଯାଉଛି, ତାହା ଦ୍ୱାରା ଅଘଟଣ ବଢ଼ିଚାଲୁଛି। ମହାକୁମ୍ଭରେ ୬୦ କୋଟି ଲୋକଙ୍କ ସମାଗମ କରିବା ଲାଗି ଟାର୍ଗେଟ ସ୍ଥିର କରାଯିବା ଅପେକ୍ଷା ଯାତ୍ରୀମାନେ କିଭଳି ସୁରକ୍ଷିତ ଭାବେ ଯାଆସ କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବାର ଥିଲା। ସେହିଭଳି ବେପାରକୁ ଆଖି ଆଗରେ ରଖିବା ପରିବର୍ତ୍ତେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଉଚିତ। ଉଦାହରଣ ସ୍ୱରୂପ, ଅନୁକୂଳ ପାଗ ନ ଥିବା ବେଳେ ହେଲିକପ୍ଟର ଉଡ଼ିବା କଥା ନୁହେଁ।


# ଓଡ଼ିଆରେ ଶାସନ ; କେତେ ବାସ୍ତବ କେତେ ସ୍ୱପ୍ନ



ଦେବେନ୍ଦ୍ର ନାଥ ରାଉତ

ଯେଉଁ ଜାତି ନିଜର ମାତୃଭାଷାକୁ ଯେତେ ଅଧିକ ଗୁରୁତ୍ୱ ଦେଇଛି ସେ ଜାତି ସେତେ ଅଧିକ ସମୃଦ୍ଧ। ଏହା ଏକ ପ୍ରବନ୍ଧ, ଉପନ୍ୟାସ ବା ଗଳ୍ପର ପଂକ୍ତି ନୁହେଁ, ସାମ୍ପ୍ରତିକ ବିଶ୍ୱ ଦରବାରରେ ଏକ ପ୍ରମାଣିତ ତଥ୍ୟ। ଜାପାନ, ଜର୍ମାନ, କୋରିଆ, ଚାଇନା, ଆମେରିକା, ରୁଷିଆ ପରି ଯେ କୌଣସି ରାଷ୍ଟ୍ରକୁ ଅନୁଧ୍ୟାନ କଲେ ଆମେ ଏହି ସିଦ୍ଧାନ୍ତରେ ସହଜରେ ଉପନୀତ ହୋଇପାରିବା। ମାତୃଭାଷାକୁ ସରକାରୀ, ବେସରକାରୀ ତଥା ଶିକ୍ଷା ବ୍ୟବସ୍ଥାରେ ବାଧ୍ୟତାମୂଳକ କଲେ ବ୍ୟକ୍ତିର ସମ୍ପୂର୍ଣ୍ଣ ସାମଗ୍ରିକ ବିକାଶ ସମ୍ଭବ ହେବା ସହିତ ଜାତୀୟ ଜୀବନରେ ସାମଗ୍ରିକ ଅଭିବୃଦ୍ଧି ସହଜ ହୋଇଥାଏ। ଏହି ସତ୍ୟକୁ ଅନୁଭବ କରି ଓଡ଼ିଶାର ପ୍ରଥମ ନିର୍ବାଚିତ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଆ ଭାଷା ଆଇନ–୧୯୫୪ ବିଧାନ ସଭାରେ ଆଣିଥିଲେ ଓ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ହେବା ପାଇଁ ଏହି ଆଇନ ଉଦ୍ଦିଷ୍ଟ ଥିଲା। ଏହା ସେତେବେଳେ ଅସହଜ ମନେହେଉଥିଲା କାରଣ ଶାସନ ବ୍ୟବସ୍ଥାରେ ଥିବା ଅଧିକାଂଶ ଉଚ୍ଚ ପଦାଧିକାରୀ ଓଡ଼ିଆ ଭାଷାରେ ଦକ୍ଷ ନ ଥିଲେ ବା ଓଡ଼ିଆକୁ ଗୁରୁତ୍ୱ ଦେଉ ନ ଥିଲେ। ଏମିତି ଏକ ସମୟରେ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ସେ ଓଡ଼ିଆ ଭାଷାରେ ଶାସନ କାର୍ଯ୍ୟ ପରିଚାଳନା କରିବାର ଦୁଃସାହସ କରିଥିଲେ। ଏହି ସମୟରେ ସେ ବିଧାନସଭାରେ ରାଜନୈତିକ ଚକ୍ରାନ୍ତର ଶିକାର ହୋଇ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିଲେ। ଏହି ଅନାସ୍ଥା ପ୍ରସ୍ତାବ ସମୟରେ ତାଙ୍କ ବିରୋଧରେ ଦୁଇଜଣ ଶାସକ ଦଳର ବିଧାୟକ ଭୋଟ ଦେବାରୁ ସେ ସଂଖ୍ୟା ଗରିଷ୍ଠତା ପ୍ରମାଣିତ କରି ମଧ୍ୟ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ପ୍ରଦାନ କରି ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ତାଙ୍କର ଇସ୍ତଫା ପରେ ଓଡ଼ିଶାରେ ଓଡ଼ିଆ ଶାସନର ସ୍ୱପ୍ନ ସ୍ୱପ୍ନରେ ରହିଗଲା।

ଓଡ଼ିଆ ଭାଷା ଆଇନ ୧୯୫୪ କେବଳ ଫାଇଲ ମଧ୍ୟରେ ସୀମିତ ହୋଇ ରହିଗଲା। ମାତୃଭାଷାର ବ୍ୟାପକ ବ୍ୟବହାର ଦ୍ୱାରା ଓ ଲୋକମାନେ ସହଜ ଶାସନ ବ୍ୟବସ୍ଥା ପାଇବା ସହିତ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପ୍ରଗତି ସାଧିତ ହେବାର ସ୍ୱପ୍ନ ଅପୂରଣୀୟ ରହିଗଲା। ତା'ପରେ ରାଜନୈତିକ ପଟ ପରିବର୍ତ୍ତନ ଅନେକବାର ହୋଇଛି କିନ୍ତୁ ଭାଷା ଆଇନକୁ କାର୍ଯ୍ୟକାରୀ କରିବାର ସଂକଳ୍ପିତ ପ୍ରୟାସ ଆଜି ପର୍ଯ୍ୟନ୍ତ ହୋଇନାହିଁ। ଏକ ସମୟରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ପରିଚାଳିତ ସରକାର ସମସ୍ତ ଶାସନ କାର୍ଯ୍ୟ ଓଡ଼ିଆରେ କରିବା ପାଇଁ ଟାଇପ ରାଇଟର କ୍ରୟ କରିଥିଲେ। ଭାଷା



ଆଇନ ୧୯୫୪କୁ ଲାଗୁ କରାଇବା ପାଇଁ ମଧ୍ୟ ପ୍ରୟାସ କରିଥିଲେ। ସେ ମଧ୍ୟ ଏହି ପ୍ରୟାସରେ ସଫଳ ହୋଇ ନ ଥିଲେ କାରଣ ଅମଲାତନ୍ତ୍ରର ଇଚ୍ଛାଶକ୍ତିର ଅଭାବ ଓ ଅସହଯୋଗ ଭାବ। ଏମିତି ଏକ ଦୁର୍ବଳ ବ୍ୟବସ୍ଥା ମଧ୍ୟରେ ଓଡ଼ିଆ ଶାସନ କେବଳ ବୁଦ୍ଧିଜୀବୀଙ୍କ ନିୟମିତ ଆଲୋଚନା ଓ ଦାବି ଉପସ୍ଥାପନରେ ଉଜ୍ଜୀବିତ ରହିଛି। ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ବୁଦ୍ଧିଜୀବୀ ଓ ମିଳିତ ଭାବରେ ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ଆରମ୍ଭ କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓ ଭାଷା ଆଇନ ୧୯୫୪ରେ କିଛି ପରିବର୍ତ୍ତନ କରି ଲାଗୁ କରିବା ପାଇଁ ୨୦୧୬ ମେ ୨୧ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହି ବର୍ଷ ଅଗଷ୍ଟ ୧୨ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଭାଷା ଆଇନ ଲାଗୁ କରାଇବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଗଲା। ଅକ୍ଟୋବର ୨୨ରେ ଇଂଲିଶ ସହିତ ଓଡ଼ିଆକୁ ବାଧ୍ୟତାମୂଳକ ଭାବେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଜାରି କରାଗଲା। ଏହା ସମଗ୍ର ଓଡ଼ିଶାରେ ଏକ ସମ୍ଭାବନାର ସ୍ୱର ସୃଷ୍ଟି କରିଥିଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ଅସମ୍ଭବ ପ୍ରକାର ଶିଥିଳତା ପରିଲକ୍ଷିତ ହୋଇଥିଲା। ଏହି ଶିଥିଳତାକୁ ଦୂର କରିବା ପାଇଁ ପୁନଃ ୨୦୧୮ ଜୁନ୍ ୩୦ରେ ଓଡ଼ିଆ ଭାଷାକୁ ବ୍ୟବହାର କରୁଥିବା କର୍ମଚାରୀ ଓ ଅନୁଷ୍ଠାନକୁ ପୁରସ୍କାର ଓ ଅବହେଳା କରୁଥିବା କର୍ମଚାରୀଙ୍କୁ ଦଣ୍ଡ ବିଧାନ କରିବାର ବ୍ୟବସ୍ଥା କରାଗଲା। ଆଶା କରାଯାଉଥିଲା ଏଥର ଓଡ଼ିଆ ଭାଷା ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। କିନ୍ତୁ ନିୟମ ତିଆରି କରିବା ସରକାରଙ୍କର କର୍ତ୍ତବ୍ୟ ହୋଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥାର ପ୍ରବର୍ତ୍ତନ କରିବା ତାଙ୍କର ଦାୟିତ୍ୱ ବୋଲି ଭୁଲିଯାଇଛନ୍ତି। ଏଠାରେ ନିୟମ ତିଆରି କରିବା ଓ ତାହାକୁ କାର୍ଯ୍ୟକାରୀ କରିବା ମଧ୍ୟରେ ଯେଉଁ ବିରାଟ ବ୍ୟବଧାନ ରହିଛି ତା' ପାଇଁ ସରକାରୀ ନଥିପତ୍ରରେ ହେଉଥିବା ଆଇନର କାର୍ଯ୍ୟକାରିତା ହାର ଖୁବ୍ କମ୍। ୨୦୨୪ରେ ସରକାର ପରିବର୍ତ୍ତନ ହୋଇଛି। ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ନୂତନ ସରକାରକୁ ଲୋକେ ନିର୍ବାଚିତ କରିଛନ୍ତି। ଏହା ମଧ୍ୟରେ ଏକ ବର୍ଷ ଅତିକ୍ରାନ୍ତ। ତଥାପି ଓଡ଼ିଆ ଭାଷାରେ ଶାସନ ଏବେ ବି ସ୍ୱପ୍ନ ହୋଇରହିଛି।

ଏମିତି କାହିଁକି ହେଉଛି ? କାହିଁକି ପ୍ରଶାସନିକ କଳ ଓଡ଼ିଆକୁ ତା'ର ମାଧ୍ୟମ ଭାବରେ ଗ୍ରହଣ କରି ପାରୁନାହିଁ? ଏହା କ'ଣ କେବଳ ମନୋବୃତ୍ତିର ଅଭାବ ନା ଇଂଲିଶ ଭାଷା ପ୍ରତି ଅତ୍ୟଧିକ ଦୁର୍ବଳତା ? ଉପରଠାଉରିଆ ଭାବରେ ଉତ୍ତର ଖୋଜିଲେ ଏହି ଦୁଇଟି କାରଣ ମନେହେଉଥିଲେ ମଧ୍ୟ ବାସ୍ତବରେ ଏହି ଦୁଇଟି ମଧ୍ୟରୁ କେଉଁଟି ବି ମୁଖ୍ୟ କାରଣ ନୁହେଁ। ଓଡ଼ିଶାରେ ଓଡ଼ିଆରେ ଶାସନ ନ ହେବାର ମୁଖ୍ୟ କାରଣ ହେଉଛି ସରକାରୀ ବ୍ୟବସ୍ଥାରେ ଶୁଦ୍ଧ ଲେଖିବା ବା କହିବା ବ୍ୟବସ୍ଥାର ଅଭାବ। ୧୯୫୪ଠାରୁ ଆଜି ପର୍ଯ୍ୟନ୍ତ ଆମେ କେବଳ ସମସ୍ୟା କଥା କହିଆସିଛେ। ସେହି ସମସ୍ୟାର ଉଚିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ପଛେଇ ଯାଇଛେ। ଯଦ୍ଦ୍ୱାରା ଓଡ଼ିଆ ଭାଷାର ଶାସନ ଆମ ପାଖରେ ଉପଲବ୍ଧ ହୋଇ ପାରିନାହିଁ। ସାମ୍ପ୍ରତିକ ସମୟରେ କୌଣସି ସରକାରୀ ବା ବେସରକାରୀ କାର୍ଯ୍ୟାଳୟରେ ଚିଠିପତ୍ର ହାତରେ ଲେଖା ଯାଉନାହିଁ। ସମସ୍ତ ଫାଇଲ କମ୍ପ୍ୟୁଟରରେ ପ୍ରସ୍ତୁତ କରାଯାଉଛି। ଅର୍ଥାତ୍ ଓଡ଼ିଆ ଭାଷାରେ କାର୍ଯ୍ୟ କରିବାକୁ ହେଲେ ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ଅତ୍ୟନ୍ତ ଜରୁରୀ। ଗୋଟିଏ ଭାଷାକୁ ଠିକ୍ କମ୍ପ୍ୟୁଟରୀକରଣ (ଡିଜିଟାଲାଇଜେଶନ) କରିବା ପାଇଁ ଅନେକ ପ୍ରାରମ୍ଭିକ ବ୍ୟବସ୍ଥା ଦେଇ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ଓଡ଼ିଆ ଭାଷା ଅନେକ ପଛରେ ରହିଯାଇଛି। ୧୯୧୪ରୁ ଏହି କ୍ଷେତ୍ରରେ ଦିଲ୍ଲୀ ସ୍ଥିତ ଏକ ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନ ନିୟମିତ ଭାବରେ ବିଶେଷଜ୍ଞଙ୍କୁ ଏକତ୍ର କରି ଆଲୋଚନା କରିବା ସହିତ ଏହାର ପ୍ରସ୍ତାବମାନ ଓଡ଼ିଆରେ ସରକାରଙ୍କୁ ପ୍ରଦାନ କରିଆସୁଛି। ଏହାର ପ୍ରଭାବ ଆଜି ପର୍ଯ୍ୟନ୍ତ ସାମାନ୍ୟ ଭାବରେ ପରିଲକ୍ଷିତ ହୋଇଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ। ଏଥି ପାଇଁ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ଏକ ମିଳିତ ଓ ସମର୍ପିତ ପ୍ରୟାସ ହେବା ଅତ୍ୟନ୍ତ ଜରୁରୀ। ଏହି ପ୍ରୟାସ ଦ୍ୱାରା କେବଳ ଓଡ଼ିଆରେ ଶାସନ ସହଜ ତଥା ଗ୍ରହଣୀୟ ହେବନାହିଁ ବରଂ ସାଧାରଣ ଜନତାଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଲକ୍ଷ ଲକ୍ଷ ମୋବାଇଲ, ଲାପ୍‌ଟପ୍ ଓ କମ୍ପ୍ୟୁଟର ମାଧ୍ୟମରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ହୋଇପାରିବ। ମାତୃଭାଷାର ବ୍ୟବହାର ଯେତେ ଅଧିକ ହେବ ରାଜ୍ୟର ଅର୍ଥନୈତିକ ଓ ସାମାଜିକ ପ୍ରଗତି ସେତେ ଅଧିକ ପରିଲକ୍ଷିତ ହେବ।

**ଶିକ୍ଷାବିତ୍ ଓ ଭାଷା ବିଶେଷଜ୍ଞ**
**ନୂଆଦିଲ୍ଲୀ, ମୋ: ୯୩୫୦୧୨୭୩୭୦**

# ମୁକ୍ତିର ସ୍ୱାଦ



ପ୍ର. ଉମେଶ ଚନ୍ଦ୍ର ପାତ୍ର

ମୁକ୍ତି ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର। ମୁକ୍ତି ହେଉଛି ସତ୍–ଚିତ୍–ଆନନ୍ଦ। ମୁକ୍ତି ହେଉଛି ଅମରତ୍ୱ। ମୁକ୍ତି ହେଉଛି ଜ୍ଞାନ, ଶାନ୍ତି ଓ ଆନନ୍ଦର ସମନ୍ୱୟ। ସଚେତନ ବା ଅଚେତନ ଅବସ୍ଥାରେ କିମ୍ବା ଜ୍ଞାତରେ ବା ଅଜ୍ଞାତରେ ପ୍ରତ୍ୟେକ ବ୍ୟକ୍ତି ଏହି ମୁକ୍ତି ଲାଭ ପାଇଁ ସତତ ପ୍ରଚେଷ୍ଟମାନ। ମୁକ୍ତି ପାଇଁ ଜାତି ଜାତି ମଧ୍ୟରେ ଯୁଦ୍ଧ ଲାଗିଛି। ମଣିଷର ପ୍ରତ୍ୟେକ ପଦକ୍ଷେପ ମୁକ୍ତି ବା ସତ୍–ଚିତ୍–ଆନନ୍ଦ ଆଡ଼କୁ ହିଁ ହୋଇଥାଏ।

ଜଣେ ଭକ୍ତ କଥା ପ୍ରସଙ୍ଗରେ ଜାଣିବାକୁ ଚାହିଁଲେ – ମୁକ୍ତି କାହାକୁ କୁହନ୍ତି ? ମୁକ୍ତି ଆସିଥାଏ କିପରି ? ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ମୁକ୍ତି କହିଲେ ବୁଝିବାକୁ ହେବ ପ୍ରବୃତ୍ତି ପରାୟଣତାରୁ ମୁକ୍ତି, ସ୍ୱାର୍ଥପର କାମନା କଳୁଷଠାରୁ ମୁକ୍ତି। ଏହି ଦୃଷ୍ଟିକୋଣରୁ ଯିଏ ଯେତେ ପରିମାଣରେ ମୁକ୍ତ, ତାହାର ଜୀବନ ସେତେ ପରିମାଣରେ ଦୀପ୍ତ ଓ ବ୍ୟାପ୍ତ। ଏହା ନ ହୋଇ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଜଣକର ଜୀବନ ଯେତେ ଉଜ୍ଜ୍ୱଳ ଦେଖା ଯାଉନା କାହିଁକି ସେହି ଜ୍ୟୋତି ମଧ୍ୟରେ ରହିଥାଏ ଏକ ଅଦୃଶ୍ୟ କାଳିମା। ତେଣୁ ଜୀବର ସତ୍ତାକୁ ତାହା ସନ୍ଦୀପିତ ଓ ସମୁନ୍ନତ କରିପାରେ ନାହିଁ। ଭକ୍ତି ହିଁ ମୁକ୍ତିର ପଥ। ପ୍ରବୃତ୍ତିଗୁଡ଼ିକୁ ସମ୍ୟକ୍ ଭାବରେ ଇଷ୍ଟ ପ୍ରତିଷ୍ଠାପନ୍ନ ବା ଗୁରୁକୈନ୍ଦ୍ରିକକରି ତୋଳିବା ହିଁ ମୁକ୍ତିର ତାତ୍ପର୍ଯ୍ୟ। ଏହି ଅବଦାନ ଯାହାର ଯେପରି ତା'ର ବିବର୍ତ୍ତନ ସ୍ତର ମଧ୍ୟ ସେହିପରି। ମୁକ୍ତି ସଙ୍ଗେ ମୃତ୍ୟୁର କୌଣସି ସମ୍ପର୍କ ନାହିଁ, ବରଂ ସମ୍ପର୍କ ରହିଛି ଜୀବନର ଓ ମୃତ୍ୟୁ ମଧ୍ୟ ଅବଲୁପ୍ତ ହୋଇପାରେ ସ୍ମୃତିବାହୀ ଚେତନାର ଜାଗରଣ ମାଧ୍ୟମରେ।

ପ୍ରବୃତ୍ତି ରହିଲେ ମଧ୍ୟ ବଞ୍ଚିବା ଓ ବଢ଼ିବା ବିକ୍ଷୁବ୍ଧ ହେଉ ତାହା ଆମେ ଚାହୁଁନା। ରସଗୋଲା ଖାଇବାକୁ ଚାହୁଁ କିନ୍ତୁ ଖାଇ ଅସୁସ୍ଥ ହେବାକୁ ଚାହୁଁନା, ଅସ୍ୱସ୍ତିବୋଧ କରିବାକୁ ଚାହୁଁନା। ଅସ୍ୱସ୍ତିଠାରୁ ମୁକ୍ତି ପାଇବାକୁ ଚାହୁଁ। ରସଗୋଲା ସତ୍ତାଟାକୁ କମ୍ପିତ କରିଦିଏ – ତାହା ଚାହୁଁନା। ସ୍ତ୍ରୀ–ପିଲା, ବ୍ୟବସାୟ–ବାଣିଜ୍ୟ କିଛି ବି ଛାଡ଼ିବାକୁ ହେବ ନାହିଁ। ଏହା ଭିତର ଦେଇ ଧର୍ମ ଉପାର୍ଜନ କରିବାକୁ ହେବ। ଦରକାର ଇଷ୍ଟାନୁରାଗ–ଆତ୍ମ–ନିୟନ୍ତ୍ରଣ। ପ୍ରବୃତ୍ତି ଉପରେ ଆଧିପତ୍ୟ ନ ରହିଲେ ବ୍ୟକ୍ତିତ୍ୱ ବିଚ୍ଛିନ୍ନ ହୋଇଯାଏ। ସେତେବେଳେ ତୁମେ କାମନାର, ତୁମେ ନା କ୍ରୋଧର, ତୁମେ ଲୋଭର, ତୁମେ ମଦର, ତୁମେ ମୋହର, ତୁମେ ମାତ୍ସର୍ଯ୍ୟର ହୋଇଥାଅ। ସଂସାରର ପ୍ରତିଟି କର୍ମରେ ଇଷ୍ଟପୂଜା ଫୁଟି ଉଠିଲା ନାହିଁ, ସେଠି କିନ୍ତୁ ଧର୍ମ ହେଲା ନାହିଁ। ପରିବେଶ ସହ ନିଜର ସତ୍ତା – ସମ୍ବର୍ଦ୍ଧନାକୁ ଧରି ରଖେ ଯାହା ତାକୁ ହିଁ ଧର୍ମ କୁହାଯାଏ। ପୂଜା କରିବା ଭଲ, ଧର୍ମର ଅଭିନୟ କରିବା ବି ଭଲ, କିନ୍ତୁ ଧର୍ମକୁ କର୍ମ ଭିତର ଦେଇ ପରିପାଳନ କରିବାକୁ ହେବ ନଚେତ୍ ତାହା ସାର୍ଥକ ହୋଇଉଠିବ ନାହିଁ। ସେହି



ଭଦ୍ରଲୋକ ପୁନରାୟ କହିଲେ – ଶାସ୍ତ୍ରରେ ଅଛି – 'ହରେର୍ନାମ, ହରେର୍ନାମ ହରେର୍ନାମୈବ କେବଳମ୍।'

ସପରିବେଶ ଆମ୍ଭେମାନେ ଯେତେ ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାପନ୍ନ ହେବୁ, ଆମ୍ଭମାନଙ୍କ ଭିତରେ ସେତେ ଶାନ୍ତି ବିରାଜ କରିବ, ଆଉ ସପରିବେଶ ଉନ୍ନତି ମଧ୍ୟ ହୁଏ ସେହିପରି। ପନ୍ଥା ହେଲା– ଇଷ୍ଟସ୍ୱାର୍ଥୀ ଭକ୍ତି – ଆପ୍ଲୁତ ସେବା–ସଂହତି। ସବୁ ଜାଗାରେ ହିଁ ରାସ୍ତା ଏହି ଗୋଟିଏ। ଭଦ୍ରଲୋକ ପୁଣି ପ୍ରଶ୍ନ କଲେ – ଦୁନିଆରେ ଅବସ୍ଥା ଦେଖିଲେ ଭଗବାନ୍‌ଙ୍କ ବିରୋଧରେ ବିଦ୍ରୋହ କରିବାକୁ ଇଚ୍ଛା ହୁଏ। ଠାକୁର କହିଲେ – ଭଗବାନଙ୍କ ବିରୋଧରେ ବିଦ୍ରୋହ କଲେ ସେଥିରେ ତାଙ୍କର କୌଣସି କ୍ଷତି ହେବ ନାହିଁ। ଭଗବାନ କୃଷ୍ଣ ଶ୍ରୀମଦ୍ ଭଗବଦ୍ ଗୀତାରେ କହିଲେ – ଯୋଗଃ କର୍ମସୁ କୌଶଳଂ। ଯୁକ୍ତି ବା ଯୋଗ ଛଡ଼ା ମୁକ୍ତି ମିଳେ ନାହିଁ। ଜୀବନ୍ତ ଇଷ୍ଟଙ୍କ ଠାରେ ଯିଏ ଯେତେ ପରିମାଣରେ ପ୍ରାଣର ଟାଣ ନେଇ ଯୁକ୍ତହୁଏ, ପ୍ରବୃତ୍ତିର ବନ୍ଧନ ତାହାର ସେତେ ପରିମାଣରେ ଖୋଲିଯାଏ, ଦୋଷ ଦୁର୍ବଳତାର ନାଗଫାଶ ଶିଥିଳ ହୋଇଉଠେ କ୍ରମେ କ୍ରମେ। ତେଣୁ ସାଧ ବା ସାଧନୀୟ ଯାହା କିଛି ଅଛି ତାହା ହେଉଛି ଇଷ୍ଟାନୁରାଗ। ଏହାକୁ କୁହାଯାଏ ଭକ୍ତି ଓ ଭକ୍ତି ହେଉଛି ଇତିମୂଳକ। ଭକ୍ତି ଦେଖେ ଯେ ଭଗବାନ୍‌ଙ୍କର ଯାହା କିଛି କରଣୀୟ ସେ ସମସ୍ତ କିଛି ତା'ର ମଧ୍ୟ କରଣୀୟ। ଭଗବାନ୍ ବା ଗୁରୁଙ୍କ ସଙ୍ଗରେ ଯୁକ୍ତହେବାକୁ ଯାଇ ସେ ସମସ୍ତଙ୍କ ସଙ୍ଗରେ ଯୁକ୍ତହୁଏ ଅର୍ଥାତ୍ ପ୍ରତ୍ୟେକଙ୍କର ସତ୍ତା ସମ୍ବର୍ଦ୍ଧନାରେ ସକ୍ରିୟ ଭାବରେ ଆଗ୍ରହାନ୍ୱିତ ହୋଇଉଠେ। ଏଠାରେ ହିଁ ଅଫୁରନ୍ତ ଜୀବନ ରହିଛି। ଆଉ ଏହି ପ୍ରକାର ଜୀବନ ମଧ୍ୟରେ ଅଛି ମୁକ୍ତି

ଜଣେ ବ୍ୟକ୍ତି ପ୍ରଶ୍ନ କଲେ – ତାହା ହେଲେ ଭକ୍ତ ଯିଏ ସେ ତ ସର୍ବଦିଗରୁ ଶକ୍ତିଶାଳୀ ଓ କୃତକାର୍ଯ୍ୟ ହେବାର କଥା। କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ତାହା ଦେଖାଯାଏ ନାହିଁ। ଅନେକ ଭକ୍ତ ଦୁଃଖ ଓ ଦୈନ୍ୟ ମଧ୍ୟରେ କାଳାତିପାତ କରନ୍ତି। ଶ୍ରୀ ଠାକୁର କହିଲେ – ଏହାର ଅର୍ଥ ଭକ୍ତିର ଅଭାବ ରହିଛି ସେଠାରେ। ପୁଣି ଅନ୍ୟ ଭାବରେ ଦେଖାଯାଏ – ଭକ୍ତ ଯିଏ ସେ ବହୁ ଲୋକଙ୍କର ସୁଖ–ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ନିଜର ସୁଖ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟକୁ ବିସର୍ଜନ ଦେଇ ଚାଲେ ହସ ହସ ମୁଖରେ। ପୁଣି ବହୁ ଲୋକଙ୍କ ମଙ୍ଗଳ ପାଇଁ ଏହି ଯେଉଁ କଷ୍ଟ ସ୍ୱୀକାର କରେ ସେଥିରୁ ସେ ତୃପ୍ତିଲାଭ କରିଥାଏ। ପ୍ରକୃତ ଭକ୍ତ ଯିଏ ସେ କଷ୍ଟରେ ରହିଲେ ମଧ୍ୟ କେବେହେଲେ ନିରାନନ୍ଦରେ ରହେ ନାହିଁ, ଅନ୍ତର ତା'ର ଭରପୂର ଥାଏ ଇଷ୍ଟାନନ୍ଦରେ ମସ୍‌ଗୁଲ ହୋଇ। ତାହାର ବ୍ୟଥା ଜାଗେ ଯେତେବେଳେ ସେ ଇଷ୍ଟଙ୍କର ଇଚ୍ଛା ପରିପୂରଣ କରିପାରେ ନାହିଁ। ସେଥିପାଇଁ ଶାନ୍ତି ଓ ସନ୍ତୋଷ ସଙ୍ଗେ ସଙ୍ଗେ ସେମାନଙ୍କ ଅନ୍ତରରେ ଜଡ଼ିତ ରହେ ଏକ ଶାଶ୍ୱତ ଭାଗବତ ଅତୃପ୍ତି। ଏହି ଅତୃପ୍ତି ହିଁ ସେମାନଙ୍କୁ ଊର୍ଦ୍ଧ୍ୱ ଦିଗରେ ଟାଣିନେଇ ଚାଲେ ଅସୀମ ଅନନ୍ତ ପଥରେ – ଏକାଗ୍ର ଇଷ୍ଟାର୍ଥୀ ଅଭିଗମନରେ।

**ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ,**
**କଟକ, ମୋ: ୯୪୩୭୦୫୧୯୫୭**

## ଏଇ ଭାରତରେ

ଯୌତୁକ ଦେବା ଓ ନେବା ଆଇନ ଅନୁସାରେ ଅପରାଧ। ତଥାପି ଅନେକ ସମୟରେ ବରପକ୍ଷର ଲୋକେ ଯୌତୁକର ଆଶା ରଖି ଗାଡ଼ି, ସୁନା, ଜମି ଇତ୍ୟାଦି ମାଗନ୍ତି। ହେଲେ ଯୌତୁକରେ କିଡ୍‌ନୀ ମାଗିବା କଥା କେବେ ଶୁଣିଛନ୍ତି! ଏମିତି ଏକ ଘଟଣା ଘଟିଛି ବିହାରର ମୁଜାଫରପୁରରେ। ଏହି ଅଞ୍ଚଳରେ ରହୁଥିବା ଦୀପ୍ତି ନାମରେ ଜଣେ ମହିଳା ଏବେ ଥାନାରେ ଅଭିଯୋଗ କରିଛନ୍ତି କି ତାଙ୍କୁ ଯୌତୁକରେ ଶାଶୁଘର ଲୋକେ ତାଙ୍କ କିଡ୍‌ନୀ ଦେବାକୁ କହୁଛନ୍ତି। ତାଙ୍କ ବିବାହ ହୋଇଥିଲା ୨୦୨୧ ମସିହାରେ। ବିବାହର ମାତ୍ର କିଛି ମାସ ପରଠାରୁ ତାଙ୍କୁ ଶାଶୁଘର ଲୋକେ ସୁନାଗହଣା, ଟଙ୍କା ଏମିତି ଅନେକ ପ୍ରକାର ଜିନିଷ ମାଗୁଥିଲେ। ତେବେ ସେମାନଙ୍କର କିଛି ଛୋଟ ମୋଟ ଦାବି ପୂରଣ କରିଥିଲେ ବି ଅଧିକ ଯୌତୁକ ଦେବାକୁ ତାଙ୍କ ବାପଘର ଲୋକେ ଅକ୍ଷମ ବୋଲି ସେ ଶାଶୁଘରେ ସମସ୍ତଙ୍କୁ କହିଥିଲେ। ତେବେ ଅଧିକ ଟଙ୍କା, ସୁନା ଆଣି ନ ପାରିବାରୁ ଶାଶୁଘର ଲୋକେ ଦୀପ୍ତିଙ୍କୁ ତାଙ୍କ କିଡ୍‌ନୀ ଦେବା ପାଇଁ କହିଥିଲେ। ତେବେ ଏହାର କାରଣ ହେଉଛି ଦୀପ୍ତିଙ୍କ ସ୍ୱାମୀଙ୍କର କିଡ୍‌ନୀ ଖରାପ ଥିଲା, ଏକଥା ସେ ସେହି ସମୟରେ ଜାଣିବାକୁ ପାଇଥିଲେ। କିଡ୍‌ନୀ ପ୍ରତିରୋପଣ କରିବା ନିମନ୍ତେ ହିଁ ତାଙ୍କ ସହ ବିବାହ କରାଯାଇଥିଲା। ଏସବୁ କଥା ଜାଣିବା ପରେ ସେ ବାପଘରକୁ ଚାଲି ଯାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଜୁନ୍ ୧୯୭୬

- ପୁରୀ ଜିଲା ଚିଲିକା ଅଞ୍ଚଳରେ ଭାରତର ପ୍ରଥମ ଅଣାନୁଷ୍ଠାନିକ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଆରମ୍ଭ।
- ହରିଆଣାର ପୂର୍ବତନ ମନ୍ତ୍ରୀ ତଥା ପଞ୍ଜାବ ପ୍ରଦେଶ କଂଗ୍ରେସର ଉପସଭାପତି ଅବଦୁଲ ଗଫୁର ଖାଁଙ୍କ ପରଲୋକ।
- ଅନ୍ୟାନ୍ୟ ରାଷ୍ଟ୍ରରେ ଶିଳ୍ପ ସ୍ଥାପନ ପାଇଁ ସହଯୋଗିତା କରିବାକୁ ଭାରତ ଓ ପୋଲାଣ୍ଡ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | | | | 2 |
| 1 | 8 | | | 6 | | 4 | | |
| | | | | | | 3 | | |
| | | | | | | | | |
| | 2 | 9 | 4 | 1 | | | 7 | |
| | | | | | 9 | | 3 | |
| | | 4 | | | 3 | | | |
| 5 | | | | 2 | 1 | | | |
| 2 | | | 8 | 9 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 3 | 7 | 5 | 1 | 2 | 6 | 8 |
| 2 | 5 | 8 | 6 | 9 | 3 | 1 | 4 | 7 |
| 7 | 6 | 1 | 8 | 4 | 2 | 3 | 5 | 9 |
| 9 | 2 | 4 | 3 | 1 | 7 | 6 | 8 | 5 |
| 8 | 7 | 5 | 2 | 6 | 9 | 4 | 3 | 1 |
| 1 | 3 | 6 | 5 | 8 | 4 | 9 | 7 | 2 |
| 3 | 4 | 7 | 1 | 2 | 8 | 5 | 9 | 6 |
| 6 | 8 | 2 | 9 | 3 | 5 | 7 | 1 | 4 |
| 5 | 1 | 9 | 4 | 7 | 6 | 8 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲିଙ୍ଗରାଜ ଷ୍ଟେଶନ ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେଉ

ମହାଶୟ,

ଲିଙ୍ଗରାଜ ପାସେଞ୍ଜର ହଲ୍‌ଟର ଉନ୍ନତୀକରଣ ପାଇଁ ଭୁବନେଶ୍ୱର ଲୋକ ସଭା ସାଂସଦ ଟଙ୍କା ମଞ୍ଜୁର କରି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆଦେଶ ଦେଇଥିଲେ। ଏହି କାର୍ଯ୍ୟ ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ଶେଷ କରିବାକୁ ସେ ବାରମ୍ବାର ରେଳ ବିଭାଗ ବରିଷ୍ଠ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିବା ସଙ୍ଗେ ସଙ୍ଗେ ଷ୍ଟେଶନ ପରିଦର୍ଶନ କରିଆସୁଛନ୍ତି। ସାଂସଦଙ୍କ ଆର୍ଥିକ ସହାୟତା ଓ ତତ୍ପରତା ସତ୍ତ୍ୱେ ଉନ୍ନତୀକରଣ କାର୍ଯ୍ୟ ଧିମେଇ ଚାଲିଛି। ବରିଷ୍ଠ ନାଗରିକ ଓ ଶିଶୁମାନେ ଶିଡ଼ିରେ ଯିବା ଆସିବା କରିବା କଷ୍ଟକର ହେଉଛି। ସେଥିପାଇଁ ଏକ୍ସଲେଟର ନିର୍ମାଣ ପାଇଁ ପ୍ରସ୍ତାବ ଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ। କେବଳ ଗର୍ତ୍ତ କରାଯାଇ ଛାଡି ଦିଆଯାଇଛି। ଗୋରୁ ଓ ପିଲାମାନଙ୍କ ପାଇଁ ବିପଜ୍ଜନକ ପରିସ୍ଥିତି ପାଲଟିଛି। ଏ ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ସମାପ୍ତ କରାଯାଉ। ବିଳମ୍ବ ହେଲେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବରିଷ୍ଠ ନାଗରିକ ଧାରଣାରେ ବସିବାକୁ ପଛାଇବେ ନାହିଁ।

**–ନିର୍ମଳ ଚନ୍ଦ୍ର ସାମଲ, ବରିଷ୍ଠ ନାଗରିକ, ପୋଖରୀପୁଟ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ପଥ ଯେ ପ୍ରିୟ ତବ ପାରେ କିଏ
କରି ଅସ୍ୱୀକାର,
କ୍ଳାନ୍ତ ଅଙ୍ଗୁ ଝରି କେତେ ଘର୍ମ ବିନ୍ଦୁ
ସିକ୍ତ ଧୂଳି ତାର।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୧୮ ସୁଦ୍ଧା ଖାଲିଥିବା ପଦବୀର ତଥ୍ୟ ଦିଅ

## ସବୁ ବିଭାଗକୁ ସରକାରଙ୍କ ନିର୍ଦ୍ଦେଶ

### ତ୍ୱରାନ୍ୱିତ ପାଇଁ ୪୧ କ୍ଷେତ୍ରୀୟ ଅଧିକାରୀ ନିଯୁକ୍ତ

ଭୁବନେଶ୍ୱର, ୧୬।୬ (ରବିନାରାୟଣ ଜେନା)

ରାଜ୍ୟରେ ଖାଲିଥିବା ପଦ ପୂରଣକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏହି କ୍ରମରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ତୁରନ୍ତ ଖାଲିଥିବା ପଦବୀର ତଥ୍ୟ ୱେବ୍‌ସାଇଟରେ ଅପ୍‌ଲୋଡ୍ କରିବାକୁ ସୋମବାର ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଭାଗୀୟ ଅନୁସଚିବ ଜୟସିଂହ କିଷାନ ସବୁ ବିଭାଗୀୟ ମୁଖ୍ୟଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ସରକାରଙ୍କ ପକ୍ଷରୁ ଖାଲିଥିବା ପଦ ନେଇ ଇତିମଧ୍ୟରେ ୪ଥର ପତ୍ର ଲେଖାଗଲାଣି। ହେଲେ ସଦ୍ୟତମ ତଥ୍ୟ(ଗ୍ରୁପ୍-ବି) ନିଯୁକ୍ତି ପୋର୍ଟାଲରେ ଉପଲବ୍ଧ ହେଉନାହିଁ। ସରକାରଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୮ତାରିଖ ସୁଦ୍ଧା ବିଭାଗରେ ଖାଲିଥିବା ଗ୍ରୁପ୍-ବି ପଦ ସହିତ କେତେ ପଦକୁ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଅନୁମୋଦନ ମିଳିଛି ଏବଂ କେତେ ପଦ ନିଗମ, ପୌରାଞ୍ଚଳ, ସମିତି ଓ ସ୍ୱୟଂଶାସିତ ପରିଷଦରେ ଖାଲି ରହିଛି ତା'ର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରିବାକୁ ହେବ।

ଜୟସିଂହ ଉଲ୍ଲେଖ କରିଛନ୍ତି ଯେ, ଏସଂକ୍ରାନ୍ତରେ ଚଳିତବର୍ଷ ଜାନୁଆରୀ ୨୯, ଏପ୍ରିଲ ୧୭ ଏବଂ ୨୫ ଓ ମେ' ୧୪ରେ ବିଭାଗ ପକ୍ଷରୁ ପତ୍ର ଲେଖି ଅବଗତ କରାଯାଇଥିଲା। ହେଲେ ବାସ୍ତବିକ ତଥ୍ୟ ନିଯୁକ୍ତି ପୋର୍ଟାଲରେ ଉପଲବ୍ଧ ହୋଇପାରିନାହିଁ। ଉଚ୍ଚକ୍ଷମତାସମ୍ପନ୍ନ କମିଟି ଜରିଆରେ ଯେଉଁ ପଦ ମଞ୍ଜୁର ହୋଇଛି ତା'ର ତଥ୍ୟ ଆପଣଙ୍କ ଜାଣିବା ଲାଗି ଅପ୍‌ଲୋଡ୍ କରାଯାଇଛି। ଏହାବାଦ୍ ସଦ୍ୟତମ ତଥ୍ୟ ଯାହା ଅଛି ୧୮ତାରିଖ ସୁଦ୍ଧା ଅପ୍‌ଲୋଡ୍ କରିବାକୁ ସେ ଦର୍ଶାଇଛନ୍ତି। ବିଭାଗ ପକ୍ଷରୁ ସୋମବାର ସୁଦ୍ଧା ନିଯୁକ୍ତି ପୋର୍ଟାଲରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ, ବିଭିନ୍ନ ବିଭାଗରେ ୯୭ହଜାର ୩୪୮ ସାଙ୍କ୍‌ସନ ମୂଳ ପଦ ରହିଥିବାବେଳେ ସେଥିରୁ ୨୫ହଜାର ୪୮୪ଟି ଖାଲି ରହିଛି। ଉଚ୍ଚକ୍ଷମତାସମ୍ପନ୍ନ କମିଟି ଜରିଆରେ ୧୬ହଜାର ୪୫ଟି ପଦକୁ ଅନୁମୋଦନ ମିଳିଥିବାବେଳେ ୯୪୩୯ଟି ଅନୁମୋଦନ ପ୍ରକ୍ରିୟା ଭିତରେ ରହିଛି। ୧୫ହଜାର ୪୩୨ଟି ପଦ ନିଯୁକ୍ତି ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଇଣ୍ଡେଣ୍ଟ ପ୍ରଦାନ କରାଯାଇଥିବାବେଳେ ୬୧୩ଟି ପୂରଣ ହୋଇଛି।

ତେବେ ବିଭାଗ ପକ୍ଷରୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ୪୧ଜଣ ସ୍ୱତନ୍ତ୍ର ଅଧିକାରୀଙ୍କୁ ନୋଡାଲ ଅଫିସର(କ୍ଷେତ୍ରୀୟ ଅଧିକାରୀ) ଭାବେ ନିଯୁକ୍ତ କରାଯାଇଛି। ସେଥିମଧ୍ୟରେ କୃଷି ବିଭାଗ ପାଇଁ ଯୁଗ୍ମସଚିବ ଦରିଦ୍ର୍ୟଭଞ୍ଜନ ଏମ୍. ଏମ୍. ପାତ୍ର ରହିଥିବାବେଳେ ବାଣିଜ୍ୟ ଓ ପରିବହନ ବିଭାଗ ପାଇଁ ଅତିରିକ୍ତ ସଚିବ ବିଧାନ ଚନ୍ଦ୍ର ରାୟ, ସମବାୟ ପାଇଁ ଅତିରିକ୍ତ ସଚିବ ମିହିର ପ୍ରସାଦ ମହାନ୍ତି ଓ ଇ ଆଣ୍ଡ ଆଇଟି ବିଭାଗ ପାଇଁ ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ରହିଛନ୍ତି। ଏହାବାଦ୍ ଅନ୍ୟାନ୍ୟ ବିଭାଗ ପାଇଁ ଅତିରିକ୍ତ ସଚିବ ଓ ସ୍ୱତନ୍ତ୍ର ସଚିବଙ୍କୁ କ୍ଷେତ୍ରୀୟ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।

# କୋଭିଡ୍ ତଥ୍ୟ ପ୍ରଦାନରେ ଚଞ୍ଚକତା: ସୂଚନା ଆୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୬ (ରବିନାରାୟଣ ଜେନା)

କୋଭିଡ୍ ତଥ୍ୟ ପ୍ରଦାନରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଚଞ୍ଚକତାକୁ ନେଇ ସୋମବାର ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ତଦନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଏସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ସଚିବଙ୍କୁ ଦେଇଥିବା ନିର୍ଦ୍ଦେଶନାମାରେ ଦର୍ଶାଯାଇଛି, ତଥ୍ୟ ପ୍ରଦାନରେ କେଉଁ ଅଧିକାରୀ ଅବହେଳା କରିଛନ୍ତି ଏବଂ ଏହା ପଛର ଉଦ୍ଦେଶ୍ୟ କ'ଣ ତାହା ଦର୍ଶାଅ। ଯଦି ସମ୍ପୃକ୍ତ ଅଧିକାରୀ ମନ୍ଦ ଉଦ୍ଦେଶ୍ୟ ରଖି ତଥ୍ୟ ପ୍ରଦାନରେ ଅବହେଳା କରିଥିବେ ତେବେ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆୟୋଗଙ୍କୁ ଅବଗତ କରାଅ।

ଆୟୁକ୍ତଙ୍କ ସୂଚନା ଅନୁଯାୟୀ, ସାମାଜିକ କର୍ମୀ ପ୍ରଦୀପ ପ୍ରଧାନ କୋଭିଡ୍ ପରିଚାଳନାଗତ ସରକାରୀ ନିଷ୍ପତ୍ତି ଏବଂ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ସମ୍ପର୍କରେ ଜାଣିବାପାଇଁ ସ୍ୱାସ୍ଥ୍ୟ ବିଭାଗକୁ ୨୦୨୦ ଅଗଷ୍ଟ ୧୩ରେ ସୂଚନା ଅଧିକାର ବଳରେ କେତେକ ତଥ୍ୟ ଲୋଡ଼ିଥିଲେ। ହେଲେ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରାଯାଇ ପାରି ନ ଥିଲା। ଏପରି କି ସୂଚନା ଅଧିକାରୀମାନେ ଏହିଭଳି ତଥ୍ୟ ପୂର୍ବରୁ ପ୍ରଦାନ କରାଯାଇଥିବା ଦର୍ଶାଇଥିଲେ ହେଁ ତା'ର ପ୍ରମାଣ ଦେଇପାରି ନ ଥିଲେ। ଗତ ୫ବର୍ଷ ମଧ୍ୟରେ କୋଭିଡ୍ ତଥ୍ୟ ନ ମିଳିବାରୁ ଆୟୁକ୍ତ ମହାନ୍ତି ଉକ୍ତ ମାମଲାର ବିଚାର କରି ସ୍ୱାସ୍ଥ୍ୟ ବିଭାଗକୁ ଏହାର ତଦନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଚାକିରି ସର୍ତ୍ତାବଳୀ ଅନୁଯାୟୀ ଯେଉଁମାନେ ଏଥିପାଇଁ ଦାୟୀ ତାଙ୍କ ବିରୋଧରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦର୍ଶାଇଛନ୍ତି।

# ପ୍ରଥମ ଦିନରୁ ମିଳିବ ମଧ୍ୟାହ୍ନ ଭୋଜନ

ଭୁବନେଶ୍ୱର, ୧୬।୬ (ସୁଚିସ୍ମିତା ସାହୁ)

ଦୁଇ ମାସର ଖରାଛୁଟି ପରେ ଆସନ୍ତା ଶୁକ୍ରବାର ୨୦ ତାରିଖରେ ସ୍କୁଲ ଖୋଲିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ କେତେକ ଗାଇଡ୍‌ଲାଇନ୍ ଜାରି ଯାଇଛି। ଏଥର ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକାଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯିବ। ସ୍କୁଲ ଖୋଲିବାର ପ୍ରଥମ ଦିନରୁ ହିଁ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ମିଳିବ। ମଧ୍ୟାହ୍ନ ଭୋଜନ ମାନ ଯାଞ୍ଚ କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମଧ୍ୟାହ୍ନଭୋଜନର ମାନ ଅଭିଭାବକ ଏବଂ ମାଆମାନେ ମଧ୍ୟ ସ୍କୁଲ ଯାଇ ଯାଞ୍ଚ କରିବେ। ସେମାନଙ୍କ ମତାମତ ଉପରେ ହିଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯିବ। ସେହିପରି ପ୍ରଥମଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଅନ୍ୟ ପରିଚାଳନା କର୍ମଚାରୀ ଏବଂ ଶିକ୍ଷକମାନେ ପ୍ରସ୍ତୁତ ହୋଇଥିବା ମଧ୍ୟାହ୍ନଭୋଜନ ଖାଇ ତା'ର ମାନ ପରଖିବେ। ଏହାପରେ ଯାଇ ପିଲାମାନେ ଖାଇବେ। ସେହିପରି ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ସିଆର୍‌ସିସିମାନେ ବିଦ୍ୟାଳୟ ଗସ୍ତ କରି ଖାଦ୍ୟ ମାନ ଯାଞ୍ଚ କରିବାକୁ ମଧ୍ୟାହ୍ନଭୋଜନର ରାଜ୍ୟ ନୋଡାଲ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

DSPL-124

ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଅନ୍ତର୍ଜାତୀୟ କୁମ୍ଭୀର ଦିବସ ଏବଂ ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ସ୍ୱର୍ଣ୍ଣିମ ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଁ ସମସ୍ତ ବନ୍ୟପ୍ରାଣୀପ୍ରେମୀ, ବନ କର୍ମଚାରୀ, ସଂରକ୍ଷଣବିତ୍, ପରିବେଶବିତ୍, ବୈଜ୍ଞାନିକ ଓ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆପଣମାନେ ଜାଣନ୍ତି, ଆମ ରାଜ୍ୟ ଓଡ଼ିଶା ଭାରତର ଏକମାତ୍ର ରାଜ୍ୟ ଯେଉଁଠାରେ ଭାରତରେ ଦେଖାଯାଉଥିବା ସମସ୍ତ ତିନୋଟି ପ୍ରଜାତି କୁମ୍ଭୀର-ଘଡ଼ିଆଳ, ମଗର ଓ ବଉଳା ଦେଖିବାକୁ ମିଳନ୍ତି । ଆମ ରାଜ୍ୟର ଭିତରକନିକା ବଉଳା କୁମ୍ଭୀର ପାଇଁ, ଶିମିଳିପାଳ ମଗର କୁମ୍ଭୀର ପାଇଁ ଏବଂ ସାତକୋଶିଆ ଗଣ୍ଡ ଘଡ଼ିଆଳ କୁମ୍ଭୀର ପାଇଁ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧ ।

ଆମ ନଦୀ, ହେନ୍ତାଳବନ ଓ ହ୍ରଦ ଆଦିର ପରିବେଶ ସନ୍ତୁଳନକୁ ବଜାୟ ରଖିବାରେ ଏହି କୁମ୍ଭୀରମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏମାନଙ୍କ ସଂରକ୍ଷଣ କେବଳ ପରିବେଶ ପାଇଁ ନୁହେଁ ବରଂ ଆମର ସାଂସ୍କୃତିକ ଗର୍ବ ଓ ମାନବୀୟ ମୂଲ୍ୟବୋଧ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ମୁଁ ବନବିଭାଗ, ଗବେଷକ ଓ ସ୍ଥାନୀୟ ଗ୍ରାମବାସୀମାନଙ୍କର କୁମ୍ଭୀର ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଓ ନିଷ୍ଠାବାନ ପ୍ରଚେଷ୍ଟା ପାଇଁ ଭୂୟସୀ ପ୍ରଶଂସା କରୁଛି । ଆସନ୍ତୁ, କୁମ୍ଭୀର ସଂରକ୍ଷଣର ପ୍ରତିବଦ୍ଧତାକୁ ନିରନ୍ତର ବଜାୟ ରଖିବା ପାଇଁ ଆମେ ନିସ୍ୱାର୍ଥପର ଚେଷ୍ଟା ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ସମାରୋହ ପାଳନ ଉପଲକ୍ଷେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ବାର୍ତ୍ତା



ଆମ ରାଜ୍ୟ ଓଡ଼ିଶା, ଭାରତରେ ଦେଖାଯାଉଥିବା ସମସ୍ତ କୁମ୍ଭୀର ପ୍ରଜାତି-ବଉଳା, ମଗର ଓ ଘଡ଼ିଆଳର ଏକ ମହତ୍ୱପୂର୍ଣ୍ଣ ଆବାସସ୍ଥଳୀ । ଦୀର୍ଘ ୫୦ ବର୍ଷ ଧରି ଆମ ରାଜ୍ୟ କୁମ୍ଭୀରମାନଙ୍କ ସଂରକ୍ଷଣ ପାଇଁ ଏକ ଉତ୍କୃଷ୍ଟ ମାର୍ଗଦର୍ଶକ ରୂପେ ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ।

ଏକ ସୁସ୍ଥ ଆର୍ଦ୍ରଭୂମି ପାଇଁ କୁମ୍ଭୀରମାନଙ୍କର ବିଶେଷ ଭୂମିକା ରହିଛି । ଖାଦ୍ୟଶୃଙ୍ଖଳର ଅଭିନ୍ନ ଅଙ୍ଗ ଭବେ ପରିଗଣିତ କୁମ୍ଭୀର, ନଦୀ, ହ୍ରଦ ଓ ଅନ୍ୟ ଜଳାଶୟଗୁଡ଼ିକରୁ ମୃତ ଜୀବମାନଙ୍କୁ ଅପସାରଣ କରି ସୁସ୍ଥ ବାତାବରଣ ସୃଷ୍ଟି କରିବା ସହ ପ୍ରାକୃତିକ ଜୈବ ବିବିଧତାକୁ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ପରିବେଶ ପର୍ଯ୍ୟଟନ ରୂପେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଉପାୟରେ ଜୀବିକା ଉପାର୍ଜନରେ ସହାୟକ ହୋଇଥାଏ ।

ଆଜିର ଏହି ବିଶ୍ୱ କୁମ୍ଭୀର ଦିବସ ତଥା ଓଡ଼ିଶାରେ କୁମ୍ଭୀର ସଂରକ୍ଷଣର ୫୦ ବର୍ଷ ପୂର୍ତ୍ତି ସମାରୋହ ଅବସରରେ ମୁଁ ବନବିଭାଗର ସମସ୍ତ କର୍ମଚାରୀ, ବନ୍ୟପ୍ରାଣୀପ୍ରେମୀ, ସଂରକ୍ଷଣବିତ୍, ବୈଜ୍ଞାନିକ ଓ ସର୍ବସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହି ଅବସରରେ ଆମ ରାଜ୍ୟର କୁମ୍ଭୀର ଓ ଅନ୍ୟାନ୍ୟ ବନ୍ୟପ୍ରାଣୀମାନଙ୍କର ବାସସ୍ଥଳୀଗୁଡ଼ିକର ସୁରକ୍ଷା, ସଂରକ୍ଷଣ ନିମନ୍ତେ ମୁଁ ଜନସାଧାରଣଙ୍କର ଆନ୍ତରିକ ସହଯୋଗ କାମନା କରୁଛି ।

(ଗଣେଶ ରାମ ସିଂ ଖୁଣ୍ଟିଆ)
ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

OIPR-08141/13/0009/2526






## ସଂକ୍ଷେପରେ

### ଭାଉଜଙ୍କୁ ଆକ୍ରମଣ ଘଟଣା, ଦିଅର ଜେଲ୍ ଗଲେ

ଦିଗପହଣ୍ଡି,୧୬।୬ (ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ୍ ଖଲିଙ୍ଗି ଗ୍ରାମର ଗାଣ୍ଡୁ ବେହେରାଙ୍କୁ ସୋମବାର ପାଟପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ୨୦୨୪ ସେପ୍ଟେମ୍ବର ୨୩ରେ ଗ୍ରାମର କାଳୀ ବେହେରା ନାମ୍ନୀ ଜଣେ ମହିଳା ଘର ସମ୍ମୁଖରେ ଝାଡୁ କରୁଥିବା ବେଳେ ମୁଖାପିନ୍ଧି ଥିବା ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଆକ୍ରମଣ କରି ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ଏତଲା ହେବା ପରେ କେଶ୍ ନଂ.୪୨୭/୨୪ ରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ପାରି ନ ଥିଲା। ଥାନା ଏଏସ୍‌ଆଇ ରମାକାନ୍ତ ଶବର ତଦନ୍ତକାରୀ ଅଧିକାରୀ ଭାବେ ଦାୟିତ୍ୱ ନେବା ପରେ ଘଟଣାର ତଦନ୍ତକରି ଏଥିରେ ସମ୍ପୃକ୍ତ ଥିବା ମହିଳାଙ୍କ ଦିଅର ଗାଣ୍ଡୁଙ୍କୁ ଗିରଫ କରିଥିଲେ। ପୈତୃକ ସମ୍ପତ୍ତି ଓ ଚାଷଜମି ଭାଗ ବଣ୍ଟୁରାକୁ କେନ୍ଦ୍ର କରି ସେ ତାଙ୍କ ଭାଉଜଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତ ପୋଲିସ ନିକଟରେ ସ୍ୱୀକାର କରିଥିବା ଆଇଆଇସି ଦୀପ୍ତିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

### ସ୍ତ୍ରୀର ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର

ଖଜୁରିପଡ଼ା, ୧୬।୬( ବିଦୁର ବେହେରା) ଖଜୁରିପଡ଼ା ଥାନା ଅଧୀନରେ ଥିବା ଝାମ୍ପି ଗାଁରେ ସ୍ତ୍ରୀଙ୍କର ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର ହୋଇଛନ୍ତି। ଝାମ୍ପି ଗାଁର ପ୍ରଶାନ୍ତ କହଁର ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଆସି ସ୍ତ୍ରୀଙ୍କୁ ମାଡ଼ ମାରିବା ସହିତ ନିର୍ଯାତନା ଦେଉଥିଲେ। ୬ ପୁତ୍ର ସନ୍ତାନଙ୍କୁ ଧରି ସ୍ତ୍ରୀ ଅହଲ୍ୟା ଦୁଃଖଦ ଜୀବନ ଯିଉଁଥିଲା। ସ୍ୱାମୀ ନିଶାସକ୍ତ ରହିବା ସହିତ ପରକ୍ରୀୟା ପ୍ରୀତିରେ ଜଡ଼ିତ ରହୁଥିଲେ। ତେଣୁ ବେଳେବେଳେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୁଏ। ସୋମବାର ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ସ୍ୱାମୀ ପ୍ରଶାନ୍ତ ନିଶାସକ୍ତ ଅବସ୍ଥାରେ ଟାଙ୍ଗିଆ ଧରି ସ୍ତ୍ରୀ ଅହଲ୍ୟା ହାଣିବା ପାଇଁ ଗୋଡାଇବା ବେଳେ ସ୍ୱାମୀଙ୍କ ହାତରୁ ସ୍ତ୍ରୀ ଟାଙ୍ଗିଆ ଛଡେଇ ସ୍ୱାମୀଙ୍କୁ ପିଟି ଦେଇଛନ୍ତି। ଏ ନେଇ ଥାନାରେ ୧୩୮/୨୫ ମାମଲା ରୁଜୁ କରାଯାଇଛି। ଗୁରୁତର ଅବସ୍ଥାରେ ପୋଲିସ ଗାଡ଼ିରେ ପ୍ରଶାନ୍ତଙ୍କୁ ଖଜୁରିପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ କହିଛନ୍ତି।

### ଏନ୍‌ଇଇଟି ପରୀକ୍ଷାରେ ସଫଳ ଉମାଶଙ୍କର

ଆସିକା,୧୬।୬ (ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ଅନ୍ତର୍ଗତ ନିମିନା ଗ୍ରାମର ଉମାଶଙ୍କର ସାହୁ ଚଳିତ ବର୍ଷ ଏନ୍‌ଇଇଟି ପରୀକ୍ଷାରେ ସଫଳ ହୋଇଛନ୍ତି। ସେ ଏହି ପରୀକ୍ଷାରେ ସର୍ବମୋଟ ୭୨୦ରୁ ୫୪୮ ମାର୍କ ରଖି ଯୋଗ୍ୟ ବିବେଚିତ ହୋଇଛନ୍ତି। ଉମାଶଙ୍କର ଗାଁ ହାଇସ୍କୁଲରେ ୯୧.୮୩ ପ୍ରତିଶତ ମାର୍କ ରଖି ମାଟ୍ରିକ ପାସ ପରେ ଭୁବନେଶ୍ୱରର ଏକ ଘରୋଇ କଲେଜରେ ଯୁକ୍ତ ୨ରେ ୯୫.୮୩ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ଏନ୍‌ଇଇଟି ପରୀକ୍ଷା ଲାଗି ଏକ ଶିକ୍ଷାନୁଷ୍ଠାନରେ ତାଲିମ ନେଇଥିଲେ। ଉମାଶଙ୍କରଙ୍କ ବାପା ଜୟସେନ ସାହୁ ଜଣେ କ୍ଷୁଦ୍ର ଚାଷୀ ଓ ମା' ଜୟନ୍ତୀ ସାହୁ ଜଣେ ଗୃହିଣୀ। ଏକମାତ୍ର ପୁଅ ଉମାଶଙ୍କରଙ୍କ ସଫଳତା ପରିବାରରେ ଖୁସି ପହଞ୍ଚାଇଛି । ଉମାଶଙ୍କରଙ୍କୁ ନିମିନା ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାଧାଚରଣ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରଗତି ଜଳ ବିଭାଜିକା ପ୍ରକଳ୍ପ: ସୁଫଳ ପାଉଛନ୍ତି ୪୦ ପରିବାର

ପାରଳାଖେମୁଣ୍ଡି,୧୬।୬(ଗିରିଧାରୀ ପରିଛା)

ଗଜପତି ଜିଲା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ୨.୦, କର୍ଫ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ବୃଷ୍ଟିପୁଷ୍ଟ ଅଞ୍ଚଳ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେଥିରୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ୨.୦ ରାୟଗଡ ବ୍ଲକର ପ୍ରଗତି ଜଳ ବିଭାଜିକା ପ୍ରକଳ୍ପ ଚାଷୀଙ୍କ ମୁହଁରେ ହସ ଫୁଟାଇଛି। ବ୍ଲକର କୁମୁଲସିଙ୍ଗ, ପଦାସାହି, ହାତୀବାଡି ଗ୍ରାମକୁ ନେଇ ପ୍ରଗତି ଜଳ ବିଭାଜିକା ପ୍ରକଳ୍ପ କରାଯାଇଛି। କୁମୁଲସିଙ୍ଗ ପଞ୍ଚାୟତର କାଞ୍ଚୁମୁଣ୍ଡା ଗ୍ରାମରେ ପାହାଡ଼ ଉପର ମୁଣ୍ଡରୁ ଝରଣା ପାଣି ତଳଭାଗକୁ ବୋହି ଯାଉଥିଲା। ଫଳରେ ଏହା ଲୋକଙ୍କ କୌଣସି କାର୍ଯ୍ୟରେ ଆସୁ ନ



ପ୍ରଗତି ଜଳ ବିଭାଜିକା ପ୍ରକଳ୍ପରେ କାର୍ଯ୍ୟକାରୀ ହେଉଥିବା କୃଷି ସିଞ୍ଚାୟୀ ଯୋଜନା।

ଥିଲା। ଏହି ପାଣିକୁ ପ୍ରଗତି ଜଳ ବିଭାଜିକା ପ୍ରକଳ୍ପ ଦ୍ୱାରା ଅଟକ ରଖାଯାଇ ଚାଷ କାର୍ଯ୍ୟରେ ବିନିଯୋଗ କରାଯାଇଛି। କାଞ୍ଚୁମୁଣ୍ଡା ଗ୍ରାମରେ ୪୦ଟି ପରିବାର ଏହା ଦ୍ୱାରା ଉପକୃତ ହେଉଛନ୍ତି। ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ ଓ ଉପ ନିର୍ଦ୍ଦେଶକ ସତ୍ୟେନ୍ଦ୍ର ରାଇକା ସେହି ସ୍ଥାନ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିବା ପରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ୨.୦ ପ୍ରକଳ୍ପ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ଗ୍ରାମର ଚାଷୀ ଧାନ ସହିତ ବିଭିନ୍ନ ପନିପରିବା ବାଇଗଣ, ଟମାଟୋ ଚାଷ କରି ସୁଫଳ ପାଇଛନ୍ତି। ଚାଷୀଙ୍କୁ ୧୪ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରକଳ୍ପକୁ ସଫାସୁତୁରା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମର ମୁକ୍ତିଦାତା ଓ ହୋସେନ ସ୍ୱୟଂ ସହାୟକ ଗୋଷ୍ଠୀ ନେଇଛନ୍ତି। ଜିଲାର ଯେଉଁ ଚାଷୀ ଏଥିପ୍ରତି ଆଗ୍ରହ ଦେଖାଇବେ ସେମାନଙ୍କୁ ଆର୍ଥିକ ସହାୟତା ମିଳିବ ବୋଲି ପ୍ରକଳ୍ପ ପ୍ରଶାସକ କହିଛନ୍ତି।

# ଶିଶୁଶ୍ରମିକ ନିରାକରଣ ନେଇ ଶୋଭାଯାତ୍ରା

ପାରଳାଖେମୁଣ୍ଡି,୧୬।୬(ଗିରିଧାରୀ ପରିଛା)

ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନେଇ ହୋଇଥିବା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଫାଲ୍‌ଗୁନି ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଜିଲା ଶ୍ରମ ଅଧିକାରୀ ଭାରତୀ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଶୋଭାଯାତ୍ରାରେ ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ଶିଶୁ ଶ୍ରମ ଆଇନ ସମ୍ପର୍କିତ



ଶିଶୁ ଶ୍ରମିକ ନିରାକରଣ ନେଇ ବାହାରିଥିବା ଶୋଭାଯାତ୍ରା।

ଦଣ୍ଡବିଧାନ ସହ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର ଓ ଥଇଥାନ ସମ୍ପର୍କରେ ଅବଗତ କରାଇଥିଲେ। ଓଡ଼ିଶାକୁ ଶିଶୁ ଶ୍ରମିକମୁକ୍ତ କରିବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଶିଶୁ ଓ କିଶୋର ଶ୍ରମଆଇନକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ଶିଶୁ ଶ୍ରମ ନିରାକରଣ ଶୋଭାଯାତ୍ରା ଓ କର୍ମଶାଳା କରାଯାଉଛି।

# ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଜବତ

ଫୁଲବାଣୀ/ବାଲିଗୁଡ଼ା, ୧୬।୬(ରାକେଶ କୁମାର ରାଉତ/ସଞ୍ଜୟ କୁମାର ପାଣିଗ୍ରାହୀ)

ସାରଙ୍ଗଡ ଥାନା ଅନ୍ତର୍ଗତ ପାବୁରିଆ ଠାରେ ଜଣେ ବ୍ୟବସାୟୀଙ୍କ ଝୁଲନ୍ତା ମୃତ ଦେହ ତାଙ୍କ ଦୋକାନ ଘର ଭିତରୁ ଉଦ୍ଧାର ହୋଇଛି। ସେ ହେଲେ ଶିବାନନ୍ଦ ଦାଶ। ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା କୁହାଯାଉଛି । ସୂଚନା ଅନୁଯାୟୀ, ଶିବାନନ୍ଦ କିଛି ବର୍ଷ ହେଲା ଭଞ୍ଜନଗର ଅଞ୍ଚଳରୁ ଆସି ଏଠାରେ ବ୍ୟବସାୟ କରୁଥିଲେ। ରବିବାର ସେ ଘରେ ଏକୁଟିଆ ଥିଲେ। ସୋମବାର ସକାଳୁ ସେ ଦୋକାନ ନ ଖୋଲିବାରୁ ପାଖ ପଡ଼ୋଶୀ ଲୋକେ କବାଟ ବାଡ଼େଇ ଡାକିଥିଲେ। ଭିତରୁ କିଛି ଉତ୍ତର ନ ମିଳିବାରୁ ସନ୍ଦେହରେ ପୋଲିସକୁ ଖବର ଦିଆ ଯାଇଥିଲା। ସାରଙ୍ଗଡ଼ ଥାନା ପୋଲିସ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। କବାଟ ଖୋଲିବା ପରେ ଶିବାନନ୍ଦ ଘର ଭିତରେ ବେକରେ ରଶି ଦେଇ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତାଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଘଟଣାସ୍ଥଳରୁ ଏକ ସୁଇସାଇଡ ନୋଟ ଜବତ କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ କିଛି ସ୍ପଷ୍ଟ କରା ଯାଇନାହିଁ । ଜମି କିଣାବିକାକୁ ନେଇ ଲକ୍ଷାଧିକ ଟଙ୍କା କ୍ଷତିର ଶୀକାର ହୋଇ ଶିବାନନ୍ଦ ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି ବୋଲି କହିଛନ୍ତି ପରିବାର ଲୋକେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ବଧୁଲିକା ବିଶ୍ୱାଳ ସୂଚନା ଦେଇଛନ୍ତି ।

# ପରିତ୍ୟକ୍ତ ଅବସ୍ଥାରେ ଗୋଦାମ ଗୃହ

## ବହୁମୁଖୀ ସମବାୟ ସମିତି

ଦାରିଙ୍ଗବାଡ଼ି,୧୬।୬ (ଅରୁଣ ସାହୁ)

ସରକାରଙ୍କ ସାଧାରଣ ବଣ୍ଟନ ଦାୟିତ୍ୱ ଦାରିଙ୍ଗବାଡ଼ି ବୃହଦାକାର ବହୁମୁଖୀ ସମବାୟ ସମିତିନେଇଛି। ୧୭ ପଞ୍ଚାୟତରେ ସାଧାରଣ ସାମଗ୍ରୀ ଚାଉଳ, ଗହମ, କିରୋସିନ ଆଦି ବଣ୍ଟନ କରୁଥିବା ବେଳେ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଥିବା ବୃହଦାକାର ବହୁମୁଖୀ ସମବାୟ ସମିତି ୮ ପଞ୍ଚାୟତରେ ଏହା ବଣ୍ଟନ କରୁଛି। ତେବେ ଦାରିଙ୍ଗବାଡ଼ି ଓ ବ୍ରାହ୍ମଣୀଗାଁ ଭଳି ସିମନବାଡ଼ିରେ ସମିତିର ନିଜସ୍ୱ ଗୋଦାମ ଗୃହ ରହିଛି। ଯାହା ୧ ଦଶନ୍ଧି ଧରି କାମରେ ଲାଗୁନି। ଏହାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହି ଗୋଦାମ ନିକଟରେ ସମିତିର ନିଜସ୍ୱ ଜମିରେ ଏକାଧିକ ଦୋକାନ ମାଲିକମାନେ ନିଜ ହାତ ପାଣ୍ଠିରୁ ଖର୍ଚ୍ଚକରି ବ୍ୟବସାୟ କରୁଥିବା ବେଳେ ଏଥିପାଇଁ ସମିତିକୁ ବ୍ୟବସାୟୀମାନେ ଭଡ଼ା ଦେଉଛନ୍ତି। ଏହି ଭଡ଼ା ସମିତି ଆଦାୟ



କରୁଥିଲେ ମଧ୍ୟ ନିଜ ଗୋଦାମ ଗୃହକୁ ମରାମତି ନ କରି ପଞ୍ଚାୟତ କାର୍ଯ୍ୟାଳୟର ଘରଭଡ଼ାରେ ନେଇ ସାମଗ୍ରୀ ବଣ୍ଟନ କରୁଛି। ଏବେ ସରକାର ଆହୁରି ନୂତନ ସମିତି ସ୍ଥାପନ କରିବା ପାଇଁ ଘୋଷଣା କରିଥିବା ବେଳେ ସିମନବାଡ଼ିର ତାଲିକାରେ ନାମ ରହିଛି। ସମିତି ତା'ର ନିଜସ୍ୱ ଗୃହ ପୁନରୁଦ୍ଧାର କରିବାକୁ ଖାଉଟିମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଗୋଦାମ ଗୃହର ଜମିଖୋଲା ପଡ଼ିଥିବାରୁ ଏବେ ଜବରଦଖଲ କରି ଏକାଧିକ ଲୋକ ଘର ନିର୍ମାଣ କରିଛନ୍ତି। ଫଳରେ ସମିତିର ଜମି ସଂକୁଚିତ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ଏନେଇ ସମିତ ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପ୍ରିୟା ପ୍ରଧାନ କହିଛନ୍ତି, ଏଥିପାଇଁ ନୂତନ କୋଠା ନିର୍ମାଣ କରାଯିବ। ସେଥିପାଇଁ ଅନୁଦାନ ଆସିବ।

### ଯୁବକଙ୍କ ମୃତଦେହ ଜବତ

ଦିଗପହଣ୍ଡି,୧୬।୬(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୋମବାର ପୋଲିସ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ସାନଖେମୁଣ୍ଡି ବ୍ଲକ ଛଣମେରି ଗ୍ରାମ ବଡସାହିର ଜିତେନ୍ଦ୍ର ନାୟକ(୨୬)।ନଂ.୨୨/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରବିବାର ସନ୍ଧ୍ୟାରେ ପରିବାର ଲୋକେ ଜିତେନ୍ଦ୍ରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଡାକ୍ତର ପୋଲିସକୁ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ବିଷ କ୍ରିୟାରେ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଏସ୍‌ଆଇ ଦୁଷ୍ମନ୍ତ ପ୍ରଧାନ କହିଛନ୍ତି।

### ରଜ ମହୋତ୍ସବ ଉଦ୍‌ଯାପିତ

ଆସିକା,୧୬।୬(ସୁରେନ୍ଦ୍ର ନାଥ ସାହୁ): ଆସିକା ଟାଉନହଲରେ ଶନିବାରଠାରୁ ଚାଲିଥିବା ରଜ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀରେ ମହୋତ୍ସବର ସଫଳ ଆୟୋଜନ ଲାଗି ସୁରେଶ ବିଷୋୟୀ ଓ ତାଙ୍କ ସ୍ତ୍ରୀ ପ୍ରତିମା ବିଷୋୟୀଙ୍କୁ ସମ୍ମାନିତ କରାଯାଇଥିଲା । ପତଞ୍ଜଳି ଯୋଗ ସମିତି ଓ ଟାଉନ ହଲ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆସିକା ସହରରେ ପ୍ରଥମ ଥର ପାଇଁ ଏଭଳି ଉତ୍ସବ ପାଳିତ ହୋଇଥିଲା। ସମିତି ସଭାପତି ଦିଲ୍ଲୀପ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶନିବାର ଶିକ୍ଷାବିତ୍ ଗଣେଶ ରଥ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀରେ ଓକିଲ ସଂଘ ପୂର୍ବତନ ସମ୍ପାଦକ ବିଦେଶୀ ନାହାକ ମୁଖ୍ୟ ଅତିଥି, ସଂପାଦକ ତାରିଣୀ ସେନାପତି, ରଶ୍ମିତା ସେନାପତି, ସୁରେଶ ବିଷୋୟୀ, ବାବୁଲା ଗୌଡ, ଅନିଲ ପାଣିଗ୍ରାହୀ, ମାନସ ଗୌଡ, ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗୋପାଳପୁର- ରେଢ଼ାଖୋଲ ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ଦାବି

# ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଦାବିପତ୍ର




କର୍ମକର୍ତ୍ତାମାନେ ଏଡିଏମ୍‌ଙ୍କୁ ଦାବିପତ୍ର ଦେଉଛନ୍ତି।

ଭଞ୍ଜନଗର,୧୬।୬(ବାବୁଲା ପ୍ରଧାନ) ପ୍ରତ୍ୟେକ ମାସ ତୃତୀୟ ସୋମବାର ସରକାରୀ କାର୍ଯ୍ୟ ଦିବସରେ ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଉଛି। ଏହି କ୍ରମରେ ସୋମବାର ଅଭିଯୋଗ ଶୁଣାଣି ଥିବା ବେଳେ କାର୍ଯ୍ୟବ୍ୟସ୍ତତା ଯୋଗୁ ଜିଲାପାଳ ଅନୁପସ୍ଥିତ ଥିବାରୁ ଏଡିଏମ୍ ଦେବଦତ୍ତ ପଣ୍ଡା, ଉପଜିଲାପାଳ ଉମା ଶଙ୍କର ବେହେରା, ଏଏସ୍‌ପି ରଞ୍ଜନ କୁମାର ଦେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ଏହି ସମୟରେ ଘୁମୁସର ବିକାଶ ପରିଷଦ ତରଫରୁ ସୋମନାଥ ନାୟକ, ପ୍ରକାଶ ଚନ୍ଦ୍ର ସାହୁ, ରବି ନାରାୟଣ ସାମନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏଡିଏମ୍‌ଙ୍କୁ ଭେଟି ଗୋପାଳପୁର ଭାୟା ଭଞ୍ଜନଗର ଫୁଲବାଣୀ ରେଢ଼ାଖୋଲ ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ଦକ୍ଷିଣ ଓଡିଶା ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟି, ଭଞ୍ଜନଗର ଓକିଲ ସଂଘ ଏବଂ ସହରର ଅନ୍ୟ ସଙ୍ଗଠନଗୁଡିକ ପକ୍ଷରୁ ମିଳିତ ଭାବେ ଉକ୍ତ ରେଳ ପ୍ରକଳ୍ପ ସମେତ ଅନ୍ୟାନ୍ୟ ବିକାଶ ଦାବି ନେଇ ଭଞ୍ଜନଗର ସହରରେ ଶୋଭାଯାତ୍ରା ହୋଇଥିଲା। ପରେ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଉମା ଶଙ୍କର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ଉକ୍ତ ରେଳ ପ୍ରକଳ୍ପ ସର୍ଭେ କାର୍ଯ୍ୟ ତୁରନ୍ତ ସାରି ଡିପିଆର ପ୍ରଦାନ କରିବା ପାଇଁ ଦାବି ଉଲ୍ଲେଖ କରାଯାଇଥିଲା।

# ବିକାଶ ବାହନ ଉଦ୍‌ଘାଟନ କଲେ ଏମ୍‌ପି



ଅତିଥିମାନେ ବିକାଶ ବାହାନ ରଥକୁ ଉଦ୍‌ଘାଟନ କରୁଛନ୍ତି।

କବିସୂର୍ଯ୍ୟନଗର,୧୬।୬(କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ଏନ୍‌ଏସିରେ ସରକାରଙ୍କ ବିକାଶ ବାହନ ରଥ ଭ୍ରମଣ ଆରମ୍ଭ କରିଛି। ଆସିକା ଏମ୍‌ପି ଅନିତା ଶୁଭ ପ୍ରିୟଦର୍ଶିନୀ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିବା ବେଳେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, କବିସୂର୍ଯ୍ୟନଗର ଏନଏସି ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, କାଉନସିଲର ବିପିନ ବିହାରୀ ଶତପଥୀ, ଜଗଦୀଶ ମିଶ୍ର, ଦେବୀପ୍ରସାଦ ସ୍ୱାଇଁ, ଏସ. କମଳା, ଲକ୍ଷ୍ମୀପ୍ରିୟା ସାହୁ, ନିବେଦିତା ବେହେରା, ସୁଦେଷ୍ଣା ପ୍ରଧାନ, ମନମୋହନ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତକା ଦେଖାଇ ରଥ ଭ୍ରମଣ ଶୁଭାରମ୍ଭ କରିଥିଲେ। ମୋହନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଯୋଜନାର ସଫଳତାକୁ ଏହି ବିକାଶ ବାହନ ଦ୍ୱାରା ଏନଏସି ସମସ୍ତ ୱାର୍ଡରେ ଅବଗତ କରାଯିବ। ଏହି ଅବସରରେ ହିତାଧିକାରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଭତ୍ତା, ଆୟୁଷ୍ମାନ କାର୍ଡ, ରାସନ କାର୍ଡ, ଅନ୍ତ୍ୟୋଦୟ କାର୍ଡ, ଲେବର କାର୍ଡ ଆଦି ବଣ୍ଟନ କରାଯାଇଥିଲା। କବିସୂର୍ଯ୍ୟନଗର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୁନୀଲ କୁମାର ଶତପଥୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# କୃଷକ ଅଧିକାର ସଚେତନତା ଶିବିର

ବେଲଗୁଣ୍ଠା,୧୬।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଗୋବରାସ୍ଥିତ ନୃସିଂହନାଥ ମନ୍ଦିରଠାରେ କୃଷକ, ମଜଦୁର୍ ଏବଂ କଳାକାରଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଦେବା ଦାବିରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କୃଷକ, ମଜଦୁର୍ ଏବଂ କଳାକାରଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କଳାକାରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ଅଧ୍ୟକ୍ଷ ସଚିନ୍ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ। ରେସ୍‌ପଣ୍ଡ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱପ୍ନ ସୁନ୍ଦର ସିଆ ସ୍ୱାଗତ ସୂଚନା ଦେଇଥିଲେ। ମୁଖ୍ୟଅତିଥି ମହାପାତ୍ର ଚାଷୀଙ୍କ ବିଭିନ୍ନ ସମସ୍ୟା ଜଳସେଚନ, ମଣ୍ଡି ବ୍ୟବସ୍ଥା, କୃଷିଜାତ ଦ୍ରବ୍ୟ ପାଇଁ ବଜାର, ଶୀତଳଭଣ୍ଡାର ନିର୍ମାଣ, ମଜଦୂର ଓ କଳାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଚାଷୀ, କଳାକାର ଏବଂ ମଜଦୁର୍‌ଙ୍କ ମଧ୍ୟରେ ଜାଣିଶୁଣି ବିଭାଜନ ସୃଷ୍ଟି କରାଯାଉଥିବା ମହାପାତ୍ର ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ମଞ୍ଚ କଳାକାର ପ୍ରଫୁଲ୍ଲ ବେହେରା, କଳାକାର ସୁରେନ୍ଦ୍ର ପ୍ରଧାନ, ନୃସିଂହନାଥ କୃଷକ ସଂଗଠନ ଉପସଭାପତି ସାନୁଜ ସ୍ୱାଇଁ, ମଧୁସୂଦନ ନିର୍ମାଣ ଶ୍ରମିକ ସଂଘ ସଭାପତି ସୁବାସ ଗୌଡ, ଶାଖା ସଞ୍ଚାଳକ ସଂଗ୍ରାମ କେଶରୀ ସେଠୀ, କୋଷାଧ୍ୟକ୍ଷ ସନାତନ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଚିନ୍ମୟ ପ୍ରସାଦ ପରିଡା ସଂଯୋଜନା କରିଥିଲେ।

# ଭଞ୍ଜନଗରରେ ଜବରଦଖଲ ସମସ୍ୟା ବଢୁଛି

## ହୋଇପାରୁନି ଜମିରୁ ପାଣି ନିଷ୍କାସନ

ଭଞ୍ଜନଗର,୧୬।୬(ବାବୁଲା ପ୍ରଧାନ):

ଭଞ୍ଜନଗର ସହରରେ ଜବରଦଖଲ ସମସ୍ୟା ବଢିବାରେ ଲାଗିଛି। ଏଥିଯୋଗୁ ସହରର ରାସ୍ତାଗୁଡ଼ିକ ଧୀରେ ଧୀରେ ସଙ୍କୁଚିତ ହେଉଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଅନ୍ୟପଟେ ଡ୍ରେନରେ ମଇଳା ପାଣି ନିଷ୍କାସନ ମଧ୍ୟ ଠିକ ଭାବେ ହେଉନାହିଁ। ରେଡକ୍ରସ ରୋଡର ଲୋହାରାଖଣ୍ଡି ନଦୀ ଆଡ଼ିବନ୍ଧକୁ ଲାଗି ଥିବା କିଛି ମୂଲ୍ୟବାନ ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଛନ୍ତି। ସେଠାରେ ବଡ଼ ବେସରକାରୀ ଅନୁଷ୍ଠାନସବୁ ଗଢ଼ିଉଠୁଛି। ଏହାଦ୍ୱାରା ଆଗାମୀ ଦିନରେ ରେଡକ୍ରସ ରୋଡର ପାଣି ନିଷ୍କାସନରେ ମୁଖ୍ୟ ସମସ୍ୟା ହେବ। ତେଣୁ ଉକ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ଦାବି ହୋଇଛି। ସୋମବାର ଖଲାସୀସାହି ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏ ନେଇ ଏଡିଏମଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଜବରଦଖଲକାରୀଙ୍କୁ ତୁରନ୍ତ ଉଚ୍ଛେଦ କରା ନ ଗଲେ ଜୋରଦାର ଆନ୍ଦୋଳନ ହେବ ବୋଲି ମଞ୍ଚର ସମ୍ପାଦକ ମୁରଲୀଧର ପଣ୍ଡା କହିଛନ୍ତି। ସେହିପରି ସହରକୁ ଲାଗିଥିବା ଡିହପଢ଼ାଳ ପଞ୍ଚାୟତର ଅନେକ ଜମିକୁ ବେଆଇନ ଭାବେ କିସମ ବଦଳାଯାଇଛି। ପ୍ଲଟ ବ୍ୟବସାୟୀମାନେ ଜମିରେ ମାଟି ପକାଇ ଉଚ୍ଚତା ବଢାଇ ଦେଉଛନ୍ତି। ଫଳରେ ଉକ୍ତ ପ୍ଲଟକୁ ଲାଗିଥିବା ଜମି ଗୁଡିକରୁ ଆଉ ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଥିପ୍ରତି ପଦକ୍ଷେପ ନେବାକୁ ଚାଷୀ ସୁନିଲ ରଞ୍ଜନ ପଣ୍ଡା, ପ୍ରସନ୍ନ ପଣ୍ଡା, ପ୍ରମୋଦ ସ୍ୱାଇଁ, ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଏଡିଏମ ଦେବଦତ୍ତ ପଣ୍ଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ଅଷ୍ଟମ ବେତନ କମିଶନରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅଣଦେଖା ଅଭିଯୋଗ

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିବ ସଂଘ

ଭଞ୍ଜନଗର,୧୬।୬(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ ଗୃହରେ ସୋମବାର ଭଞ୍ଜନଗର ଏନ୍‌ଏସି ଏବଂ ବ୍ଲକର ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ବିଭୂତି ଭୂଷଣ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ଯୋଗଦେଇ ପେନ୍‌ସନ ଉପରେ କେନ୍ଦ୍ର ସରକାର ନେବାକୁ ଯାଉଥିବା ପଦକ୍ଷେପ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏଥିରେ ରହିଥିବା ଅସୁବିଧା ଓ ସମସ୍ୟା ଉପରେ ସେ ଆଲୋକପାତ କରିଥିଲେ । ଏହାକୁ ନେଇ ଆଗାମୀ ଦିନରେ ଏକ ସମାବେଶ କରାଯାଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ




ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକରେ ରାଜ୍ୟ ସମ୍ପାଦକ ସୂଚନା ଦେଉଛନ୍ତି।

ଅର୍ଥମନ୍ତ୍ରୀଙ୍କୁ ପତ୍ର ଲେଖାଯିବାକୁ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ ସ୍ୱାଗତ ସୂଚନା ଦେଇଥିଲେ ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ ଲାଗୁ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ଏଥିରେ ଅବସରପ୍ରାପ୍ତ ବେତନ ଭୋଗୀ ସରକାରୀ କର୍ମଚାରୀଙ୍କୁ ଯେପରି ସୁବିଧା ମିଳିବା କଥା ତାହା ମିଳୁ ନ ଥିବା ଜଣାପଡ଼ିବା ପରେ ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମସ୍ତଙ୍କୁ ସମାନ ସୁବିଧା ଦେବା ସହ ଚିକିତ୍ସା ଭତ୍ତା ଦେବାକୁ ଦାବି କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନୁପମ ବାନାର୍ଜୀ, ସୁରେଶ ସ୍ୱାଇଁ, କବିରାଜ ପୋଲେଇ, ଜଗବନ୍ଧୁ ଜେନା, ପ୍ରଫୁଲ୍ଲ ପଟ୍ଟନାୟକ, ଜୟଦେବ ତାରିଣୀ, ଅମର ବିଳାସ ବେହେରା, ଅନିଲ ପଣ୍ଡା, ପର୍ଶୁରାମ ସ୍ୱାଇଁ, ରିତାରାଣୀ ମହାପାତ୍ର, ବିପିନ ବିହାରୀ ପାଢ଼ୀ, ଶ୍ୟାମ ସୁନ୍ଦର ରଣସିଂହ, ଅଭିମନ୍ୟୁ ପଣ୍ଡା, ଗୋପାଳ ଚନ୍ଦ୍ର ସ୍ୱାଇଁ, ବନମାଳୀ ଲେଙ୍କା ଉପସ୍ଥିତ ରହି ଆଲୋଚନା କରିଥିଲେ। ସନ୍ତୋଷ ଜେନା ସଂଯୋଜନା କରିଥିଲେ। ସୁବାସ ଚନ୍ଦ୍ର ତାରିଣୀ ଧନ୍ୟବାଦ ଦେଇଥିଲେ ।

# ପଞ୍ଚାୟତରୁ ବେରୋଜଗାର ଦୂର କରିବା ଉପରେ ଗୁରୁତ୍ୱ



ଛତ୍ରପୁର,୧୬।୬(ଦିଲ୍ଲୀପ ସାମଲ):

ଗଞ୍ଜାମ ଜିଲା ପରିଷଦ ଭବନର ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ପଞ୍ଚାୟତ ଆଡ୍‌ଭାନ୍ସମେଣ୍ଟ ଇଣ୍ଡେକ୍ସ-୨.୦ ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ସରପଞ୍ଚମାନଙ୍କୁ ନେଇ ହୋଇଥିବା ଏହି କର୍ମଶାଳାରେ ବିଡ଼ିଓ ଏବଂ ବିଭିନ୍ନ ବିଭାଗର ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମିନା ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତରୁ ବେରୋଜଗାର ଦୂର କରିବା ପାଇଁ ଗ୍ରାମସଭା, ପଲ୍ଲୀସଭାରେ ତଥ୍ୟ ଉପସ୍ଥାପନ କରି ପଞ୍ଚାୟତର ସମସ୍ତ କାର୍ଯ୍ୟ ସଫଳ କରିବା, ଦୀର୍ଘସ୍ଥାୟୀ ବିକାଶ, ପିଏଆଇ ପୋର୍ଟାଲ-୨୦୨୩-୨୪ର ଡାଟା ବେଶ ପ୍ରସ୍ତୁତ କରିବା, ଭୂତଳ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା, ରୋଜଗାର, ପଞ୍ଚାୟତର ବିକାଶ ଓ ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ଏଥିସହ ଗତବର୍ଷ ଭଳି ଚଳିତବର୍ଷ ମଧ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ସମ୍ମାନ ଦେବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଦାରିଦ୍ର୍ୟ ଦୂରୀକରଣକୁ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣକୁ ସମାନ ଗୁରୁତ୍ୱ ଦେଲେ ଲକ୍ଷ୍ୟ ନିଶ୍ଚିତ ପୂରଣ ହୋଇପାରିବ ବୋଲି କୁହାଯାଇଥିଲା। କର୍ମଶାଳାରେ ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଇନ୍‌ଟାକ୍‌ର ଆଇଟି ଏସ୍‌ଆଇଆର୍‌ଡି ପ୍ରଦୀପ ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ବିଜୟ ବେହେରା, ଏନ୍‌ଆଇଆର୍‌ଡି କନସଲଟାଣ୍ଟ ଦୀପକ ପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଛତ୍ରପୁର, ପୋଲସରା ଓ ଭଞ୍ଜନଗର ବିଡ଼ିଓଙ୍କ ସହ ଜିଲାର ୧୦ ପଞ୍ଚାୟତକୁ ସମ୍ମାନିତ କରାଯାଇଥିଲା।

# ସୁନ୍ଦରଗଡ଼ ଗାଁରେ ରଜ ମହୋତ୍ସବ



ଖଜୁରିପଡା,୧୬।୬ (ବିଦୁର ବେହେରା) ଖଜୁରିପଡ଼ା ବ୍ଲକ୍ ବଲସକୁମ୍ପା ପଞ୍ଚାୟତର ସୁନ୍ଦରଗଡ଼ ଗାଁରେ ରଜ ମହୋତ୍ସବ ପାଳନ କରାଯାଇଛି। କୁଆଁରୀ ଝିଅମାନେ ଗଛରେ ଦୋଳି ବାନ୍ଧି ଖେଳିଛନ୍ତି। ପିଲାମାନଙ୍କ ମଧ୍ୟରେ କବାଡି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ବେଳେ କୁଇଜ ସହିତ ସଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା। ଏହି କାର୍ଯ୍ୟକ୍ରମ ମୁଖ୍ୟଅତିଥି ଭାବେ ପୂର୍ବତନ ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ବିଦୁର ବେହେରା, ବ୍ୟାଙ୍କ କର୍ମଚାରୀ ନିରାକାର କହଁର, ଶିକ୍ଷକ ଅଶୋକ କହଁର, ଆକାଶ ଦାସ ପ୍ରମୁଖ ଯୋଗଦେଇ ଥିଲେ। ସୌରଭ ପ୍ରଧାନ କାର୍ଯ୍ୟକ୍ରମରେ ମଞ୍ଚ ଉପସ୍ଥାପନା ପରିଚାଳନା କରିଥିଲେ। ସେହିପରି ଦଳପଡ଼ା ପଞ୍ଚାୟତ ଝାମ୍ପି ଗ୍ରାମରେ ମା' ସୁନା ପ୍ରତିମା ଯୁବକ ସଂଘ ପକ୍ଷରୁ ଓଡ଼ିଶାର ଗଣପର୍ବ ରଜ ମହୋତ୍ସବ ପାଳିତ ହୋଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡା ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଦଳପଡା ସରପଞ୍ଚ ପଦ୍ମିନୀ ମଲିକ, ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ଖଜୁରିପଡ଼ା ଭାଜପା ମଣ୍ଡଳ ସଭାପତି ରଞ୍ଜନ କହଁର, ଯୁବ କର୍ମୀ ରୋହିତ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ମା'ସୁନା ପ୍ରତିମା ଯୁବକ ସଂଘ ସଭାପତି ଲଳିତ କହଁର, ସମ୍ପାଦକ ମାନସ ରଞ୍ଜନ କହଁର, ପର୍ଣ୍ଣଚନ୍ଦ୍ର କହଁର ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଠାକୁରାଣୀ ଯାତ୍ରାରେ ଜମୁଛି ମିନାବଜାର

ଜି.ଉଦୟଗିରି,୧୬।୬ (ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରିର ଅଧିଷ୍ଠାତ୍ରୀ ଦେବୀ ମା'ବରାଳିନୀଙ୍କ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଥିବା ବେଳେ ପଞ୍ଚ ଠାକୁରାଣୀଙ୍କ ପଟୁଆର ପରିକ୍ରମାରେ ବାହାରୁଛି। ଶୁକ୍ରବାର ହାତୀବାଲି ସାହି, ବ୍ୟାଙ୍କ କଲୋନୀ, ପାଙ୍ଗାନାଜୁକୁ ମା' ପରିକ୍ରମା କରିଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ପଞ୍ଚ ଦେବୀଙ୍କ ଦର୍ଶନ କରିଥିଲେ। ଶନିବାର ଏବଂ ରବିବାର ରଜ ପାଇଁ ମା' ଙ୍କ ନଗର ପରିକ୍ରମା ବନ୍ଦ ରହିଥିବା ବେଳେ ଶ୍ରଦ୍ଧାଳୁ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଦର୍ଶନ କରୁଥିବା ଦେଖିବାକୁ ମିଳିଛି। ଯାତ୍ରା ପାଇଁ ହାତୀବାଲି ସାହି ପାର୍କ ତଥା ମନ୍ଦିର ନିକଟରେ ମୀନା ବଜାର ଆରମ୍ଭ ହୋଇଛି। ଯାହାକୁ ଆନୁଷ୍ଠାନିକ ଭାବେ ସ୍ଥାନୀୟ ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ଉଦ୍‌ଘାଟନ କରିଥିବା ବେଳେ ଯାତ୍ରା ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ସଭାପତି ଅରୁଣ ଷଡ଼ଙ୍ଗୀ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ଦାଶ, ଉପସଭାପତି ଶଙ୍କର ଡାକୁଆ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଘୁମୁସର ବନଖଣ୍ଡ ପକ୍ଷରୁ ରଜପର୍ବ



ରଜ ପର୍ବ ଅବସରରେ ଉପସ୍ଥିତ ବନାଞ୍ଚଳ ଅଧିକାରୀ ଓ ଯୁବତୀ, ମହିଳାମାନେ।

ଜଗନ୍ନାଥ ପ୍ରସାଦ,୧୬।୬(ବିଷ୍ଣୁ ପ୍ରସାଦ ପଟ୍ଟନାୟକ)

ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ଜଗନ୍ନାଥ ପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତାରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଘୁମୁସର ବନଖଣ୍ଡରେ ରଜପର୍ବ ପାଳନ ହୋଇଛି। ସୁଜାତାରାଣୀ ରବିବାର ତିରିକୁପା ବିଟ୍‌ର କ୍ରିୟାଧର ଓ ବନ୍ତା ବିଟ୍‌ର କନ୍ଧବନ୍ତା ଗ୍ରାମକୁ ଯାଇ ବନ ସଂରକ୍ଷଣ ସମିତି ସଭ୍ୟ ଓ ଯୁବତୀମାନଙ୍କୁ ଏକାଠି କରି ରଜ ପାଳନ କରିଥିଲେ। ସ୍ଥାନୀୟ ମହିଳା ଓ ଯୁବତୀଙ୍କ ମଧ୍ୟରେ ଖେଳକୁଦ ଓ ଅନ୍ୟାନ୍ୟ ପ୍ରତିଯୋଗିତା କରିଥିଲେ। ରଜ ପର୍ବ ଓଡ଼ିଶାର ପାରମ୍ପରିକ ଗଣପର୍ବ। ଏହାକୁ ତିନିଦିନ ଧରି ପାଳନ କରାଯାଏ। ରଜରେ ଚାଷୀ ପରିବାର ହଳଲଙ୍ଗଳ ପୂଜା କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି। ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ବେଶ୍ ଆକର୍ଷଣୀୟ ହୋଇଥାଏ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ପଣ୍ଡା, ଫରେଷ୍ଟ ଗାର୍ଡ କିସାନ ମଲ୍ଲିକ, ଅବକାଶ ବେହେରା, ଶଙ୍କର ଜାନିଙ୍କ ସମେତ ବନ ସଂରକ୍ଷଣ ସମିତିର ପଙ୍କଜ ମଲ୍ଲିକ, ଗୀତାଞ୍ଜଳି ପ୍ରଧାନ, ଲଳିତା ଦଳବେହେରା, ସବିତା ଦଳବେହେରା, ସଂଞ୍ଜୁ ଜାନୀ, ସୁମିତ୍ରା ଜାନୀ, ମଞ୍ଜୁଳା ମଲ୍ଲିକ, ସାବିତ୍ରୀ ଜାନୀ ସାମିଲ ହୋଇଥିଲେ।

# ଦ୍ୱିଦିବସୀୟ ଆଧ୍ୟାତ୍ମିକ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ

ବୁଗୁଡ଼ା,୧୬।୬(କାଳିଚରଣ ଦାଶ)

ଦିବ୍ୟ ଦର୍ଶନ ସଂଘ ପ୍ରତିଷ୍ଠାତା ସଦଗୁରୁ ଶ୍ରୀଅର୍ଜ୍ଜୁନଙ୍କ ଅଶେଷ କରୁଣାରୁ ଦିବ୍ୟ ଦର୍ଶନ ସଂଘ ଆଦିପୁର ଶାଖା ଆନୁକୁଲ୍ୟରେ ଦ୍ୱିଦିବସୀୟ ଆଧ୍ୟାତ୍ମିକ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନଗର ଭ୍ରମଣ କାର୍ଯ୍ୟକ୍ରମ ପରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅବସରରେ ଆଧ୍ୟାତ୍ମିକ ଜ୍ଞାନର ଆବଶ୍ୟକତା, ଭଗବାନଙ୍କ ପରିଚୟ ଓ ଅବଦାନ ବିଷୟରେ ଦିବ୍ୟ ଦର୍ଶନ ସଂଘର କେନ୍ଦ୍ରୀୟ ସଭାପତି ରବିନ୍ଦ୍ର ମହାନ୍ତି, ସମ୍ପାଦକ କେଶବ ସେଠୀ ଓ ସହ-ସମ୍ପାଦକ ପ୍ରଭାକର ପ୍ରଧାନଙ୍କ ଆଲୋଚନା କରିଥିଲେ। ସ୍ଥାନୀୟ ଦିବ୍ୟ ଦର୍ଶନ ଜରାଶ୍ରମ ଟ୍ରଷ୍ଟର ଚେୟାରମ୍ୟାନ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଦିବ୍ୟ ଦର୍ଶନ ସଂଘ ଆଦିପୁର ଶାଖା ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ଲଡୁ କିଶୋର ନାୟକ, କୋଷାଧ୍ୟକ୍ଷ କାଳୀ ଚରଣ ସାହୁ ଓ ଆଞ୍ଚଳିକ ପ୍ରତିନିଧି ରଙ୍କନିଧି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ରାଜେନ୍ଦ୍ର ଜେନା, ଧନେଶ୍ୱର ସାହୁ, ରାଜେନ୍ଦ୍ର ପ୍ରଧାନ, ରବିନ୍ଦ୍ର ନାଥ ସାହୁ, ଅରୁଣ ସାହୁ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।


**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
Nirupan Bhawan, 3rd Floor, Room No. 401,56-Set, Doranda, Ranchi-834002

**e-Procurement (Very Short Tender Notice)**
Letter of Invitation (LOI) No.-09/2025-26
1st Call
e-Tender Ref No:–RCD/SID/AP/RAN/09/2025-26 Date:- 14.06.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Bandhdih Middle School to Kasamar Tin Koniya Chowk via Baradih Banchash including construction of drainage system on the both side of road, replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro District in the State of Jharkhand. (Tetative Length 12 K.m.) *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 12.00 K.m |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 25,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 18.06.2025,10:30 AM |
| 7 | Last Date/Time of Bid Submission | 25.06.2025 12:00PM |
| 8 | Last Date/Time of Submission of Tender Fee & EMD | 25.06.2025 12:00PM |
| 9 | Date and Time of Bid opening | 26.06.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:-Only e-Tender shall be accepted.
Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi
PR 355116 (Road) 25-26 (D)


# ଅଭିଯୋଗ ଶୁଣାଣି ଶିବିର

ମୋହନା, ୧୬।୬(ମନ୍ମଥ ମିଶ୍ର)- ଗଜପତି ଜିଲା ମୋହନା ବ୍ଲକ ଧାଡିଆମ୍ବ ପଞ୍ଚାୟତରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଜୟ କୁମାର ଦାସ ଆସିଥିବା ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଶୁଣାଣି ପାଇଁ ୫୭ଟି ଅଭିଯୋଗ ଆସିଥିଲା। ସେଥିରୁ ସାମୁହିକ ଅଭିଯୋଗ ୪୫ଟି ଓ ୧୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ରାସ୍ତା, ପାନୀୟ ଜଳ ଓ ନେଟୱର୍କ ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା। ଜିଲାସ୍ତରୀୟ ଅଧିକାରୀମାନେ ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଅନୁପ ପଣ୍ଡା,ଏସ୍‌ପି ଯତୀନ୍ଦ୍ର ପଣ୍ଡା, ମୋହନା ବିଡ଼ିଓ ରାଜୀବ ଦାସ, ତହସିଲଦାର ଚକ୍ରଧର ପାଢ଼ୀ, ବ୍ଲକ ଅଧକ୍ଷ ରଞ୍ଜୀବ ଶବରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ତୁମୁଡିବନ୍ଧ ପଞ୍ଚାୟତରେ ବିକାଶ ବାହାନ ରଥକୁ ସ୍ୱାଗତ

## ନୂତନ ଭତ୍ତା,ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜବକାର୍ଡ଼ ଓ ଚାରା ବଣ୍ଟନ



ବିକାଶ ବାହାନ ରଥକୁ ସ୍ୱାଗତ କରୁଛନ୍ତି ଅତିଥି।

ତୁମୁଡ଼ିବନ୍ଧ,୧୬।୬(ଦୀପକ କୁମାର ପରାସେଠ)- ବର୍ଷ ଏକ ଉପଲବ୍ଧି ଅନେକ ବାର୍ତ୍ତା ନେଇ ବିକାଶ ବାହାନ ସଚେତନ ରଥ କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକର ତୁମୁଡିବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପହଞ୍ଚିବା ପରେ ଏହାକୁ ସ୍ୱାଗତ କରାଯାଇଛି। ସରପଞ୍ଚ ପ୍ରିୟଙ୍କା ପଡରା, ପିଇଓ ବିଘ୍ନେଶ୍ୱର ଦିଗାଳ, ଏମବିକେ ତପଇ ମଣ୍ଡଳ, ସିଆରପିସିଏମ ଓ ଏସ୍‌ଏଚ୍‌ଜି ପକ୍ଷରୁ ରଥକୁ ସ୍ୱାଗତ କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିମାନେ ମୋହନ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲବ୍ଧି ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। ଏହି ଅବସରରେ ନୂତନ ଭାବେ ମଞ୍ଜୁର ହୋଇଥିବା ଭତ୍ତା, ଏମ୍‌ଜିଏନଆରଇଜିଏସରେ ମହିଳାଙ୍କୁ ଜବ କାର୍ଡ଼, ଗାଁ ସାଥୀଙ୍କୁ ନୂତନ ପ୍ରକଳ୍ପର କାର୍ଯ୍ୟାଦେଶ, ବନ ବିଭାଗ ପକ୍ଷରୁ ଫରେଷ୍ଟର ଦେବାଶିଷ ଚୌଧୁରୀ ଏବଂ ତାଙ୍କ ଦଳ ଆଣିଥିବା ଶତାଧିକ ଚାରା ବଣ୍ଟନ କରାଯାଇଥିଲା। ତୁମୁଡିବନ୍ଧ ନୋଡାଲ ଅଧିକାରୀ, ବିପିଏମ ଅକ୍ଷୟ ପ୍ରଧାନ, ବିଏଲସି ବାଦଲ ପ୍ରଧାନ ଓ ଏଡିଓ ମହାନ୍ତି ପାଲଟା ସିଂ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଯୁବକ ଗୁରୁତର

ବେଲଗୁଣ୍ଠା,୧୬।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଏକ ବାଇକ୍ ଦୁର୍ଘଟଣାରେ ସୋମବାର ବେଲଗୁଣ୍ଠା ଅଞ୍ଚଳର ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ସକାଳ ୧୧ଟା୨୦ରେ ବେଲଗୁଣ୍ଠା ଆଳିଆସାହିର ବାଦଲ ଖଣ୍ଡୁଆଲ ସ୍କୁଟିରେ ଏକ ଭୋଜିରେ ଯୋଗ ଦେବାକୁ କୁମାରଶୁଣି ଅଭିମୁଖେ ଯାଉଥିଲେ। ପଥରାପଲ୍ଲୀ ନିକଟରେ ଏକତାଳର ଗଣେଶ ପ୍ରଧାନ ବାଲିପଦର ପଟୁ ଏକ ବାଇକ୍‌ରେ ଦ୍ରୁତଗତିରେ ଆସି ବାଦଲଙ୍କ ସହ ମୁହାମୁହିଁ ଧକ୍କା ହୋଇଥିଲେ। ଫଳରେ ବାଦଲ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଯୋଗେ ଭଞ୍ଜନଗର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡ଼ାକ୍ତର ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ଖବରପାଇ ବେଲଗୁଣ୍ଠା ପୋଲିସ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରିଛି।

# ଆଧାର ଲିଙ୍କ ପାଇଁ ହଇରାଣ ହେଉଛନ୍ତି ଲୋକେ



ପୋଷ୍ଟ ଅଫିସ

ରମ୍ଭା,୧୬।୬(ବନବାସୀ ସେଠୀ)କେନ୍ଦ୍ର ଓ ରାଜ୍ୟ ସରକାର ଆଧାର ଲିଙ୍କ ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ ଜାତୀୟକରଣ ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ମଧ ଏଥିପ୍ରତି ଗୁରୁତ୍ୱ ଦିଆଯାଉଛି। ସବୁ କ୍ଷେତ୍ରରେ ଆଧାର କାର୍ଡ ଲିଙ୍କର ଆବଶ୍ୟକତା ପଡୁଥିବାରୁ ଏଥିପାଇଁ ପୋଷ୍ଟ ଅଫିସଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଭିଡ ଦେଖିବାକୁ ମିଳୁଛି। କେତେକ କ୍ଷେତ୍ରରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ହେତୁ ଛାତ୍ରୀଛାତ୍ରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ରମ୍ଭା ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟରଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ କର୍ମଚାରୀମାନେ ଆଧାରକାର୍ଡ ଲିଙ୍କ୍ ପ୍ରତି ଅବହେଳା କରୁଥିବା ଦେଖିବାକୁ ମିଳୁଛି। ଓଟିପି, ଆଙ୍ଗୁଠି ଛାପ, ଆଖି ସ୍କାନର, ଫୋନ ନମ୍ବର ଲିଙ୍କ ଓ ଆଧାର କାର୍ଡ ଦେଇସାରିବା ପରେ ଆପଣଙ୍କ ହେବନାହିଁ ବୋଲି କହି ଦାୟିତ୍ୱରେ ଥିବା ଅଧିକାରୀ ଲୋକଙ୍କୁ ନିରାଶ କରୁଛନ୍ତି। ଲିଙ୍କ ଫେଲ ଦର୍ଶାଇ ଲୋକଙ୍କୁ ଫେରାଇ ଦିଆଯାଉଛି। ବହୁ ଆଶା ନେଇ ଦୂରଦୂରାନ୍ତରରୁ ଆସିଥିବା ଲୋକେ ନିରାଶରେ ଫେରୁଛନ୍ତି। ଅନ୍ୟପକ୍ଷରେ ଲିଙ୍କ କରାଯାଉଥିବା ପୋଷ୍ଟ ଅଫିସରେ ବସିବାକୁ ଜାଗା ଟିକେ ନାହିଁ। ଶୌଚାଳୟ ନାହିଁ। ଫଳରେ ଲୋକେ ବହୁ ହଇରାଣ ହେଉଥିବା ଦେଖିବାକୁ ମିଳେ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-247

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ ଷ୍ଟେସନଠାରେ ବର୍ତ୍ତମାନ ଥିବା ଫୁଟ୍ ଓଭର ବ୍ରିଜ୍ (FOB) ଠାରୁ ନୂଆ ଫୁଟ୍ ଓଭର ବ୍ରିଜ୍ (FOB) ପର୍ଯ୍ୟନ୍ତ Johnson ଦ୍ୱାରା ନିର୍ମିତ 13 ପାସେଞ୍ଜର କ୍ଷମତା ବିଶିଷ୍ଟ ପାସେଞ୍ଜର ଲିଫ୍ଟଗୁଡ଼ିକୁ ଭାଙ୍ଗିବା, ସ୍ଥାନାନ୍ତରଣ-ସଂସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 27,20,000/-, EMD /ବିଡ୍ ସୁରକ୍ଷା ଜମା (ଟଙ୍କାରେ) : 54,400/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରି ହେବା ତାରିଖ ଠାରୁ ଦୁଇ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.06.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-242/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-16, ତା.11.06.2025ରିଖ

**କାର୍ଯ୍ୟର ନାମ :** ବେଲସୋଣ୍ଡା, କୋମାଖାନ, ଖରିଆର ରୋଡ଼, କଣ୍ଟାବାଞ୍ଜି, ଜୁନାଗଡ଼ ରୋଡ଼, ବଲାଙ୍ଗୀର, ଡୁଙ୍ଗୁରିପାଲି, ବରଗଡ଼ ରୋଡ଼, ହୀରାକୁଦ, ଲପଙ୍ଗା, ହଣ୍ଡପା, ସମ୍ବଲପୁର ସିଟି ଏବଂ ରେଙ୍ଗାଲି ର ଗୁଡ୍ସ ସେଡ୍‌ଗୁଡ଼ିକର ଆଧୁନିକୀକରଣ।

**ଟେଣ୍ଡର ମୂଲ୍ୟ :** ₹ 2,53,94,919.63, ବିଡ୍ ସିକ୍ୟୁରିଟୀ: ₹ 2,77,000/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.07.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ଦୂରସଞ୍ଚାର), ସମ୍ବଲପୁର
PR-241/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-367ER, ତା.07.06.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଜରପଦା-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ସନ୍ଦର୍ଭରେ ତାଳଚେର ରୋଡ୍-ଜରପଦା ସେକ୍ସନରେ ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗ୍ ଏବଂ ସବ୍‌ଷ୍ଟେସନର ରୂପାନ୍ତରଣ/ସ୍ଥାନାନ୍ତରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 299.83 ଲକ୍ଷ, EMD (ଟଙ୍କାରେ) : 2,99,900/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.07.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପ୍‌ର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-I/ ଭୁବନେଶ୍ୱର
PR-42/CI/25-26



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବିବିଧ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ସିପିଏମ୍/ଇଏଲ୍/ଆର୍‌ଆଇଜି/ଜେଜିଏସ୍/୨୦୨୫-୨୬-୦୪ (ଖୋଲା ଟେଣ୍ଡର) ଦୁଇ ପ୍ୟାକେଟ୍ ପ୍ରଣାଳୀ। **କାର୍ଯ୍ୟର ନାମ:** "ଏସ୍‌ଇସିଆର୍‌ର ବିଳାସପୁର ମଣ୍ଡଳର ଆର୍‌ଆଇଜି-କେଏସ୍‌ଜି ସେକ୍ସନ (ସମସ୍ତ ୟାର୍ଡ ସମେତ) ମଧ୍ୟରେ ବିଦ୍ୟମାନ ୧x୨୫ କେଭି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ସିଷ୍ଟମକୁ ୨x୨୫ କେଭି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ସିଷ୍ଟମରେ ଉନ୍ନୀତ କରିବା ପାଇଁ ଡିଜାଇନିଂ, ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ (୭୦ ଆର୍‌କେଏମ୍/୨୮୦ଟିକେଏମ୍)"।

**ଟେଣ୍ଡର ମୂଲ୍ୟ:** ₹୯୭,୮୦,୧୮,୭୬୨/- (ସତାନବେ କୋଟି ଅଶୀ ଲକ୍ଷ ଅଠର ହଜାର ସାତଶହ ବାଷଠି ଟଙ୍କା ମାତ୍ର), ଇଏମ୍‌ଡି: ₹୫୦,୪୦,୧୦୦/-, କାର୍ଯ୍ୟର ସମାପ୍ତି ଅବଧି: ୧୮ ମାସ।

**ଟେଣ୍ଡର ସମାପ୍ତିର ତାରିଖ ଓ ସମୟ** ତା୨୪।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

**ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ** ତା୨୪।୦୬।୨୦୨୫ରିଖ ୧୫.୩୦ ଘଟିକାରେ।

ଟେଣ୍ଡର ଦସ୍ତାବିଜ, ଯୋଗ୍ୟତା ମାନଦଣ୍ଡ ସମ୍ବନ୍ଧୀୟ ଅଧିକ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ବିଦ୍ୟୁତ୍/ଦ.ପୂ.ମ.ରେ., ଓଲ୍ଡ କନ୍‌ଷ୍ଟ୍ରକ୍ସନ୍ ବିଲ୍ଡିଂ, ଜିଏମ୍ ଏସ୍‌ଇସିଆର୍ ବିଲ୍ଡିଂ କାର୍ଯ୍ୟାଳୟ ପାର୍ଶ୍ୱ, ବିଳାସପୁର-୪୯୫୦୦୪ (ଛତିଶଗଡ଼)ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମର ୱେବ୍‌ସାଇଟ୍ www.ireps.gov.in ଦେଖନ୍ତୁ।

ଡେପୁଟି ସିଇଇ/ପ୍ରକଳ୍ପ
CPR/10/FL/95 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail



**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
NirupanBhawan,3rd Floor,Room No. 401,56-Set, Doranda, Ranchi- 834002

**e-Procurement (Very Short Tender Notice)**
Letter of Invitation (LOI) No.-06/2025-26, 1st Call
e-Tender Ref No:–RCD/SID/AP/RAN/06/2025-26 Date:- 14.06.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from NH-32 Pindrajora more to Goplapur Khirabeda link road via Chakuliya and Sonabad (Telidih Vikramdih road) including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro District in the State of Jharkhand. (Tetative Length 18.250 K.m.) *Empanelledconsultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 18.250 K.m. |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 40,000 as Earnest Money. As per the Departmental Letter no.4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & eGovernance Department, Government ofJharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 18.06.2025,10:30 AM |
| 7 | Last Date/Time of Bid Submission | 25.06.2025 12:00PM |
| 8 | Last Date/Time of Submission of Tender Fee & EMD | 25.06.2025 12:00PM |
| 9 | Date and Time of Bid opening | 26.06.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:-Only e-Tender shall be accepted.
Sd/-
(Ravi Shankar Pravakar) Executive Engineer,
Soil Investigation Division, Advance Planning,
Road Construction Department,Ranchi
PR 355135 Road(25-26)#D

# ଜିଲ୍ଲାରେ ଧାନଚାଷ ଲକ୍ଷ୍ୟଧାର୍ଯ୍ୟ ବଢ଼ିଲା

## କୃଷି ବିଭାଗର ଖରିଫ ଖସଡ଼ା ପ୍ରସ୍ତୁତ

ବ୍ରହ୍ମପୁର,୧୬।୬(ଅଶୋକ କୁମାର ସାହୁ)

ଚଳିତବର୍ଷ ଗଞ୍ଜାମ ଜିଲ୍ଲାରେ ବିଳମ୍ବରେ ହେଲେ ମଧ୍ୟ ଖରିଫ ଖସଡ଼ା ପ୍ରସ୍ତୁତ ହୋଇଛି। ଚଳିତବର୍ଷ ଗତବର୍ଷଠାରୁ ଚାଷ ଲକ୍ଷ୍ୟଧାର୍ଯ୍ୟ କମିଥିବାବେଳେ ଧାନ ଚାଷକୁ ବୃଦ୍ଧି କରାଯାଇଛି। ଅଣଧାନ ଚାଷ ବି କମିଛି। ଦିନକୁ ଦିନ କୃଷି ଜମି କମୁଥିବା ଏହାର କାରଣ ବୋଲି ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି। ଜିଲ୍ଲାରେ ୩ ଲକ୍ଷ ୨ ହଜାର ୬୨୨ ହେକ୍ଟର ଜଳସେଚିତ ଜମି ଥିବାବେଳେ ୮୭ ହଜାର ୧୯୮ ହେକ୍ଟର ଅଣଜଳସେଚିତ ଜମି ରହିଛି। ସେହି ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଜିଲ୍ଲାରେ ୩ ଲକ୍ଷ ୮୯ ହଜାର ୮୨୦ ହେକ୍ଟର ଜମିରେ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଗତବର୍ଷଠାରୁ ଏହା ୧୬ ହଜାର ୧୮୦ ହେକ୍ଟର କମିଯାଇଛି। କିନ୍ତୁ ଧାନଚାଷକୁ ଦୃଷ୍ଟି ଦେଲେ ଗତବର୍ଷ ୧ ଲକ୍ଷ ୭୮ ହଜାର ୯୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିବାବେଳେ ଚଳିତବର୍ଷ ୧ ଲକ୍ଷ ୮୬ ହଜାର ୦୮୦ ହେକ୍ଟରରେ ଧାନ ଚାଷ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଅର୍ଥାତ ୭୧୮୦ ହେକ୍ଟରରେ ଅଧିକ ଧାନ ଚାଷ ପାଇଁ ସ୍ଥିର କରାଯାଇଛି। ଗୋଟିଏ ପକ୍ଷରେ ଗଞ୍ଜାମ ଜିଲ୍ଲାର ଜଳବାୟୁ ଧାନକୁ ସୁହାଉଛି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଧାନର ଏମଏସପି ଗତବର୍ଷ ବଢ଼ାଇଯାଇଥିବାରୁ ଚଳିତବର୍ଷ ଅଧିକ ଚାଷୀ ଧାନ ଫସଲ କରିବାକୁ ଆଗ୍ରହୀ ହେବେ ବୋଲି ଏଭଳି ଲକ୍ଷ୍ୟ ଧାର୍ଯ୍ୟରେ ବିଭାଗ ରହିଥିବା ଜଣାପଡିଛି। ତେବେ ଅଧିକ ଜମିରେ ଅଣଧାନ ଚାଷ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସେହି ଅନୁସାରେ ଅଣଧାନ ଚାଷ ୨ ଲକ୍ଷ ୩ ହଜାର ୭୪୦ ହେକ୍ଟର ଜମିରେ କରାଯିବାକୁ ଲକ୍ଷ୍ୟ ରହିଛି। ସେଥି ମଧ୍ୟରୁ ଡାଲି ଜାତୀୟ ଫସଲ ୬୩ ହଜାର ୨୧୦ ହେକ୍ଟର କରାଯିବାକୁ ଲକ୍ଷ୍ୟ ରହିଛି। କାରଣ ଏହା ବାହାରୁ ଆମଦାନୀ ହେଉଥିବାବେଳେ ଏଠାକାର ଚାଷୀଙ୍କୁ ଡାଲିଜାତୀୟ ଫସଲ କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। କୃଷି ବିଭାଗ ପକ୍ଷରୁ ଏଥିପାଇଁ ଚାଷୀଙ୍କୁ ସଚେତନ କରାଯାଉଛି। ବାହାରୁ ଚିନି ଆମଦାନୀ ହେଉଥିବାରୁ ଜଳସେଚିତ ଅଞ୍ଚଳଗୁଡିକରେ ଅଧିକ ଆଖୁ ଚାଷ କରାଯିବାକୁ ଲକ୍ଷ୍ୟ ରହିଛି। ଚଳିତବର୍ଷ ତୈଳବୀଜ ୧୫ ହଜାର ୧୮୬, ପନିପରିବା ୪୩ ହଜାର ୯୨୬, କପା ୧୮୦୨, ମିଲେଟ ୨୬୩୬୦, ସ୍ପାଇସେସ୍ ୪ ହଜାର ୧୨୮ ହେକ୍ଟର ଜମିରେ ଚାଷ କରାଯିବାକୁ ସ୍ଥିର କରାଯାଇଛି। ସେହିପରି ହେକ୍ଟର ପିଛା ୫୦ କେଜି ଲେଖାଏଁ ୨୫ ହଜାର କୁଇଣ୍ଟାଲ ସାର ଚାଷୀଙ୍କୁ ଯୋଗାଣ କରାଯିବ। ବର୍ତ୍ତମାନ ସୁଦ୍ଧା ପ୍ୟାକ୍ସ ଓ ଘରୋଇ ଡିଲରମାନଙ୍କ ନିକଟରେ ୧୫୨୩୦ କୁଇଣ୍ଟାଲ ସାର ମହଜୁଦ ରହିଛି। ଚଳିତବର୍ଷ ସାରର ଅଭାବ ପରିଲକ୍ଷିତ ହେବ ନାହିଁ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ବିହନକୁ ଦୃଷ୍ଟିଦେଲେ ଗତ ଥର ୬୦ ହଜାର ମେଟ୍ରିକ ଟନ୍ ଯୋଗାଣ ହୋଇଥିଲା। ଚଳିତବର୍ଷ ୬୨ ହଜାର ୫୦୦ ମେଟ୍ରିକ ଟନ୍ ଯୋଗାଣ କରିବାକୁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ଡିଲର ଓ ସୋସାଇଟିଗୁଡିକୁ ୨୮ ହଜାର ୫୮୬ ମେଟ୍ରିକ ଟନ୍ ବିହନ ଯୋଗାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ. ଅଜୟ କୁମାର କରଙ୍କୁ ପଚାରିବାରୁ ସେ କହିଲେ ଯେ, ଚଳିତବର୍ଷ ସଅଳ ମୌସୁମୀ ଆସିଛି। ଜଳବାୟୁ ବି ଚାଷ ଅନୁକୂଳ ରହିଛି। ସାର ଓ ବିହନର ବି ଅଭାବ ନାହିଁ। ଚାଷୀ କେଉଁ ଫସଲ କଲେ ଭଲ ଅମଳ ହେବ ସେଥିନେଇ ସଚେତନ କରାଯାଉଛି। ସାର ଓ ବିହନର ଅଭାବ ନାହିଁ। ତେଣୁ ଚଳିତବର୍ଷ ଫସଲ ଭଲ ହେବ ବୋଲି ଆଶା ରହିଥିବା ସେ କହିଛନ୍ତି।


ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ଚାଷ କାର୍ଯ୍ୟ ଆରମ୍ଭ ହୋଇନି।

## ନିର୍ବାହୀ ଯନ୍ତ୍ରୀ ଓ ଯନ୍ତ୍ରୀ ଧସ୍ତାଧସ୍ତି ଘଟଣା: କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିବେ ମେୟର

ବ୍ରହ୍ମପୁର,୧୬।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପରିସରରେ ଗତ ୧୩ ତାରିଖ ନିର୍ବାହୀ ଯନ୍ତ୍ରୀ ଇଂ. ନାଗେଶ୍ୱର ସୁବୁଦ୍ଧି ଓ କନିଷ୍ଠ ଯନ୍ତ୍ରୀ ଅମନ ପଣ୍ଡାଙ୍କ ମଧ୍ୟରେ ଧସ୍ତାଧସ୍ତି ଘଟଣାରେ ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଏତଲା ଦିଆଯାଇଛି। ବିଶୃଙ୍ଖଳିତ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନରଙ୍କୁ ସୁପାରିସ କରିବେ ବୋଲି ବିଏମସି ମେୟର ସଂଘମିତ୍ରା ଦଳେଇ ସୂଚନା ଦେଇଛନ୍ତି। ଏଥିସହ ଆଗାମୀ କର୍ପୋରେସନ ବୈଠକରେ ଯନ୍ତ୍ରୀଙ୍କୁ ନିଲମ୍ବନ ଆଦେଶ ପ୍ରସ୍ତାବ ରଖାଯିବ। ଯେଉଁ ଠିକାଦାରମାନେ ନିଗମ ପରିସରରେ ବିଶୃଙ୍ଖଳା ଘଟାଇବେ ସେମାନଙ୍କୁ କଳା ତାଲିକା ଭୁକ୍ତ କରାଯିବ। ନିଗମ ପରିସରରେ ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଗତ ୧୩ ତାରିଖ ସନ୍ଧ୍ୟାରେ ନିର୍ବାହୀ ଯନ୍ତ୍ରୀଙ୍କ ସହ ଠିକାଦାରମାନେ ସେମାନଙ୍କ ବକେୟା ବିଲ ସଂପର୍କରେ ଆଲୋଚନା କରୁଥିଲେ। ଏହି ସମୟରେ କନିଷ୍ଠ ଯନ୍ତ୍ରୀ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରକୋଷ୍ଠକୁ ଆସି ଗାଳି ଗୁଲଜ ସହ ମାଡ ମାରିଥିବା ଅଭିଯୋଗ ହୋଇଥିଲା।

## ଗଞ୍ଜାମ ଜିଲ୍ଲା ଫୁଟବଲ ଲିଗ୍ ୨୦୨୫ ପାଇଁ ପ୍ରସ୍ତୁତି

ବ୍ରହ୍ମପୁର,୧୬।୬(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ହେବ ଗଞ୍ଜାମ ଜିଲ ଫୁଟବଲ ଲିଗ-୨୦୨୫। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟରେ ଯୋଗ ଦେବାପାଇଁ ଦଳର ନାମ ପଞ୍ଜିକରଣ କରିବାକୁ ପଡିବ। ଏଥି ପାଇଁ ଆସନ୍ତା ୨୦ ସନ୍ଧ୍ୟା ୭ଟା ସୁଦ୍ଧା ଦଳର ନାମ ପଞ୍ଜିକରଣ କରିବକୁ ହେବ। ଇଚ୍ଛୁକ ଦଳମାନେ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ କାର୍ଯ୍ୟାଳୟ ଯୋଗଦେଇ ଜଣାଇବେ। ଆସନ୍ତା ଜୁଲାଇ ମାସରେ 'ସାହାଣୀ କପ-୨୦୨୫' ହେବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ଜଣାଇଛନ୍ତି।

## ଏନ୍ଇଇଟି ପରୀକ୍ଷାରେ ଆର୍ଯ୍ୟଭଟ୍ଟର ସଫଳତା



ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ସହ କର୍ମଚାରୀ ଓ କୃତୀ ଛାତ୍ରୀଛାତ୍ର।

ବ୍ରହ୍ମପୁର,୧୬।୬(ଅଶୋକ କୁମାର ସାହୁ)

ଗତ ୧୪ ତାରିଖ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍ଇଇଟିର ଫଳାଫଳ ବାହାରିଛି। ଏଥିରେ ସ୍ଥାନୀୟ ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନ ୧୪ବର୍ଷର ସଫଳତାକୁ ଦୋହରାଇଛି। ୧୨୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୨ ରାଜ୍ୟ ସରକାରୀ ମେଡିକାଲରେ ଭର୍ତ୍ତି ହେବାପାଇଁ ଆବଶ୍ୟକ ର୍ୟାଙ୍କ ହାସଲ କରିଛନ୍ତି। ରିତିକ ରଥ ସର୍ବାଧିକ ୫୮୭ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୨୬୦୦ ର୍ୟାଙ୍କ ରଖିଥିବାବେଳେ ଅନ୍ୟ ୨୧ ଜଣ ୫୧୦ରୁ ଅଧିକ ମାର୍କ ରଖିଛନ୍ତି। ଏଥି ମଧ୍ୟରୁ ଅନେକ ଛାତ୍ରୀଛାତ୍ର ଏନ୍ଇଇଟି ସହ ଏକାଧିକ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିଛନ୍ତି। ଏହା ସହ ୩ ଜଣ ଅନୁସୂଚିତ ଜାତି ଓ ଜନଜାତି ବର୍ଗରେ ସଫଳତା ହାସଲ କରିଛନ୍ତି। ଅନୁଷ୍ଠାନ ସହାୟତାରେ ପ୍ରଶିକ୍ଷିତ ହେଉଥିବା ଆର୍ଥିକ ଦୁର୍ବଳ ଶ୍ରେଣୀ ଛାତ୍ରୀଛାତ୍ର ସଫଳ ହୋଇପାରିଛନ୍ତି। ପୂର୍ବ ପ୍ରକାଶିତ ଜେଇଇ ମେନ୍ରେ ପ୍ରସ୍ତୁତି କରୁଥିବା ୩୨ରୁ ୧୫ ଜଣ ଓ ଆଡ୍ଭାନ୍ସଡରେ ୭ରୁ ୩ ଜଣ ସଫଳ ହୋଇଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ସୁଧୀର ରାଉତ ଓ ଶିକ୍ଷକଙ୍କ ସମେତ ତତ୍ତ୍ୱାବଧାରକ, କର୍ମକର୍ତ୍ତାମାନେ ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଛନ୍ତି।

## 'ଅଳ୍ପରେ ପ୍ରେମ'ର ରଜ ମଉଜ


ଅତିଥିଙ୍କ ଗହଣରେ ରଜ ସୁନ୍ଦରୀ ଜାହ୍ନବୀ।

ବ୍ରହ୍ମପୁର,୧୬।୬(ସୁବାସ ଚନ୍ଦ୍ର ପାଢ଼ୀ)

ମିନି ସାହିତ୍ୟ ପତ୍ରିକା 'ଅଳ୍ପରେ ପ୍ରେମ' ପକ୍ଷରୁ ଉତ୍କଳ ଆଶ୍ରମ ରୋଡ ଅଭିନନ୍ଦନ ମଣ୍ଡପରେ 'ରଜ ମଉଜ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆବାହିକା ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଏମସି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ମୁଖ୍ୟଅତିଥି, ଅନ୍ତର୍ଜାତୀୟ ମଞ୍ଚ ଉଦ୍‌ଘୋଷିକା ସୁଦୀପ୍ତା ପାଣିଗ୍ରାହୀ ଓ ବିଶିଷ୍ଟ ନାଟ୍ୟକାର ଡା. ତିରୁପତି ସାହୁ ସମ୍ମାନନୀୟ ଅତିଥି ରୂପେ ଯୋଗଦେଇ ରଜପର୍ବର ସାମାଜିକ ମହତ୍ତ୍ୱ ଉପରେ କହିଥିଲେ। ଉପଦେଷ୍ଟା ଡ. କୁଳମଣି ଓଝା ରଜପର୍ବର ପୌରାଣିକ ଆଧାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ କିଶୋରୀ ଜାହ୍ନବୀ ପଣ୍ଡାଙ୍କୁ 'ରଜ ସୁନ୍ଦରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନଳିନୀକାନ୍ତ ଗୌଡ଼ଙ୍କ ଦ୍ୱାରା ସଂପାଦିତ ମିନି ସାହିତ୍ୟ ପତ୍ରିକା 'ଅଳ୍ପରେ ପ୍ରେମ' ପଞ୍ଚବିଂଶତମ ସଂଖ୍ୟା ଲୋକାର୍ପିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପିଠାପର୍ବ ଓ ମଞ୍ଜୁଆତି ପର୍ବ ହୋଇଥିଲା । ପୂର୍ବରୁ ଅନୁଷ୍ଠିତ ଶଙ୍ଖଧ୍ୱନି, ହୁଳହୁଳି, ଓଡ଼ିଆ ସଂଗୀତ, ଓଡ଼ିଆ ନୃତ୍ୟ ଓ ପାରମ୍ପରିକ ଫ୍ୟାସନ ସୋ' ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। 'ରଜ, ପ୍ରେମ ଓ ବର୍ଷା' ଶୀର୍ଷକ କବିତା ପାଠୋତ୍ସବ ହୋଇଥିଲା। ଅଧ୍ୟାପିକା ଗୀତାରାଣୀ ବିଷୋୟୀ ଏହାକୁ ସଂଚାଳିତ କରିଥିଲେ। ୨୦ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବର୍ଷୀୟାନ କବି ପ୍ରମୋଦ କୁମାର ପଣ୍ଡା ସମ୍ମାନିତ ଅତିଥି ଥିଲେ। ଶେଷରେ ବହୁ କଣ୍ଠଶିଳ୍ପୀ ପାରମ୍ପରିକ ଓଡ଼ିଆ ଗୀତ ପରିବେଷଣ କରିଥିଲେ।

# ଘୁମୁସର ବନଖଣ୍ଡ ରେଞ୍ଜ କାର୍ଯ୍ୟାଳୟରେ ବିସ୍ଫୋରଣ

ଜଗନ୍ନାଥପ୍ରସାଦ,୧୬।୬(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ଘୁମୁସର ବନଖଣ୍ଡ ରେଞ୍ଜ କାର୍ଯ୍ୟାଳୟରେ ରବିବାର ରାତି ୧୧ଟା ୧୫ରେ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା। କିଛି ସମୟ ପାଇଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ରେଞ୍ଜର ସୁଜାତାରାଣୀ ପଣ୍ଡା ଘଟଣା ସମ୍ପର୍କରେ ଜଗନ୍ନାଥପ୍ରସାଦ ଆଇଆଇସିଙ୍କୁ ଜଣାଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଅନୁଧ୍ୟାନ କରିଥିଲା। ବନାଞ୍ଚଳ ଅଧିକାରୀ ପଣ୍ଡା ସୋମବାର ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, ରାତିରେ କାର୍ଯ୍ୟାଳୟ ମଧ୍ୟରେ ହଠାତ ଦୁଇଥର ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା। ଫଳରେ ଭୟରେ କର୍ମଚାରୀମାନେ ଉକ୍ତ ଜାଗାଠାରୁ ଦୂରେଇ ରହିଥିଲେ। କିଛି ସମୟ ପରେ ସେ ଆସି କାର୍ଯ୍ୟାଳୟ ଭିତରେ ଥିବା ଏକ କ୍ୱାର୍ଟର୍ସ ସମ୍ମୁଖରେ ବାରୁଦ ଓ ନିଆଁର କିଛି ଅଂଶ ପଡିଥିବା ଦେଖିବାକୁ ପାଇଥିଲେ। ଏହି ବିସ୍ଫୋରଣରେ କାର୍ଯ୍ୟାଳୟ କବାଟ ଝରକା, ୩ଟି ସାଇକେଲ ଓ ବିଭିନ୍ନ ଯନ୍ତ୍ରାଂଶ ନଷ୍ଟ ହୋଇଛି। ଗୋଟିଏ କୁକୁର କ୍ଷତାକ୍ତ ହୋଇ ଭିତରେ ମରି ପଡଥିବା ଦେଖିବାକୁ ମିଳିଥିଲା। ଏନେଇ ନଂ. ୨୭୯/୨୫ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରମୋଦ ଲେଙ୍କା କହିଛନ୍ତି। ବନବିଭାଗ ଗାଁ ମୁହାଁ ବାନ୍ୟଜନ୍ତୁଙ୍କୁ ଘଉଡ଼ାଇବା ପାଇଁ ବିଭାଗ ପକ୍ଷରୁ ରଖିଥିବା କିଛି ବିସ୍ଫୋରକ ବିସ୍ଫୋରଣ ହେବାରୁ ଏପରି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଥାନା ଅଧିକାରୀ ଲେଙ୍କା କହିଛନ୍ତି।




# ରାଜସ୍ୱ ବୃଦ୍ଧି ଉପରେ ନୂଆ କମିଶନରଙ୍କ ଗୁରୁତ୍ୱ


ବିଏମସି କମିଶନରଙ୍କୁ ମେୟର ଓ କର୍ମଚାରୀ ସ୍ୱାଗତ କରୁଛନ୍ତି।

ବ୍ରହ୍ମପୁର,୧୬।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ନୂତନ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏ ନେଇ ସୋମବାର ବିଏମ୍ସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡି, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ କମିଶନରଙ୍କୁ ସ୍ୱାଗତ କରିଛନ୍ତି। ସହରର ବିକାଶ ମୂଳକ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। କମିଶନର ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି ଯେ, ମହାନଗରକୁ ସବୁଜ ଓ ସୁନ୍ଦର ଭାବେ ଗଢି ତୋଳିବା ସହ ରାଜସ୍ୱ ଆଦାୟ ବୃଦ୍ଧି ଦିଗରେ ପଦକ୍ଷେପ ନିଆଯିବ। ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରି ସହର ପରିଦର୍ଶନ ପରେ ସମସ୍ୟା ଜାଣିବାକୁ ପ୍ରୟାସ କରାଯିବ। ସହରକୁ ନୂତନ ଏବଂ ବଡ ପ୍ରକଳ୍ପ ଆଣିବା ଲକ୍ଷ୍ୟ ରହିଛି। ପର୍ଯ୍ୟାୟ କ୍ରମେ ସ୍ୱାସ୍ଥ୍ୟ, ପରିମଳ, ପୂର୍ତ୍ତ ଓ ଅନ୍ୟାନ୍ୟ ବିଭାଗକୁ ନେଇ ସମୀକ୍ଷା କରାଯିବ। ବିଭାଗୀୟ ରିପୋର୍ଟ ଅନୁସାରେ ସମସ୍ୟା ସମାଧାନ କରାଯିବ। ଭତ୍ତା ପ୍ରଦାନ ଓ ସାମାଜିକ ସୁରକ୍ଷାକୁ କ୍ରିୟାଶୀଳ କରାଯିବା ସହ ଜନ ପ୍ରତିନିଧିଙ୍କ ସହିତ ଉତ୍ତମ ସମନ୍ୱୟ ରଖି ସହରର ବିକାଶ ଦିଗରେ କାର୍ଯ୍ୟ କରାଯିବ। ବର୍ଷା ଜଳ ନିଷ୍କାସନ, ଡ୍ରେନ ସମସ୍ୟା ସମାଧାନ ନେଇ ପଦକ୍ଷେପ ନିଆଯିବ। ବିଏମ୍ସିରେ ବିଶୃଙ୍ଖଳିତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଡିଏ ଅଧୀନ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବ। ବିଏମସି ଏନଫୋର୍ସମେଣ୍ଟ ଟିମକୁ ସ୍ୱତନ୍ତ୍ର ୟୁନିଫର୍ମ ଦିଆଯିବ ବୋଲି ସେ କହିଛନ୍ତି।

# ଭଲିବଲ ଟୁର୍ନାମେଣ୍ଟ: ନାରାୟଣପୁର ଚାମ୍ପିୟନ

ଦିଗପହଣ୍ଡି,୧୬।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଗଡଗୋବିନ୍ଦପୁର ଗ୍ରାମସ୍ଥିତ ଶ୍ରୀରଘୁନାଥ ମଠ ଖେଳପଡିଆରେ ଗତ ୨ ଦିନ ଧରି ଚାଲିଥିବା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶାସ୍ତ୍ରିଜୀ ପାଠାଗାର ଯୁବକ ସଂଘ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଟୁର୍ନାମେଣ୍ଟରେ ବ୍ଲକର ବିଭିନ୍ନ ଗ୍ରାମରୁ ୮ଟି ଭଲିବଲ ଟିମ୍ ଅଂଶଗ୍ରହଣ କରିଥିଲେ। ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭ୍ରମରପୁର ପଞ୍ଚାୟତର ନାରାୟଣପୁର ଭଲିବଲ ଟିମ୍ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଗାଇଡା ଗ୍ରାମ ଭଲିବଲ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଗାଇଡା ଟିମ୍‌କୁ ୨-୦ ସେଟ୍‌ରେ ହରାଇ ନାରାୟଣପୁର ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ତଥା ବ୍ରହ୍ମପୁର ଏମ୍ପି ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମିତିସଭ୍ୟ ସୁଦାମ ରେଡ୍ଡୀ, ଅବସରପ୍ରାପ୍ତ ଶିକ୍ଷକ ମୁରଲୀ ପ୍ରଧାନ, ତ୍ରିନାଥ ସାହୁ, ଅଭିମନ୍ୟୁ ସେଠୀ, ରାଜେନ୍ଦ୍ର ରେଡ୍ଡୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଚାମ୍ପିୟନ ନାରାୟଣପୁର ଟିମ୍ ଏବଂ ରନର୍ସ ଅପ୍ ଟିମ୍‌କୁ ଅତିଥିମାନେ ପୁରସ୍କୃତ କରିଥିଲେ। କେ. କାମେଶ୍ୱର ରେଡ୍ଡୀ ଓ କ୍ଷମରାଜ ପାଢ଼ୀ ରେଫରି ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି କାର୍ଯ୍ୟକର୍ତ୍ତା କୋରାମଣି ସାହୁ, ନାଗେଶ୍ୱର ପ୍ରଧାନ, ସନ୍ତୋଷ ବେହେରା, କେ.ତ୍ରିପତି, ଅରୁଣ ସାହୁ, ପବିତ୍ର ସାହୁ, ଲୋକନାଥ ରେଡ୍ଡୀ, କାଳିଆ ରେଡ୍ଡୀ, ପ୍ରଶାନ୍ତ ସାହୁ ଓ ଅନ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।



## ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗ

ଗୋପାଳପୁର,୧୬।୬(ନବୀନରାଜ୍ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ତେବେ ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଲେ ସାନକୁସୁମି ଗ୍ରାମର ଶିବ ପ୍ରଧାନ (୨୫)। ଶିବ ଓ ଗୋବିନ୍ଦପୁର ଗ୍ରାମର ୪ ଜଣ ସାଙ୍ଗ ମିଶି ରବିବାର ସକାଳେ ଭୋଜି କରିବାକୁ ଯୋଜନା କରିଥିଲେ। ଅପରାହ୍ନରେ ଗ୍ରାମର ମଶାଣି ନିକଟରେ ଭୋଜି କରି ଖାଇବା ପରେ ହାଡୁ ପ୍ରଧାନ ଶିବଙ୍କୁ ମତେ ଟିକେ ଘରେ ଛାଡ଼ିଦେ ବୋଲି କହିଥିଲେ। ବି.ଗୋବିନ୍ଦପୁର ନିକଟରେ ହାଡୁ ଏକ ଧାରୁଆ ଖଣ୍ଡାରେ ଶିବଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ସେଠାରେ ଶିବ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ଅନ୍ୟ ଦୁଇ ସାଙ୍ଗ ପହଞ୍ଚି ତାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୋମବାର ଶିବ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଜଣକୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ରାଜ୍ୟସ୍ତରୀୟ ଦାସକାଠିଆ ସମାବେଶ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୧୬।୬(ସ୍ମୃତି ରଞ୍ଜନ ମହାଲିକ)

ଜିଲ୍ଲା ବରିଷ୍ଠ କଳାକାର ସଂଘର ୬ଷ୍ଠ ବାର୍ଷିକୋତ୍ସବ ଅବସରରେ ରାଜ୍ୟସ୍ତରୀୟ ଦାସକାଠିଆ ସମାବେଶ ହେବ। ଏ ନେଇ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆନ୍ଧ୍ର ଭାଷା ବିବର୍ଦ୍ଧନୀ ସମାଜମ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ସାହୁ, ବରିଷ୍ଠ ଅଭିନେତା ଶଙ୍କର୍ଷଣ ସାବତ ଓ କଳାପ୍ରାଣ କୈଳାସ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ବାର୍ଷିକୋତ୍ସବ ଆସନ୍ତା ମାସ ୨ ଓ ୩ ତାରିଖରେ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ଦିବସରେ ରାଜ୍ୟସ୍ତରୀୟ ଦାସକାଠିଆ ସମାବେଶ ଓ ୨ୟ ଦିବସରେ ଗାନ୍ଧୀ ନଗର ଛକରୁ କଳାକାର ଶୋଭାଯାତ୍ରା, ବିଭିନ୍ନ ଦଳର ଦାସକାଠିଆ ନୃତ୍ୟ ପରିବେଷଣ, ସାଂସ୍କୃତିକ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ ସ୍ୱାଗତ ଭାଷଣ ଦେଇଥିଲେ। ମୃତ୍ୟୁଞ୍ଜୟ ତ୍ରିପାଠୀ, ପ୍ରଫୁଲ୍ଲ ବେହେରା, ସନ୍ତୋଷ କୁମାର ସ୍ୱାଇଁ, ସୁଦାମ ପଟ୍ଟନାୟକ, ଅଜୟ ଜେନା, ବି. ଶିବ ପ୍ରସାଦ ରାଓ, ଗୀତା ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଅପହଞ୍ଚ ବର୍ଗଙ୍କ ନିକଟରେ ଶିକ୍ଷା ପହଞ୍ଚାଇବା ଲକ୍ଷ୍ୟ ବଜାୟ ରହିବ

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦଶମ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର,୧୬।୬(ସୁବାସ ଚନ୍ଦ୍ର ପାଢ଼ୀ)

ଅପହଞ୍ଚ ବର୍ଗଙ୍କ ନିକଟରେ ଶିକ୍ଷା ପହଞ୍ଚାଇବା ଲକ୍ଷ୍ୟରେ ପ୍ରତିଷ୍ଠା ହୋଇଛି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ। ତେବେ ଏହି ଧାରା ଦୀର୍ଘ ୧୦ ବର୍ଷ ହେଲା ବଜାୟ ରହିଛି। ଆଗାମୀ ଦିନରେ ଏହି ଲକ୍ଷ୍ୟ ବଜାୟ ରହିବ ବୋଲି ବିଶ୍ୱବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସରେ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ କହିଛନ୍ତି। ବ୍ରହ୍ମପୁରରେ ସୋମବାର ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ସେ କହିଛନ୍ତି ଯେ, ୨୦୧୫ ଜୁନ ୧୦ ତାରିଖରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିଲା। ୟୁଜିସି ମାନ୍ୟତା ସହ ନାକ ବି ମାନ୍ୟତା ହାସଲ କରିଛି । ଏଠାରେ ଥିବା ଆଞ୍ଚଳିକ କେନ୍ଦ୍ରରେ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ଛାତ୍ରୀଛାତ୍ର ପଢୁଛନ୍ତି। ରାଜ୍ୟରେ ଏଭଳି ୭ କେନ୍ଦ୍ର ରହିଛି। ଶିକ୍ଷାର କୌଣସି ବୟସ ନଥାଏ, ଯାହାକି ଏହି କେନ୍ଦ୍ରର ପଢୁଥିବା ଅନେକ ବିଦ୍ୟାର୍ଥୀ ପ୍ରମାଣିତ କରିଛନ୍ତି। ସେନାବାହିନୀ, କର୍ମଜୀବୀ ମହିଳାଙ୍କ ସମେତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏଠାକାର ୧୨ ବିଭାଗରେ ନାମ ଲେଖାଇଛନ୍ତି। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ମାଓ ନେତା ସବ୍ୟସାଚୀ ପଣ୍ଡା ନିକଟ ଭବିଷ୍ୟତରେ ପିଜିରେ ନାମ ଲେଖିଛନ୍ତି। ୭୬ ବର୍ଷ ବୟସରେ ବନ ବିଭାଗର କର୍ମଚାରୀ ସତ୍ୟ ନାରାୟଣ ପାଣିଗ୍ରାହୀ ଏମଏ ଡିଗ୍ରୀ ହାସଲ କରିଛନ୍ତି। ତା' ସହିତ ପଦୋନ୍ନତିରେ ଆବଶ୍ୟକ ପଡୁଥିବା ଶିକ୍ଷା ବିଭାଗର କର୍ମଚାରୀମାନେ ରୁଚି ଅନୁସାରେ ବିଭିନ୍ନ ବିଷୟରେ ନାମ ଲେଖାଇ ପ୍ରମାଣପତ୍ର ହାସଲ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୩, ୫୨୯ ଜଣ ରାଜ୍ୟର ବିଭିନ୍ନ କେନ୍ଦ୍ରରେ ପଢୁଛନ୍ତି। ଅଧୀନରେ ୭୧୧୩ ଜଣ ନାମ ଲେଖାଇଛନ୍ତି। ପାଠ୍ୟକ୍ରମର ନମନିୟତା ଯୋଗୁ ବିଦ୍ୟାର୍ଥୀମାନେ ୨ରୁ ୪ ବର୍ଷ ମଧ୍ୟରେ ଶିକ୍ଷାବର୍ଷ ସମ୍ପୂର୍ଣ୍ଣ କରୁଛନ୍ତି। ବିଚାରାଧୀନ କଏଦୀମାନଙ୍କୁ କାରାଗାରରେ ମାଗଣା ନାମ ଲେଖାସହ ପୁସ୍ତକ ପ୍ରଦାନ କରାଯାଉଛି। ବର୍ତ୍ତମାନ ୩୦ କଏଦୀ ନାମ ଲେଖାଇବା ସହ ୨ ଜଣ ପିଜି ସାରିଛନ୍ତି। ୧୦ ବର୍ଷ ପୂର୍ତ୍ତି ଅବସରରେ ଆଇଆଇଟି ଧାନବାଦ ସହ ବିଶ୍ୱବିଦ୍ୟାଳୟର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ଗବେଷଣା ଠାରୁ ଆରମ୍ଭକରି ଶିକ୍ଷା କ୍ଷେତ୍ରରେ ମାର୍ଗଦର୍ଶନ ମିଳିପାରୁଛି। ଅନେକେ କର୍ମନିଯୁକ୍ତି ବି ପାଇଛନ୍ତି। ବ୍ରହ୍ମପୁର କେନ୍ଦ୍ର ଅଧୀନରେ ୧୧ ଶାଖା କେନ୍ଦ୍ର ରହିଛି। ସେଠାରେ ଛୁଟି ଦିନରେ ବିଭିନ୍ନ ବିଷୟରେ ଶିକ୍ଷାଦାନ କରାଯାଉଛି। ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ବିଶ୍ୱବିଦ୍ୟାଳୟ କର୍ମଚାରୀ ମାନେ ବିଭିନ୍ନ କଲେଜ, ଆଞ୍ଚଳିକ କେନ୍ଦ୍ର, କାରାଗାର ଭ୍ରମଣ କରି ସଚେତନ କରୁଛନ୍ତି। ଇଚ୍ଛୁକ ବ୍ୟକ୍ତି ବିଶେଷ ସ୍ୱଳ୍ପ ମୂଲ୍ୟରେ ପିଜି କରିପାରିବେ ବୋଲି ବିଭିନ୍ନ କଲେଜ ତରଫରୁ କୁହାଯାଇଛି। ଭବିଷ୍ୟତର ଶିକ୍ଷା ପ୍ରଣାଳୀ କୃତ୍ରିମ ବୁଦ୍ଧିମତା ସହ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ସମ୍ମିଶ୍ରଣରେ ପ୍ରସ୍ତୁତ ଭର୍ଚ୍ଚୁଆଲ ରିଅଲିଟି ଉପରେ ପର୍ଯ୍ୟବସିତ ହେବାକୁ ଯାଉଛି। ତେଣୁ ଛାତ୍ରଛାତ୍ରୀଙ୍କୁ ଏହି ବିଷୟରେ ଚଳିତ ଶିକ୍ଷା ବର୍ଷରୁ ଶିକ୍ଷାଦାନ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥିଙ୍କ ସହ କର୍ମଚାରୀ ଯୋଗଦେଇଥିଲେ।



ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

## ବିଧାନସଭାରେ ଉପେନ୍ଦ୍ର ଭଞ୍ଜ, ଚକରା ବିଶୋୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଭଞ୍ଜନଗର,୧୬।୬(ବାବୁଲା ପ୍ରଧାନ)

ଭଞ୍ଜନଗରର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଧାନସଭାରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏବଂ ଚକରା ବିଶୋୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ହୋଇଛି। ଏଥିସହ ରାଜଧାନୀରେ ଘୁମୁସରର ବୀର ଚକରା ବିଶୋୟୀଙ୍କ ନାମରେ ଏକ ରାସ୍ତା ନାମିତ କରାଯିବାକୁ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ପ୍ରସ୍ତାବ ଦେଇଛନ୍ତି। ବାର୍ତ୍ତ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏହି ଦାବି ଉଠାଇ ସୋମବାର ଏଡିଏମ୍‌ଙ୍କୁ ଦାବିପତ୍ର ଦେଇଛନ୍ତି। ଅନ୍ୟପକ୍ଷରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏହି ମହାପୁରୁଷମାନଙ୍କ ଅଧିକ ପ୍ରଚାରପ୍ରସାର ଲାଗି ସରକାର ପଦକ୍ଷେପ ନେଉଥିବା କହିଛନ୍ତି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଘୁମୁସର ଇତିହାସର ମୂକସାକ୍ଷୀ ଥିବା ଘୁମୁସରର କେତେକ ପର୍ଯ୍ୟଟନ ସ୍ଥଳୀକୁ ମଧ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି।

## ସଂକ୍ଷେପରେ

### ବିପଦ ସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର



ଜି.ଉଦୟଗିରି, ୧୬।୬ (ଚିନ୍ମୟ କୁମାର ସେଠୀ)

ସ୍ଥାନୀୟ ବ୍ଲକ୍ ଅନ୍ତର୍ଗତ ନିଲୁଙ୍ଗିଆ ଗ୍ରାମ ଚର୍ଚ୍ଚ ନିକଟରେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି । ଯାହାର ଚାରିପାଖରେ ନା ଅଛି କୌଣସି ତାର ବାଡ଼ ନା ଅଛି ସୁରକ୍ଷା ପ୍ରାଚୀର। ମଣିଷ ହେଉ କିମ୍ବା ଗୃହପାଳିତ ପଶୁ ସେହି ସ୍ଥାନରେ ବିଦ୍ୟୁତ ଆଘାତରେ ଅଘଟଣଟିଏ ଘଟିବ ବୋଲି ଗ୍ରାମବାସୀ ଅବକାଶ ନାୟକ କହିଛନ୍ତି। ଏହି ସ୍ଥାନଟି ଚର୍ଚ୍ଚ ଠାରୁ ମାତ୍ର ୫୦ ମିଟର ଦୂରତାରେ ରହିଛି। ଯେଉଁଠି ସବୁବେଳେ ଜନ ଗହଳି ରହୁଥିବା ଦେଖିବାକୁ ମିଳୁଛି। ସେହି ସ୍ଥାନରୁ ସର୍ଟ ସର୍କିଟ ଯୋଗୁ ବେଳେବେଳେ ନିଆଁ ବାହାରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏତେ ବଡ଼ ବିଦ୍ୟୁତ ଟ୍ରାନ୍ସଫର୍ମର ଚାରିପଟେ ବହୁ ବର୍ଷ ହେବ ସମ୍ପୂର୍ଣ୍ଣ ମୁକୁଳା ଅବସ୍ଥାରେ ରହିଛି। ଯାହା ଫଳରେ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ବିଦ୍ୟୁତ ବିଭାଗକୁ ଅନୁରୋଧ କରିଛନ୍ତି ଯଥାଶୀଘ୍ର ସେହି ସ୍ଥାନଟିକୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ। ଭବିଷ୍ୟତରେ କୌଣସି ଦୁର୍ଘଟଣା ହୁଏ ସେଥିପାଇଁ ବିଦ୍ୟୁତ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ।

### ରାସ୍ତା କାଦୁଅ କରୁଛି ବାଲି ଗାଡ଼ି

ପାରଳାଖେମୁଣ୍ଡି, ୧୬।୬ (ଗିରିଧାରୀ ପରିଛା)

ଗଜପତି ଜିଲ୍ଲା କାଶୀନଗର ତହସିଲ ଅନ୍ତର୍ଗତ ପୁରଟିଗୁଡ଼ା ଗ୍ରାମ ନିକଟସ୍ଥ ବଂଶଧାରା ନଦୀ ମୁହାଣରେ ଚାଲିଥିବା ବାଲିଘାଟ ଯୋଗୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଉକ୍ତ ବାଲିଘାଟରୁ ବାଲି ନେଉଥିବା ବିଭିନ୍ନ ଗାଡ଼ିରୁ ପାଣି ଝରି ଗ୍ରାମର ରାସ୍ତା କାଦୁଅ ହେଉଛି। ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଲି ନେଉଥିବା ଗାଡ଼ିଗୁଡ଼ିକ ଗ୍ରାମ ରାସ୍ତା ମଝିରେ ଦ୍ରୁତ ଗତିରେ ହର୍ଣ୍ଣ ଦେଇ ଯାଉଥିବାରୁ ପିଲାଙ୍କ ପାଠ ପଢାରେ ସମସ୍ୟା ଉପୁଜୁଛି। ଏହି କାଦୁଅ ରାସ୍ତାରେ ଯିବା ବେଳେ ବାଇକ୍ ଚକା ଖସି ଦୁର୍ଘଟଣା ଘଟୁଛି। ଉକ୍ତ ବାଲିଘାଟର କର୍ମଚାରୀ ଓ ସୁପରଭାଇଜରଙ୍କୁ ସମସ୍ୟା ବିଷୟରେ ଜଣାଇଲେ ସେମାନେ ବିଭିନ୍ନ ଧମକଚମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ଜିଲ୍ଲା ଖଣି ଅଧିକାରୀଙ୍କୁ ଜଣାଇବା ପରେ ସେ ବାଲିଘାଟ ନିଲାମଧାରୀଙ୍କୁ ଜଣାଇ ଏହାର ସମାଧାନ କରିବେ ବୋଲି କହିଥିଲେ। ବାଲିଘାଟ ଚଳାଉଥିବା ବ୍ୟକ୍ତିଙ୍କୁ ଜଣାଇବାରୁ ସେ ତାଙ୍କ ଘାଟର କର୍ମଚାରୀଙ୍କ ସହ ଆଲୋଚନା କରି ସମାଧାନ କରିବେ ବୋଲି କହିଥିଲେ ମଧ୍ୟ ଏଯାଏ କଥା ହୋଇନାହାନ୍ତି କି ସମସ୍ୟା ସମାଧାନ କରିନାହାନ୍ତି। ରାସ୍ତା ମରାମତି କରିବା ସହ ଉପୁଜୁଥିବା ସମସ୍ୟାର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଖଣି ବିଭାଗକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ଦ୍ୱାଦଶ ଦିବସରେ ଠାକୁରାଣୀ ଯାତ୍ରା ମା'ଙ୍କ ଘଟ ପରିକ୍ରମା, ଦୁଲୁକୁଛି ଗାଁ ଦାଣ୍ଡ

ଗଞ୍ଜାମ, ୧୬।୬ (ବିଦ୍ୟାଧର ସାହୁ)

ପ୍ରତି ୩ ବର୍ଷକୁ ଥରେ ଅଗସ୍ତି ନୂଆଗାଁରେ ଅନୁଷ୍ଠିତ ହେଉଥିବା ମା'ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଦ୍ୱାଦଶ ଦିବସରେ ପହଞ୍ଚିଛି। ଜୁନ୍ ୩ରୁ ଆରମ୍ଭ ହୋଇଥିବା ଯାତ୍ରାରେ ଗ୍ରାମ ଉତ୍ସବ ମୁଖର ହୋଇଛି। ମା' ବିନ୍ଧ୍ୟାବାସିନୀ ବୁଢ଼ୀ ଠାକୁରାଣୀ ବର୍ତ୍ତମାନ ଅସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି। ଗ୍ରାମ ପୂଜକ ଟୁନା ରାଉଳ ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି। ଏଥିସହ ପ୍ରତ୍ୟେକ ଦିନ ମା'ଙ୍କ ଘଟ ସାହି ପରିକ୍ରମା କରାଯାଉଛି। ମା'ଙ୍କ ଘଟ ପରିକ୍ରମା ବେଳେ କୁନି କୁନି ପିଲାମାନଙ୍କ ବିଭିନ୍ନ ବେଶ ମନ ମୋହୁଛି। ପ୍ରତ୍ୟକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି, ଗ୍ରାମର ଛୋଟ ଛୋଟ କୁନି ପିଲାଙ୍କ ଦ୍ୱାରା ନୃତ୍ୟ, ରେକର୍ଡ ଡ୍ୟାନ୍ସ ଅନୁଷ୍ଠିତ ହୋଇ ଆସୁଛି। ଏହି ଯାତ୍ରାକୁ ଗ୍ରାମ୍ୟ ସଭାପତି ରଜତ ନାୟକ, ଉପସଭାପତି ବନମାଳୀ ସ୍ୱାଇଁ, ସମ୍ପାଦକ କାଳିଚରଣ ଗୌଡ଼ଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଏଯାଏ ହେଲାନି ଆଡ଼ିବନ୍ଧ ମରାମତି

## ନଦୀ, ନାଳ ଖୋଜୁଛନ୍ତି ଭଞ୍ଜନଗର ଚାଷୀ

ଭଞ୍ଜନଗର, ୧୬।୬ (ବାବୁଲା ପ୍ରଧାନ)



ଗଛଲଟା ମାଡିଥିବାରୁ ମନ୍ଦାର ନିକଟରେ ନଦୀ ଶଯ୍ୟା ଜଣାପଡୁନାହିଁ।

ଭଞ୍ଜନଗର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ଅଧିନରେ ଥିବା ଅନେକ ନଦୀ, କେନାଲଗୁଡିକ ଲଟାବୁଦାରେ ପରିପୂର୍ଣ୍ଣ ରହିଛି। ଏପରିକି କେତକ ସ୍ଥାନରେ ନଦୀ, ନାଳ ପୋତି ହୋଇରହିଛି। ଚଳିତବର୍ଷ ମୌସୁମୀ ବର୍ଷା ଆଗୁଆ ଆସିଯାଇଥିବାରୁ ଚାଷୀମାନେ ଚାଷ କାର୍ଯ୍ୟ ପ୍ରତି ପ୍ରସ୍ତୁତ ହୋଇଗଲେଣି। ଏପଟେ କିନ୍ତୁ ଜଳସମ୍ପଦ ବିଭାଗ ପଛୁଆ ରହିଛି। ବର୍ଷା ଆଗମନ ପୂର୍ବରୁ ନଦୀ, ନାଳଗୁଡ଼ିକର ମରାମତି କରାଯିବା କଥା, କିନ୍ତୁ ତାହା ଏ ଯାଏ ବିଭିନ୍ନ କାରଣରୁ କରାଯାଇ ପାରିନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ନଚେତ ନଦୀ ତଟବର୍ତ୍ତି ଗ୍ରାମବାସୀ ଆଗାମୀ ଦିନରେ ବନ୍ୟା ପରିସ୍ଥିତିର ସମ୍ମୁଖିନ ହେବା ସମ୍ଭାବନା ରହିଛି।

ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ଋଷିକୁଲ୍ୟା ସିଷ୍ଟମରେ ୨୫୭.୦୩୬ କି.ମି. କେନାଲ ଥିବା ବେଳେ ୧୮୫୯୭.୦୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅଛି। ଡହ ଜଳସେଚନ ପ୍ରକଳ୍ପ ଅଧୀନରେ ୧୧୮.୧୮୮ କି.ମି. କେନାଲ ଥିବା ବେଳେ ୬୫୮୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅଛି। ବାଘୁଆ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୧୪୮.୩୩୫ କି.ମି. କେନାଲ ଥିବା ବେଳେ ୮୩୬୭ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅଛି। ଭଞ୍ଜନଗର, ଡ଼ହ, ସୋରଡ଼ା ଏବଂ ବାଘୁଆ ଜଳଭଣ୍ଡାର ଅଧୀନରେ ମୋଟ ୫୨୩.୫୫୯ କି.ମି. କେନାଲ ଥିବା ବେଳେ ୩୩୫୪୪.୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅଛି। ଏଥିସହ ୧୧ଟି ପ୍ରମୁଖ ନଦୀର ୩୯୨.୩୧୭ କି.ମି. ମୁଖ୍ୟ ନଦୀ ଆଡ଼ିବନ୍ଧ ଥିବାବେଳେ ମୁଖ୍ୟ ନଦୀକୁ ସଂଯୋଗ କରୁଥିବା ୨୩୯.୮୨୦ କି.ମି. ଛୋଟ ନଦୀ ଆଡ଼ିବନ୍ଧ ଅଛି। ବର୍ତ୍ତମାନ ଉକ୍ତ ନାଳ ଓ ନଦୀ ଆଡ଼ିବନ୍ଧର ମରାମତି ପାଇଁ ୧୦୪ଟି ଟେଣ୍ଡର ଡକାହୋଇଛି। ସେଥିମଧ୍ୟରୁ ୫୨ଟି ଟେଣ୍ଡରର ଚୁକ୍ତି ଠିକାଦାରଙ୍କ ସହ ୨ଦିନ ପୂର୍ବେ ସରିଛି। ବଳକା କାମର ଚୁକ୍ତି ସରିନାହିଁ। ସମସ୍ତ କାମ ୪ମାସ ମଧ୍ୟରେ ସାରିବା ଚୁକ୍ତିରେ ବ୍ୟବସ୍ଥା ଅଛି। ହେଲେ ଏବେ ବର୍ଷା ଆସିଯାଇଥିବାରୁ ନଦୀ, ନାଳ ଗୁଡ଼ିକରେ ଧିରେ ଧିରେ ପାଣି ଆସିଲାଣି। ବର୍ଷା ବଢ଼ିବା ପୂର୍ବରୁ ତାହାର ମରାମତି କରା ନ ଗଲେ ପରିସ୍ଥିତି ଆଗକୁ ଜଟିଳ ହେବ। ମାଧବରିଡ଼ା, ସୋରିଷମୁଳି, ଜାନିବିଲି ଆନିକଟ ହେଉଛି ଜଳସେଚନର ଏକ ପ୍ରମୁଖ ମାଧ୍ୟମ। କିନ୍ତୁ ମାଧବାରିଡ଼ା ଆନିକଟଟି ପୋତି ହେବାସହ ଲଟା ବୁଦାରେ ଭରିରହିଛି। ଲଟାବୁଦା ସଫା କରିବା ପ୍ରତି ଧ୍ୟାନ ଦିଆଯାଉନାହିଁ। ଏଥିସହ ମନ୍ଦାର ଓ ମାଧବରିଡ଼ା ମଝିରେ ନଦୀର ଅନେକ ସ୍ଥାନ ଲଟାବୁଦାରେ ଭରି ରହିଯାଇଥିବା ଯୋଗୁ ନଦୀକୁ ଚିହ୍ନିବା କଷ୍ଟକର ହୋଇପଡ଼ିଛି। ବର୍ଷା ଦିନ ଉକ୍ତ ନଦୀ ତାର ଗତିପଥ ବଦଳାଇ ଦେଉଛି। ଆଜକୁ କିଛିବର୍ଷ ହେବ ଉକ୍ତ ଅଞ୍ଚଳରେ ନଦୀର ଗତିପଥ ବଦଳି ଯାଇଥିବା ଯୋଗୁ ଅନେକ ଚାଷୀଙ୍କ ଜମି ନଦୀରେ ଚାଲିଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯେଉଁଠି ମରାମତି ଆବଶ୍ୟକ ଅର୍ଥକୁ ଦେଖି କରାଯାଉଛି। ନିର୍ଦ୍ଧାରିତ ସମୟରେ କାମ ସରିବ । ବର୍ଷା ଋତୁରେ ଚାଷୀ ଏବଂ ସାଧାରଣ ଜନତାଙ୍କ ଯେଭଳି କୌଣସି ଅସୁବିଧା ନ ହେବ ସେଥିପାଇଁ ପଦକ୍ଷେପ ନିଆଯାଇଛି ବୋଲି ପ୍ରଧାନ କହିଛନ୍ତି। ନାଟଙ୍ଗାର ଚାଷୀ ବଳରାମ ସେଠୀ କହିଛନ୍ତି, ୨ ବର୍ଷ ହେବ କେନାଲରେ ପାଣି ଠିକ୍ ରୂପେ ଆସୁନାହିଁ। ବର୍ଷା କମିଗଲେ ଖରିଫ୍ ଫସଲ ପ୍ରଭାବିତ ହେଉଛି।

# ଡାଇରିଆରୁ ଛୋଟପିଲାଙ୍କୁ ସୁରକ୍ଷିତ ରଖିବାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୬।୬ (ବନ୍ଦନା ସେଠୀ)

ବର୍ଷାଋତୁରେ ଜଳବାହିତ ରୋଗ ଡାଇରିଆର (ଝାଡ଼ାବାନ୍ତି)ର ନିରାକରଣ ନିମନ୍ତେ ରାଜ୍ୟରେ ସୋମବାରଠାରୁ ଷ୍ଟପ୍ ଡାଇରିଆ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ରାଜ୍ୟ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ବିଭାଗୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଡାଇରିଆରୁ କିଭଳି ସମସ୍ତଙ୍କୁ ନିରାପଦ ରଖାଯାଇପାରିବ, ବିଶେଷକରି ଛୋଟପିଲାଙ୍କୁ ସୁରକ୍ଷିତ ରଖାଯିବ ସେନେଇ ଗୁରୁତ୍ୱାରୋପ ହୋଇଥିଲା। ୦ରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁମାନେ ଡାଇରିଆରେ ଆକ୍ରାନ୍ତ ହେଲେ, କେଉଁ ପର୍ଯ୍ୟାୟରେ କେତେ ପରିମାଣର ଓଆର୍‌ଏସ୍, ତରଳ ପଦାର୍ଥ ଏବଂ ଜିଙ୍କ୍ ଦିଆଯିବା ଆବଶ୍ୟକ ସେ ବିଷୟରେ ସୂଚନା ଦିଆଯାଇଥିଲା। ସେହିପରି ବିଭିନ୍ନ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଓଆର୍‌ଏସ୍ ଏବଂ ଜିଙ୍କ୍ କର୍ନର ଖୋଲିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡା. ଜିତେନ୍ଦ୍ର ବେବର୍ତ୍ତା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ସଂଯୁକ୍ତା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଡାଇରିଆ ସଚେତନତା ଏବଂ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧିତ ସୂଚନା, ଶିକ୍ଷା ଓ ଜଳ ଯୋଗାଯୋଗ (ଆଇଇସି) ପତ୍ରିକା ଓ ସୂଚନାପତ୍ର ଉନ୍ମୋଚନ କରିଥିଲେ। ସେହିପରି ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଚିକିତ୍ସା ଅଧିକାରୀ, ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରମୁଖଙ୍କୁ ଷ୍ଟପ୍ ଡାଇରିଆ ଅଭିଯାନର ଲକ୍ଷ୍ୟ ଓ ପରିଚାଳନା ବିଷୟରେ ତଥ୍ୟ ସମ୍ବଳିତ ଅନୁପ୍ରେରଣା ଦିଆଯାଇଥିଲା।

# ଦୀର୍ଘ ଦିନ ଧରି ଖୋଲୁନି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

## ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ



ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ।

ବାଲିଗୁଡ଼ା, ୧୬।୬ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା କ.ନୁଆଗାଁ ତହସିଲ ଅଧୀନରେ ଥିବା ଖଣ୍ଡଗୁଡା ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କ କାର୍ଯ୍ୟାଳୟ ମାସ ମାସ ଧରି ଖୋଲୁନି। ଫଳରେ ଅଞ୍ଚଳବାସୀ ଏହି କାର୍ଯ୍ୟାଳୟରୁ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସି ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ସମ୍ମୁଖରେ ଅପେକ୍ଷା କଲେ ମଧ୍ୟ ରାଜସ୍ୱ ଅଧିକାରୀ ଆସୁନାହାନ୍ତି କି କାର୍ଯ୍ୟାଳୟ ଖୋଲୁନି। ଏଥିଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ମନମୁଖୀ କାର୍ଯ୍ୟକଳାପରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଲେଣି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କ.ନୁଆଗାଁ ତହସିଲଦାର ଆନନ୍ଦ ପଣ୍ଡାଙ୍କୁ ପଚାରିବାରୁ ସେ ରାଜସ୍ୱ ଅଧିକାରୀଙ୍କ ଦୋଷ ଲୁଚାଇବାକୁ କିଛି କହିବାକୁ ମନା କରିଦେଇଥିଲେ। ଏ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟ

## ଓଡ଼ିଶା ରାଜ୍ୟ ଅର୍ଥ କମିଶନର ୱେବସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର, ୧୬।୬ (ସୁନିତ୍ ମିଶ୍ର): ଷଷ୍ଠ ରାଜ୍ୟ ଅର୍ଥ କମିଶନ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ନେଇ ସେମାନଙ୍କ ବହୁମୂଲ୍ୟ ପରାମର୍ଶ ଲୋଡ଼ିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ଅର୍ଥ କମିଶନର ୱେବସାଇଟ୍ (https://sfc.odisha.gov.in) ଉନ୍ମୋଚନ କରିଛନ୍ତି। ଏହି ୱେବସାଇଟ୍ ନିର୍ବାଚିତ ପ୍ରତିନିଧି, ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ସଙ୍ଗଠନ, ସାମାଜିକ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପରାମର୍ଶ/ମତାମତ ଆହ୍ୱାନ କରିବା ପାଇଁ ବିକଶିତ କରାଯାଇଛି। ଏହି ୱେବସାଇଟ୍‌ରେ ଜନସାଧାରଣଙ୍କ ସୂଚନା ପାଇଁ ପୂର୍ବ ଏବଂ ବର୍ତ୍ତମାନର ରାଜ୍ୟ ଅର୍ଥ କମିଶନ, ଅଧ୍ୟୟନ ରିପୋର୍ଟ, ପୂର୍ବ ରାଜ୍ୟ ଅର୍ଥ କମିଶନର ରିପୋର୍ଟ ଇତ୍ୟାଦିର ବିବରଣୀ ମଧ୍ୟ ରହିଛି। ଏହି ବୈଠକରେ ଷଷ୍ଠ ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଷଷ୍ଠ ରାଜ୍ୟ ଅର୍ଥ କମିଶନ ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ବିଭୁ ପ୍ରସାଦ ନାୟକ, କମିଶନ ସଦସ୍ୟ ସଚିବ ସତ୍ୟ ପ୍ରିୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩-ୱାଇ ଅନୁଯାୟୀ, ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି। ଯାହା ୧ ଏପ୍ରିଲ, ୨୦୨୬ଠାରୁ ୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କଠାରୁ ସ୍ଥାନୀୟ ନିକାୟ ସଂସ୍ଥା (ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ)ଗୁଡିକୁ ସମ୍ବଳ ହସ୍ତାନ୍ତର ପାଇଁ ସୁପାରିସ କରିବେ।

# ଛତ୍ରପୁର ବ୍ଲକ: ୪୪ ଗାଁରେ ନାହିଁ ଜଳଯୋଗାଣ ପ୍ରକଳ୍ପ

ଛତ୍ରପୁର, ୧୬।୬ (ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ଦେଇ ଋଷିକୁଲ୍ୟା ନଦୀ ପ୍ରବାହିତ ହେଉଛି। ଏହି ନଦୀରୁ ବିଭିନ୍ନ ଶିଳ୍ପ, କାରଖାନା ଓ ଘରୋଇ କମ୍ପାନୀର ଆବାସିକ କଲୋନୀ ଏବଂ କ୍ୱାର୍ଟର୍ସକୁ ଦୈନିକ ପାଇପ ଯୋଗେ ପାଣି ଯୋଗାଣ ହେଉଛି। ଅନ୍ୟପକ୍ଷରେ ଜିଲ୍ଲା ହେଡକ୍ୱାର୍ଟର ଛତ୍ରପୁର ଏନ୍‌ଏସିରେ ପାଣିର ଅଭାବ ଲାଗି ରହିଛି। ସେହିପରି ଛତ୍ରପୁର ବ୍ଲକର ଗ୍ରାମାଞ୍ଚଳରେ ମଧ୍ୟ ପାନୀୟ ଜଳର ଅଭାବ ରହିଛି । ବ୍ଲକରେ ୧୮ଟି ପଞ୍ଚାୟତ ରହିଥିବା ବେଳେ ଏହା ଅଧୀନ ସମସ୍ତ ଗାଁକୁ ଏବେ ମଧ୍ୟ ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇନାହିଁ। କେତେକ ଗ୍ରାମରେ ପ୍ରକଳ୍ପ କାର୍ଯ୍ୟ ନିର୍ମାଣାଧୀନ ରହିଛି। କେତେକ ଗାଁ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଥିବାରୁ ସେଠାରେ ଥିବା ନଳକୂପରୁ ଲୁଣି ପାଣି ଆସୁଛି। ଫଳରେ ଲୋକେ ପୋଖରୀ, ଗାଡ଼ିଆର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ବ୍ଲକର ୪୪ଟି ଗାଁରେ ପାଇପ ଜଳଯୋଗାଣ ପ୍ରକଳ୍ପ ନାହିଁ। ୫୦ରୁ ଉର୍ଦ୍ଧ୍ୱ ନଳକୂପ ଅଚଳ ହୋଇ ପଡ଼ିରହିଛି। ଯେଉଁ ସବୁ ଗ୍ରାମକୁ ପାଇପ ଲାଇନ୍‌ରେ ଜଳଯୋଗାଣର ବ୍ୟବସ୍ଥା ନାହିଁ, ଉକ୍ତ ଗ୍ରାମ ଗୁଡ଼ିକୁ ମେଗା ପ୍ରକଳ୍ପରେ ସାମିଲ କରିବା ଦିଗରେ ପଦକ୍ଷେପ ନିଆଯାଉଥିବା ଛତ୍ରପୁର ବ୍ଲକ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କୁହାଯାଇଛି।

# ବାରିକ ସମାଜର ବାର୍ଷିକ ସମ୍ମିଳନୀ




ସଭାରେ ଆଲୋଚନା ଚାଲିଛି।

ଧରାକୋଟ, ୧୬।୬ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ନିଖିଳ ଉତ୍କଳ ବାରିକ ସମିତି ଧରାକୋଟ ତାଲୁକାର ବାର୍ଷିକ ସମ୍ମିଳନୀ ଧରାକୋଟ କଳାବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନୁ ଡାକୁଆ ସଭାପତିତ୍ୱ କରିଥିବା ବେଳେ ସଂପାଦକ ଭିକାରୀ ଚରଣ ଡାକୁଆ ଉପ ସଭାପତି ଉଲ୍ଲା ଡାକୁଆ, ଉପଦେଷ୍ଟା ରାଜେନ୍ଦ୍ର ବେହେରା ମଞ୍ଚାସୀନ ରହିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଲେଖକ ଗାଳ୍ପିକ ସୋମନାଥ ପଣ୍ଡା, ମୁଖ୍ୟବକ୍ତା ଭାବେ ନିଳାମ୍ବର ଡାକୁଆ, ସମ୍ମାନିତ ଅତିଥି ଭାବେ ସଦାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ବାର୍ଷିକ ବିବରଣୀ ପାଠ ସହ ଗତ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖିଥିବା ରୋଜି ଡାକୁଆ, ପୂଜାରାଣୀ ଡାକୁଆ, ଶୁଭମ ଡାକୁଆ,ଅଲେଖ ଡାକୁଆଙ୍କୁ ପୁରସ୍କୃତ କରାଯାଇଥିଲା। କୌଳିକ ବୃତ୍ତିର ସୁରକ୍ଷା ଜାତି ଭାଇ ମାନଙ୍କ ଭିତରେ ବନ୍ଧୁତ୍ୱ ଭାବ ସୃଷ୍ଟି କରିବା ଓ ବିଭିନ୍ନ ସମସ୍ୟା ସମାଧାନ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ମନୋଜ ବେହେରା, ବୃନ୍ଦାବନ ଡାକୁଆ,ଯୁଗିନାଥ ଡାକୁଆ, ପରିଚାଳନା କରିଥିଲେ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ହୋଇଥିବା ଅଧିକାରୀ, ବିଭିନ୍ନ ଟ୍ରେଡ୍ ୟୁନିୟନ ସଦସ୍ୟ ଓ ଅନ୍ୟମାନେ।

ନବରଙ୍ଗପୁର, ୧୬।୬ (ସଦାଶିବ ପ୍ରହରାଜ)

ନବରଙ୍ଗପୁରଠାରେ ସୋମବାର ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାଟି ନବରଙ୍ଗପୁର ସହରର ଆମ୍ବେଡକର ଛକରୁ ଆରମ୍ଭ ହୋଇ ଚାମୁରିଆଗୁଡ଼ା ଛକ ପର୍ଯ୍ୟନ୍ତ ଯାଇଥିଲା। କୌଣସି କର୍ମ, ବ୍ୟବସାୟିକ, ବୃତ୍ତିରେ ୧୫ ବର୍ଷରୁ କମ୍ ପିଲାଙ୍କୁ ଶ୍ରମିକ ଭାବେ ନିୟୋଜିତ ନ କରିବା, ୧୫ ରୁ ୧୮ ବର୍ଷ ବୟସର କିଶୋରୀ କିଶୋରଙ୍କୁ ବିପଦସଙ୍କୁଳ ବୃତ୍ତିରେ ନିୟୋଜନ ନ କରିବା ନେଇ ସ୍ଲୋଗାନ, ପୋଷ୍ଟର ଓ ପ୍ରଚାର ପତ୍ରିକା ମାଧ୍ୟମରେ ସଚେତନ କରାଯାଇଥିଲା। ଏହି ସଚେତନତା ଶୋଭାଯାତ୍ରାରେ ଜିଲା ଶ୍ରମଧିକାରୀ ଛୋଟରାୟ ଟୁଡୁ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶିନୀ, ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ବିଭିନ୍ନ ଶ୍ରମିକ ସଂଘ କର୍ମକର୍ତ୍ତା ପରମେଶ୍ୱର ବିଷୋୟୀ ଉପସ୍ଥିତ ଥିଲେ।

# ରାସ୍ତାରେ ଗୋରୁପଲ, ବଢୁଛି ଦୁର୍ଘଟଣା



ଦାରିଙ୍ଗବାଡି, ୧୬।୬ (ଅରୁଣ ସାହୁ)

୫୯ ନଂ. ଜାତୀୟ ରାଜପଥ ରାଇପୁରଠାରୁ ଗୋପାଳପୁରକୁ ସଂଯୋଗ କରୁଥିବା ରାସ୍ତାରେ ଏବେ ଗାଡ଼ି ସଂଖ୍ୟା ବୃଦ୍ଧିପାଇଛି। ବ୍ରହ୍ମପୁରଠାରୁ ଭବାନୀପାଟଣା, ବାଲିଗୁଡ଼ା, ରାଇପୁରକୁ ବହୁ ଗାଡ଼ି ଯାତାୟାତ କରୁଥିବା ବେଳେ ଜିଲା ଭିତରେ ଦାରିଙ୍ଗବାଡ଼ିରୁ ଫୁଲବାଣୀ, ବାଲିଗୁଡ଼ାକୁ ଯାତ୍ରୀବାହୀ ବସ ସମେତ ଅନେକ ଗାଡ଼ିମୋଟର ଯାତାୟାତ କରୁଛି। ହେଲେ ଏହି ରାଜପଥ ଏବେ ଯାତ୍ରୀଙ୍କ ପାଇଁ ବିପଦ ସାଜିଛି। ସନ୍ଧ୍ୟା ହେଲେ ରାଜପଥ ଉପରେ ଗୋରୁ ପଲ ଶୋଉ ଯାଉଛନ୍ତି। ଫଳରେ ଗାଡ଼ି ଚାଳକମାନେ ଅନେକ ସମସ୍ୟାରେ ପଡୁଛନ୍ତି। ଏହା ଦ୍ୱାରା ଦୁର୍ଘଟଣା ମଧ୍ୟ ବଢୁଛି। କିଛିଦିନ ତଳେ ଦାରିଙ୍ଗବାଡ଼ି ଶିବମନ୍ଦିର ରାସ୍ତାରେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏକାଧିକ ଗୋରୁ ଆହତ ହେବା ସହ ଗୋଟିକର ମୃତ୍ୟୁ ଘଟିଥିଲା। ଚାଳକ ଅଳ୍ପକେ ରକ୍ଷା ପାଇଥିଲେ। ଉକ୍ତ ରାସ୍ତାରେ ଗୋରୁପଲ ଶହଶହ ସଂଖ୍ୟାରେ ରହୁଥିବାରୁ ଗାଡ଼ିମୋଟର ମଧ୍ୟ ତାଙ୍କ ଗନ୍ତବ୍ୟ ସ୍ଥଳରେ ଠିକ୍ ସମୟରେ ପହଞ୍ଚିବା ମୁସ୍କିଲ ହେଉଥିବା କିଛି ଚାଳକଙ୍କ ସହ ଆଲୋଚନା ବେଳେ କହିଥିଲେ। ଏଥିପ୍ରତି ପୋଲିସ ପ୍ରଶାସନ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଗୋରୁ ମାଲିକଙ୍କୁ ସଚେତନ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଚାଷଜମିକୁ ଛାଡୁଛନ୍ତି ବିଷାକ୍ତ କେମିକାଲ ପାଣି

ରମ୍ଭା, ୧୬।୬ (ବନବାସୀ ସେଠୀ)



ଛଡାଯାଇଥିବା ବିଷାକ୍ତ ପାଣି।

- ଚାଷୀ ଅଭିଯୋଗ କଲେ ଶୁଣୁନି ପ୍ରଶାସନ
- ନଷ୍ଟ ହେଉଛି ଚିଲିକାର ପରିବେଶ, ଚିଙ୍ଗୁଡ଼ି ଯାଆଁଳ ଉପରେ ପ୍ରଭାବ

ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ଅରୁଣପୁର ନିକଟରେ ଥିବା ବେନାମୀ ଚାଷ ଜମିରୁ କେମିକାଲଯୁକ୍ତ ବିଷାକ୍ତ ପାଣି ଅନ୍ୟ ଚାଷଜମି ଓ ଚିଲିକାକୁ ଯାଉଥିବା ଅଭିଯୋଗ ହୋଇଛି। ଅଦିନିଆ ବର୍ଷାରେ ଅତ୍ୟଧିକ ବର୍ଷା ଜଳ ହେତୁ ନିକଟରେ ଥିବା ୨୦ରୁ ଉର୍ଦ୍ଧ୍ୱ ବେନାମୀ ଚିଙ୍ଗୁଡ଼ି ଚାଷ ଜମିରେ କେମିକାଲଯୁକ୍ତ ବିଷାକ୍ତ ପାଣି ପଶୁଛି। ଏହି ପାଣି ବେନାମୀ ଚାଷ କରୁଥିବା ଜମିମାଲିକଙ୍କ ଜମିର ବନ୍ଧ ଭାଙ୍ଗି ନିକଟରେ ଥିବା ହଜାର ହଜାର ହେକ୍ଟର ଚାଷ ଜମିରେ ମାଡୁଛି। ଫଳରେ ରାମଗଡ଼ ପଞ୍ଚାୟତ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ରାମଗଡ଼ ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ଜମିରୁ ଚାଷୀମାନେ ଧାନ ଉତ୍ପାଦନ କରିଥାନ୍ତି। କେମିକାଲଯୁକ୍ତ ବିଷାକ୍ତ ପାଣି ଚାଷ ଜମିରେ ପ୍ରବାହିତ ହେବାରୁ ଚାଷୀଙ୍କୁ ଧାନ ଉତ୍ପାଦନ କ୍ଷେତ୍ରରେ ବହୁ କ୍ଷତି ସହିବାର ଆଶଙ୍କା ଉପୁଜିଛି। ପୂର୍ବରୁ ମଧ୍ୟ ଏପରି ପାଣି ଯୋଗୁ ଚାଷ ଜମିରେ ଧାନ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା। ଅଭିଯୋଗ ସତ୍ତ୍ୱେ ଗଞ୍ଜାମ ବ୍ଲକ କୃଷି ବିଭାଗ କର୍ତ୍ତୃପକ୍ଷ ଓ ସ୍ଥାନୀୟ ତହସିଲଦାର କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନହାନ୍ତି ବୋଲି ରାମଗଡ଼ ଚାଷୀ ଅଭିଯୋଗ କରିଛନ୍ତି। କେବଳ ଚାଷ ଜମି ନୁହେଁ, ଏହି ପାଣି ପାଲୁର ସାହେବ କେନାଲ ଦେଇ ଚିଲିକା ମଧ୍ୟକୁ ପଶୁଛି। ଫଳରେ ଚିଲିକାର ପରିବେଶ ନଷ୍ଟ ହେବା ସହ ଚିଙ୍ଗୁଡ଼ି ଯାଆଁଳ ଉପରେ ଏହାର ପ୍ରଭାବ ପଡୁଛି। ସରକାର ଓ ଉଚ୍ଚ ନ୍ୟାୟାଳୟ ଏହି ବିଷାକ୍ତ ପାଣି ଉପରେ ରୋକୋ ଲଗାଇବାକୁ କହିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଅବହେଳା କରି କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟପକ୍ଷରେ ବେନାମୀ ଜମି ମାଲିକମାନେ ପଟ୍ଟା ଜମିରେ ଚୁକ୍ତିନାମା କରି ନିଜ ଜାଗାରେ ଚାଷ କରୁଛୁ ବୋଲି ଦାବି କରି ରାତି ଅଧରେ ବିଷାକ୍ତ ପାଣି ଚିଲିକା ଓ ଚାଷ ଜମିକୁ ଛାଡୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହା ଅଲେଶ୍ୱର ଶୈବ ପୀଠକୁ ଯାତାୟାତ ରାସ୍ତାରେ ପାଣି ଜମି ରହି ଯାତାୟାତରେ ବାଧା ସୃଷ୍ଟି କରୁଛି। ଫଳରେ ପର୍ଯ୍ୟଟକ, ପ୍ରୟାଗି ଗ୍ରାମବାସୀ ଓ ଶ୍ରଦ୍ଧାଳୁ ଗମନାଗମନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଓ ପରିବେଶବିତ୍ ଦାବି କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:.....................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ସୋର, ୧୬।୬(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା କାନ୍ଥିଗଡ଼ିଆ ଗ୍ରାମର ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁସାରେ କୋଟିଆକୋଇଲି ପଞ୍ଚାୟତ କାନ୍ଥିଗଡ଼ିଆ ଗ୍ରାମର ରାଜେନ୍ଦ୍ର ମଳିକଙ୍କ ସହ ଖୀରକୋଣା ଗ୍ରାମର ରୁନୁ ଦାସଙ୍କ ଗତ ୯ ବର୍ଷ ପୂର୍ବେ ନୋଟାରୀ ବିବାହ ହୋଇଥିଲା। ଗତ ୧୩ ତାରିଖ ସକାଳେ ଶୋଇବା ଘରେ ରୁନୁ ବେକରେ ଶାଢ଼ିବାନ୍ଧି ଝୁଲିପଡିଥିବା ବେଳେ ତାଙ୍କ ସ୍ୱାମୀ ରାଜେନ୍ଦ୍ର ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ରୁନୁଙ୍କ ବାପ ଘର ଲୋକେ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ରୁନୁଙ୍କ ଶ୍ୱଶୁର ଘର ଲୋକଙ୍କୁ ମାଡ଼ ମାରିଥିଲେ। ଏପରିକି ସ୍ଥାନୀୟ ଲୋକ ସମେତ ସୋର ପୋଲିସ ସେଥିରୁ ବାଦ୍ ପଡ଼ି ନ ଥିଲେ। ସୋର ଥାନା ଅଧିକାରୀ ସୁଦୀପ୍ତ ସାହୁ ଡାକ୍ତରଖାନାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ୬ଘଣ୍ଟା ପରେ ସ୍ଥିତି ଶାନ୍ତ ପଡିଥିଲା। ରୁନୁଙ୍କ ବାପା ଘର ଲୋକଙ୍କ ହତ୍ୟା ଅଭିଯୋଗ ପରେ ସୋର ପୋଲିସ ଏକ ମାମଲା(ନଂ. ୪୫୧/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ରଖିବା ସହିତ ସ୍ୱାମୀ ରାଜେନ୍ଦ୍ର, ଶ୍ୱଶୁର ଏବଂ ଶାଶୁଙ୍କୁ ଥାନାରେ ଅଟକ ରଖିଥିଲା। ପ୍ରାଥମିକ ତଦନ୍ତ ପରେ ପୋଲିସ ରାଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଗାଧୋଇବା ବେଳେ ମହିଳାଙ୍କୁ ଝାମ୍ପିନେଲା କୁମ୍ଭୀର

**ଆଳି,୧୬।୬(ବନମାଳୀ ସେନାପତି)**


କାଜଲ ମହାନ୍ତି

ସୋମବାର ଥିଲା ଶେଷ ରଜ। ଘରେ ୩ ଝିଅଙ୍କୁ ଗାଧୋଇଦେଇ ପୋଷାକ ପିନ୍ଧାଇଦେବା ପରେ ମା’ ଗାଧୋଇବାକୁ ଯାଇଥିଲେ। ହେଲେ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ମା’ ଘରକୁ ଫେରିବାରେ ବିଳମ୍ବ ହେବାରୁ ଗାଧୁଆତୁଠକୁ ଝିଅ ଖୋଜିବାକୁ ଯାଇଥିଲେ। ସେଠାରେ ମା’ ନ ଥିଲା, କିନ୍ତୁ ତୁଠ ଉପରେ ଥିଲା କପଡ଼ା। ମା’ଙ୍କୁ ନ ପାଇ ଝିଅ କାନ୍ଦିବାରୁ ଗାଁ ଲୋକ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ଆଳି ଥାନା କୋଳିଡ଼ିହ ପଞ୍ଚାୟତ ଅଁଳାଡିହ ଗାଁରେ।

ପୋଲିସ ସୂଚନା ମୁତାବକ, କୈଳାସ ମହାନ୍ତିଙ୍କ ସ୍ତ୍ରୀ କାଜଲ ପୂର୍ବାହ୍ନ ୧୧ଟାରେ ଘର ନିକଟରେ ଥିବା ଖରସ୍ରୋତା ନଦୀ ସହ ସଂଲଗ୍ନ ଥିବା ପାନିଆ ଯୋରକୁ ଗାଧୋଇବାକୁ ଯାଇଥିଲେ। କାଜଲ କପଡ଼ା କାଚି ସାରି ଉପରେ ରଖି ଗାଧୋଇବାକୁ ଯୋର ଭିତରକୁ ଯିବା ମାତ୍ରେ ଛପି ରହିଥିବା କୁମ୍ଭୀର ତାଙ୍କୁ ଝାମ୍ପି ନେଇଥିଲା। ଅନେକ ସମୟ ଧରି କାଜଲ ଘରକୁ ନ ଫେରିବାରୁ ତାଙ୍କ ୨ ଝିଅ ଯୋର ନିକଟକୁ ଖୋଜିବାକୁ ଯାଇଥିଲେ। ଯୋର ନିକଟରେ ପିନ୍ଧାବସ୍ତ୍ର ଥିବା ବେଳେ ମା’ ନ ଥିବାରୁ ୨ ଝିଅ କାନ୍ଦି କାନ୍ଦି ଗାଁ ଲୋକଙ୍କୁ ଡାକି ଥିଲେ। ଗ୍ରାମବାସୀ ଯୋର ଭିତରେ ପଶି ଖୋଜାଖୋଜି କରିବା ସହ ଭୁଟୁଭୁଟି ନେଇ ଖୋଜା ଆରମ୍ଭ କରି ଦେଇଥିଲେ। ଦୀର୍ଘ ସମୟ ଖୋଜିବା ପରେ ସେହି ଯୋର ମଧ୍ୟରେ କୁମ୍ଭୀର କାଜଲଙ୍କୁ ଖାଉଥିବା ଦେଖିଥିଲେ। କୁମ୍ଭୀରକୁ ସେମାନେ ଘଉଡ଼ାଇଥିଲେ। ଘଟଣାସ୍ଥଳରେ ଆଳି ପୋଲିସ, ବନ ବିଭାଗ ଓ ତହସିଲଦାର କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚିଥିଲେ। ବନ ବିଭାଗର ଉଦାସୀନତା ଯୋଗୁ ବାରମ୍ବାର ଗୋଟିଏ ପରେ ଗୋଟିଏ ଜୀବନ କୁମ୍ଭୀର ମୁହଁରେ ଚାଲିଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କାଜଲଙ୍କ ସ୍ୱାମୀ କୈଳାସ ଚାଷକରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଘରେ ତାଙ୍କର ୩ ଝିଅ ଅଛନ୍ତି। ଖବର ଲେଖାହେବା ସୁଦ୍ଧା ମହିଳାଙ୍କ ମୃତଦେହର କିଛି ଅଂଶ ଉଦ୍ଧାର ହୋଇଥିବା ଜଣାପଡ଼ିଛି।


# ବଜ୍ରପାତରେ ୨ ଭଉଣୀ ମୃତ

**ଗୁଡାରି, ୧୬।୬ (ପ୍ରମୋଦ କୁମାର ପତି)**

ଖୁସିର ସ୍ମୃତି ସାଉଁଟିବାକୁ ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ ମିଲୁଢ଼େପ ସାହିର କେତେଜଣ ମହିଳା ଓ ଯୁବତୀ ମିଶି ଶେଷ ରଜ ସୋମବାରରେ ବଣକୁ ଭୋଜି କରିବାକୁ ଯାଇଥିଲେ। କିନ୍ତୁ ହଠାତ୍ ଝଡ଼ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ଘଟି ୨ ଭଉଣୀଙ୍କ ମୃତ୍ୟୁ ହୋଇଯାଇଛି। ଏଥିରେ ଅନ୍ୟ ଜଣେ ଗୁରୁତର ଥିବା ଜଣାପଡ଼ିଛି। ମୃତକ ହେଲେ ପ୍ରସାଦ ଗୌଡ଼ଙ୍କ ୨ ଝିଅ ରୁପାଲି ଗୌଡ଼ (୨୦) ଓ ସୋନାଲି ଗୌଡ଼ (୧୮)। ଏଥିରେ ଜଗନ୍ନାଥ ଗୌଡ଼ଙ୍କ ଝିଅ କାଜଲ ଗୌଡ଼ (୨୦) ଆହତ ହୋଇଛନ୍ତି। ମୃତ ରୁପାଲି ଗତ ମାସରେ ଗୁଡ଼ାରୀର ଫାଲଗୁନି ଗୌଡ଼ଙ୍କୁ ବିବାହ କରିଥିଲେ।

ସୂଚନାନୁଯାୟୀ, ରାୟଗଡ଼ା ଜିଲା ଗୁଡାରି ସହରର ମିଲୁଢ଼େପ ସାହିର କେତେଜଣ ମହିଳା ଓ ଯୁବତୀ ସ୍ଥାନୀୟ ବାଟିଆବିଲ ଆମ୍ବ ତୋଟାରେ ଭୋଜି କରିବାକୁ ଯାଇଥିଲେ। ଭୋଜି ଖାଇ ଘରକୁ ଫେରିବା ସମୟରେ ହଠାତ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ବଜ୍ରପାତରେ ରୁପାଲି ଓ ସୋନାଲି ଓ କାଜଲ ଆହତ ହୋଇଥିଲେ। ସେମାନଙ୍କୁ ଅନ୍ୟମାନେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆମ୍ବୁଲାନ୍ସରେ ସମସ୍ତଙ୍କୁ ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ରୁପାଲି ଓ ସୋନାଲିଙ୍କ ମୃତ୍ୟୁ ହୋଇଛି। କାଜଲଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ମହିଳା ଶ୍ରମିକଙ୍କୁ ଠିକାସଂସ୍ଥା କର୍ମଚାରୀଙ୍କ ମାଡ଼


ଗୁରୁତର ହୋଇଥିବା ମହିଳା ଶ୍ରମିକ।

**ପରଜଙ୍ଗ,୧୬।୬(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ସାଆନ୍ଦା ଫାଣ୍ଡି ବଡ଼କମରଠାରୁ ଖଡ଼ଗପ୍ରସାଦ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ହେଉଥିବା ସେତୁରେ କାର୍ଯ୍ୟରତ ତେଲେଙ୍ଗାନା ଅଞ୍ଚଳର ମହିଳା ଶ୍ରମିକ ଜୟା ଆମ୍ମା(୪୫)ଙ୍କୁ ଠିକାସଂସ୍ଥାର ୨ କର୍ମଚାରୀ ସୋମବାର ମାଡ଼ ମାରି ଗୁରୁତର କରିଥିବା ଅଭିଯୋଗ ହୋଇଛି। ଜୟା ଘରକୁ ଯିବା ପାଇଁ ବକେୟା ଟଙ୍କା ମାଗିବାରୁ ତାଙ୍କୁ ମାଡ଼ ମରାଯାଇଥିବା କୁହାଯାଉଛି। ସ୍ଥାନୀୟ ଗ୍ରାମବାସୀ ଏବଂ ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା ଜୟାଙ୍କୁ ଉଦ୍ଧାର କରିବା ସହ ଫୋନ୍ ଯୋଗେ ପାଲିସକୁ ଜଣାଇଥିଲେ। ପରେ ସାଆନ୍ଦା ଫାଣ୍ଡି ଅଧିକାରୀ ଜୋସେଫ ପଟ୍ଟନାୟକ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହ ମାଡ଼ ମାରିଥିବା ୨ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡକାଯାଇଛି ଓ ମହିଳା ଜଣଙ୍କ ଚିକିତ୍ସାରୁ ଫେରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# ସ୍ତ୍ରୀ,ପୁଅକୁ ହାଣି ଯୁବକ ଫେରାର

**ଭୋଗରାଇ,୧୬।୬(ପ୍ରଦୀପ ଦାସ)**

**ଗୁରୁତର ଅବସ୍ଥାରେ କଟକ ମେଡିକାଲରେ ମା’ ପୁଅ**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଆରୁହାବୃତ୍ତି ୨ (ଦହମୁଣ୍ଡା ) ଗ୍ରାମରେ ରବିବାର ରାତି ୨ଟା ବେଳେ ଏକ ବୀଭତ୍ସ କାଣ୍ଡ ଘଟିଛି। ଘରୋଇ କଳହରୁ ଗ୍ରାମର ପ୍ରଶାନ୍ତ ଜେନା(୪୪) ମାନସିକ ଭାରସାମ୍ୟ ହରାଇ ସ୍ତ୍ରୀ ଦେବିକାରାଣୀ ଜେନା (୩୨) ଓ ୫ ବର୍ଷର ବଡ଼ପୁଅ କାର୍ତ୍ତିକଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣିବା ପରେ ୨ବର୍ଷର ସାନପୁଅ ଗଣେଶଙ୍କୁ ଏକ ଖୁଣ୍ଟ ଉପରକୁ ଠେଲିଦେଇ ଫେରାର ହୋଇଯାଇଛନ୍ତି। ରାତିଅଧରେ ଚିତ୍କାର ଶୁଣି ପଡ଼ୋଶୀ ଛୁଟି ଆସିବା ସହିତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳା ଓ ୨ ପୁଅଙ୍କୁ ପ୍ରଥମେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଯାଇଥିଲେ। ସେଠାରେ ମହିଳା ଓ ୨ ଶିଶୁଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ସୋମବାର ସକାଳୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରଲେଖା ବେଳକୁ ସେଠାରେ ମା’ ଓ ବଡ଼ପୁଅଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ସାନପୁଅର ଅବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି। କମର୍ଦ୍ଦା ଥାନା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଶାନ୍ତ ଜଣେ ଶିକ୍ଷିତ ଯୁବକ। ସେ ତାଙ୍କ ସ୍ତ୍ରୀ ଦେବିକାରାଣୀଙ୍କ ମେରୁଦଣ୍ଡଜନିତ ରୋଗରେ ବହୁ ଅର୍ଥ ଖର୍ଚ୍ଚ କରିଛନ୍ତି। ମାଗିଯାଚି ୫ କୁଟୁମ୍ବ ପ୍ରତିପୋଷଣ କରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିବାରୁ ଘରେ ଦମ୍ପତିଙ୍କ ମଧ୍ୟରେ କଳହ ଲାଗୁଥିବା ପଡ଼ୋଶୀ କହିଛନ୍ତି। ମହିଳାଙ୍କ ବାପା ଅଲାଲବିନ୍ଧା ଗ୍ରାମର ନାରାୟଣ ନାୟକ ତାଙ୍କ ଝିଅଙ୍କୁ ପରିବାର ଲୋକେ ମିଶି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା କମର୍ଦ୍ଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସ୍ତ୍ରୀଙ୍କୁ ଶାବଳ ଭୁସି ହତ୍ୟା

**ବିଞ୍ଝାରପୁର/ସିଂହପୁର,୧୬।୬(ରାମକୃଷ୍ଣ ଦାସ/ଅନଙ୍ଗ ଉଦୟ ବେଉରିଆ)**


ଗିରଫ ଅଭିଯୁକ୍ତ ସୁଦାମ

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁଁଠାରେ ରବିବାର ରାତିରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ଗ୍ରାମର ସୁଦାମ ମଲ୍ଲିକ ସ୍ତ୍ରୀ ଶାନ୍ତିଲତା ମଲ୍ଲିକ(୪୨)ଙ୍କୁ ଶାବଳ ଭୁସି ହତ୍ୟା କରିଛନ୍ତି। ଏନେଇ ଶାନ୍ତିଲତାଙ୍କ ପରିବାର ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ସୁଦାମଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ପୋଲିସ ହତ୍ୟାରେ ବ୍ୟବହୃତ ଶାବଳକୁ ଜବତ କରିଛି। ଅଭିଯୋଗ ମୁତାବକ, ରାତିରେ ସୁଦାମ ଓ ଶାନ୍ତିଲତା ଶୋଇଥିବାବେଳେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ସୁଦାମ ଘର କାବଟ ବନ୍ଦ କରି ଏକ ଶାବଳରେ ଶାନ୍ତିଲତାଙ୍କ ପେଟ, ଛାତି ଓ ବେକକୁ ଭୁସି ପକାଇଥିଲେ। ଶାନ୍ତିଲତା ଚିତ୍କାର କରିବାରୁ ତାଙ୍କ ଶାଶୁ, ଦିଅର ଓ ପଡ଼ୋଶୀ ଆସି କବାଟ ବାଡ଼େଇଥିଲେ। ହେଲେ ସୁଦାମ କବାଟ ଖୋଲି ନ ଥିଲେ। ଏହାପରେ ସେମାନେ କବାଟ ଭାଙ୍ଗି ଘରେ ପଶିଥିଲେ। ଶାନ୍ତିଲତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏନେଇ ଥାନାରେ ୨୮୦।୨୫ ନମ୍ବରରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ଜଙ୍ଗଲରୁ ଶିଶୁପୁତ୍ର ଉଦ୍ଧାର

**ଯୋଡ଼ା,୧୬।୬(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଭାଗଲପୁର ଗ୍ରାମ୍ୟ ଜଙ୍ଗଲ ଏକ ବୁଦାମୂଳରୁ ଏକ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇଛି। ତାଙ୍କୁ ଚମ୍ପୁଆ ମେଡିକାଲରେ ଚିକିତ୍ସା ନିମନ୍ତେ ରଖାଯାଇଛି। ଶିଶୁର ବୟସ ଏକମାସ ହେବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର କେତେଜଣ ଲୋକ ସୋମବାର ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଏକ ବୁଦାମୂଳେ ଶିଶୁର କାନ୍ଦ ଶୁଣି ସେଠାରେ ପହଞ୍ଚିଥିଲେ। ଶିଶୁର ଶରୀରରେ ପିମ୍ପୁଡ଼ି ବେଢ଼ିଯାଇଥିବାରୁ ରାହାଧରି କାନ୍ଦୁଥିଲା। ଛୁଆକୁ ଉଦ୍ଧାର କରି ଗାଁର ଆଶାକର୍ମୀଙ୍କୁ ଜଣାଇଥିଲେ। ଆଶାକର୍ମୀ ପ୍ରମିଳା ନାଏକ ଗ୍ରାମବାସୀଙ୍କ ସହଯୋଗରେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେଠାରେ ଚିକିତ୍ସା ଜାରି ରହିଥିବା ବେଳେ ଶିଶୁର ଅବସ୍ଥା ଭଲ ଥିବା ଡା. ସୋନାରାମ ମୁର୍ମୁ କହିଛନ୍ତି। ଯୋଡ଼ା ବ୍ଲକ୍ ସିଡିପିଓ ସୁକାନ୍ତି ପାତ୍ର କହିଛନ୍ତି, ଶିଶୁପୁତ୍ର ଉଦ୍ଧାର ନେଇ ସେ ଅବଗତ ଅଛନ୍ତି। ଡାକ୍ତରଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ ଥଇଥାନ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ କଥାବାର୍ତ୍ତା ହେବେ ବୋଲି କହିଥିଲେ।

# ଯୁବତୀଙ୍କୁ ଅପହରଣ ସନ୍ଦେହରେ ଶ୍ରମିକଙ୍କୁ ମାଡ

**ଭୁବନେଶ୍ୱର,୧୬।୬ (ସତ୍ୟଜିତ୍ ରାଉତ)**

ଜଣେ ଯୁବତୀଙ୍କୁ ଅପହରଣ କରାଯାଉଥିବା ସନ୍ଦେହ କରି ସ୍ଥାନୀୟ ଲୋକେ ଦୁଇଜଣ ଶ୍ରମିକଙ୍କୁ ନିସ୍ଥୁକ ମାଡ ମାରିଛନ୍ତି। ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଯଦୁପୁର ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ସେମାନେ ସମସ୍ତେ ଶ୍ରମିକ ହୋଇଥିବା ବେଳେ ମଦ୍ୟପାନ କରି ଫେରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ପୋଲିସ ସେମାନଙ୍କୁ ଥାନାରେ ପଚାରାଉଚରା କରି ଛାଡି ଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ଶ୍ରମିକଦ୍ୱୟ ପଶ୍ଚିମବଙ୍ଗର ହୋଇଥିବା ବେଳେ ଯୁବତୀ ଜଣକ ଝାଡ଼ଖଣ୍ଡର। ସେମାନେ ପୋଖରୀପୁଟ ଅଞ୍ଚଳରେ ଜଣେ ଠିକାଦାରଙ୍କ ପାଖରେ କାମ କରନ୍ତି। ରବିବାର ରାତିରେ ସାଥି ହୋଇ ମାର୍କେଟ୍‌କୁ ଯାଇଥିଲେ। ବୁଲାବୁଲି କରିବା ପରେ ସମସ୍ତେ ମଦ୍ୟପାନ କରିଥିଲେ। ଯୁବତୀ ଜଣକ ଅଧିକ ମଦ୍ୟପାନ କରିଥିବାରୁ ଠିକ୍ ଭାବେ ଚାଲିପାରୁ ନ ଥିଲେ। ରାତି ପ୍ରାୟ ୧୨ଟା ୩୦ରେ ସାଥିରେ ଥିବା ଶ୍ରମିକଦ୍ୱୟ ରାସ୍ତାରେ ତାଙ୍କୁ ଧରି ନେଉଥିଲେ। ସମସ୍ତେ ପରସ୍ପର ହିନ୍ଦିରେ କଥା ହେଉଥିଲେ। ଏହି ସମୟରେ ଉକ୍ତ ଯୁବତୀଙ୍କୁ ଅପହରଣ କରାଯାଉଥିବା ସନ୍ଦେହ କରି ସ୍ଥାନୀୟ ଲୋକମାନେ କାଣ୍ଡ ଘଟାଇଥିଲେ। ଉକ୍ତ ଯୁବତୀ ଜଣକ ନାବାଳିକ ବୋଲି ଲୋକମାନେ ସନ୍ଦେହ କରିଥିଲେ। ସେମାନେ ଶ୍ରମିକଦ୍ୱୟଙ୍କୁ ଅଟକ ରଖି ମାଡ ମାରି ବହୁ ପ୍ରଶ୍ନ ପଚାରିଥିଲେ। ଏଥିସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ସେଠାରେ ପହଞ୍ଚି ଲୋକଙ୍କ କବଳରୁ ସମସ୍ତଙ୍କୁ ଉଦ୍ଧାର କରିଥିଲା। ତେବେ ଅଧିକ ତଦନ୍ତ କରିବା ପରେ ସନ୍ଦେହ ଦୂର ହେବା ସହ ସତ କଥା ଜଣାପଡିଥିଲା। ଏନେଇ କୌଣସି ମାମଲା ହୋଇ ନ ଥିବା ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି।


# Classified Everyday
## 0674-2580101, 9692975378


REAL ESTATE

**SALE**

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର-6000/-, ଝାରପଡ଼ା- 4600/- contact- 7978551614, 9439049194. D-950

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9 0 9 0 7 4 6 4 4 5 , 7008067338.** D-76275




Wellness relax body massage & joint pain treatment by trend therapist. 7327020180. D-76917

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 13.06.2025, I, SARADA PANDA, permanent Resident of Block A-2, Flat No.- 5/9, Hi.Tech Plaza, Madhipur, P.O.- Kuha, P.S.- Airfield, Bhubaneswar, Odisha, PIN-751002 declared that I have changed my name from SARADA ROWLA to SARADA PANDA. Henceforth, I shall be known as SARADA PANDA for all purposes.
SARADA PANDA
D-952

By virtue of an affidavit sworn before the Executive Magistrate, Anandapur, dated 17.05.2025, I, Banuani Nayak, Address: At-Dhuligarh, P.O.-Danagadi, P.S.- Jajpur road, Dist.-Jajpur, Odisha-755026 declare that I have changed my name from Gedi Naik to Banuani Nayak. Henceforth, I shall be known as Banuani Nayak for all purposes. D-955

I, Subhasmita Patbandha, D/o- Bhikari Patbandha resident of At/ P.O.-Badamundhabani, P.S.-Morada, Dist.- Mayurbhanj, PIN- 757023, Odisha declare by this affidavit No.- 3496, dt. 30.05.2025. My actual name is "Subhasmita Patbandha" as mentioned in the Respective Educational Matric Certificate No.- M 1280072. After marriage with one Rabinarayan Tipiria my surname has been changed from Patbandha to Tipiria which is mentioned in my Aadhaar Card No.- XXXX XXXX 9453. I swear this affidavit to be produced before the concerned authority for correction of my name in Aadhaar Card as Subhasmita Patbandha instead of Subhasmita Tipiria. D-956

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

By virtue of an affidavit sworn before Executive Magistrate, Bhubaneswar, dated 13.06.2025, I, JAHNAVI PANDA, permanent Resident of Block A-2, Flat No.- 5/9, Hi-Tech Plaza, Madhipur, P.O.- Kuha, P.S.- Airfield, Bhubaneswar, Odisha, PIN- 751002 declared that I have changed my name from JAHNAVI ROWLA to JAHNAVI PANDA. Henceforth, I shall be known as JAHNAVI PANDA for all purposes.
JAHNAVI PANDA
D-954

By virtue of an affidavit sworn before Executive Magistrate, Bhubaneswar, dated 13.06.2025, I, GOPAL KRISHAN PANDA, permanent Resident of Block A-2, Flat No.- 5/9, Hi.Tech Plaza, Madhipur, P.O.- Kuha, P.S.- Airfield, Bhubaneswar, Odisha, PIN-751002 declared that I have changed my name from GOPAL KRISHAN ROWLA to GOPAL KRISHAN PANDA. Henceforth, I shall be known as GOPAL KRISHAN PANDA for all purposes.
GOPAL KRISHAN PANDA
D-953

By virtue of an affidavit sworn before Executive Magistrate, Nuagaon, dated 10.06.2025 (CF No.-782), I, Laxmipriya Patra, aged about 51 years, W/o- Jagannath Patra, D/o- Late Arjuna Sahoo, both present and permanent resident of At-Ashok Nagar, 5th Lane, Kamapalli, P.O.- Medical College, Brahmapur Sadar, Berhampur, Dist.- Ganjam, State- Odisha, PIN- 760004 declare that I have changed my name from Bhaskar Dei to Laxmipriya Patra. Henceforth, I shall be known as Laxmipriya Patra for all purposes .
Laxmipriya Patra
D-957

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
**10 A.M. TO 8 PM.**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646




# ମହାପ୍ରଭୁଙ୍କ ଦେହରେ ଲାଗି ହେଲା ଫୁଲୁରି ତେଲ

ପୁରୀ, ୧୬।୬ (ଅଜିତ୍ କୁମାର ମହାନ୍ତି)

ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଶ୍ରୀବିଗ୍ରହଙ୍କ ଅଣସର ଘରେ ଦଇତାପତି ଓ ପତିମହାପାତ୍ର ସେବକମାନେ ଗୁପ୍ତ ସେବା ଜାରି ରଖିଛନ୍ତି। ଏହି ସମୟରେ ମହାପ୍ରଭୁଙ୍କ ନିକଟରେ ଦଇତାପତି ସେବକମାନେ ପଣା ଓ ଚକଟା ଭୋଗଲାଗି କରୁଛନ୍ତି। ଅଣସରର ପଞ୍ଚମ ଦିବସରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି କରାଯାଇଛି। ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଫୁଲୁରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ଓଡ଼ିଆ ମଠ ପକ୍ଷରୁ ମହାପ୍ରଭୁଙ୍କ ଲାଗି ଫୁଲୁରି ତେଲ ଯୋଗାଇ ଦିଆଯାଇଥାଏ। ପ୍ରତିବର୍ଷ ଅଣସରରେ ୬ ସେର ଫୁଲୁରି ତେଲ ମଠ ପକ୍ଷରୁ ଦିଆଯାଇଥାଏ।

ଫୁଲୁରି ତେଲ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ। ପ୍ରତିବର୍ଷ ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ଏକ ପାତ୍ରରେ ରଖି ମାଟିତଳେ ଏକବର୍ଷ କାଳ ପୋତାଯାଇଥାଏ। ପରେ ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇଥାଏ। ପରେ ତେଲକୁ ଛଣାଯାଇ ଏକ ମାଟିପାତ୍ରରେ ରଖାଯାଏ। ଅଣସରର ପଞ୍ଚମ ଦିନ ତେଲକୁ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଭୋଗ ସମ୍ପନ୍ନ ହେବା ପରେ ବଡ଼ଓଡ଼ିଆ ମଠରୁ ଉକ୍ତ ଫୁଲୁରି ତେଲ ଶ୍ରୀମନ୍ଦିରକୁ ଯାଇଥାଏ। ପତି ମହାପାତ୍ର ସେବକ ୩ଟି ରୁପା ପିଙ୍ଗଣରେ ଫୁଲୁରି ତେଲ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଏହାକୁ ମାଲିସ କରାଇଥାନ୍ତି। ବିଶ୍ୱାସ ରହିଛି, ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ମାଲିସ କରାଯିବା ପରେ ମହାପ୍ରଭୁ ଜ୍ୱରରୁ ସାମାନ୍ୟ ଉପଶମ ପାଇଥାନ୍ତି।


ମହାପ୍ରଭୁଙ୍କ ଜ୍ୱର ଉପଶମ ପାଇଁ ବଡ଼ଓଡ଼ିଆ ମଠ ପକ୍ଷରୁ ବିଭିନ୍ନ ଜଡ଼ିବୁଟିରେ ପ୍ରସ୍ତୁତ ଫୁଲୁରି ତେଲ ଶ୍ରୀମନ୍ଦିରକୁ ନିଆଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଆଦିନାଥ: ଆଜାନୁବାହୁ ଶ୍ରୀଅଲାରନାଥ

ପୁରୀ, ୧୬।୬ (ଅଜିତ୍ କୁମାର ମହାନ୍ତି)

ପବିତ୍ର ସ୍ନାନଯାତ୍ରାରେ ସ୍ନାନବେଦିରେ ଦାରୁବିଗ୍ରହମାନେ ୧୦୮ ଗଡୁ ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ବିଶ୍ରାମ ନେଉଛନ୍ତି। ଦଇତାପତି ସେବକମାନେ ଶ୍ରୀବିଗ୍ରହଙ୍କ ଗୁପ୍ତସେବା କରୁଛନ୍ତି। ଭକ୍ତମାନେ ଶ୍ରୀମନ୍ଦିରରେ ପତିଦିଅଁଙ୍କୁ ଦର୍ଶନ କରି ଫେରୁଛନ୍ତି। ବିଶ୍ୱାସ ରହିଛି, ଏହି ଅଣସର ସମୟରେ ଶ୍ରୀବିଗ୍ରହଙ୍କ ଦର୍ଶନ ମିଳି ନ ଥିବାବେଳେ ଭକ୍ତମାନେ ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥଙ୍କ ଦର୍ଶନ କରିଥାନ୍ତି। ଅନବସରରେ ଗୋଟିଏ ଦିନ ଅଲାରନାଥଙ୍କ ଦର୍ଶନ ମହାପ୍ରଭୁଙ୍କ ବର୍ଷକ ଯାକର ଦର୍ଶନ କରିବା ସହ ସମପୁଣ୍ୟ ମିଳିଥାଏ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ବୈଷ୍ଣବମାନଙ୍କ ସହିତ ପ୍ରାଚୀନ ଓଡ୍ର ଓ କଳିଙ୍ଗ ରାଷ୍ଟ୍ରର ଘନିଷ୍ଠ ସମ୍ପର୍କ ଥିଲା। ଏହି ଅଲୱାର ବୈଷ୍ଣବମାନେ ବହୁଳଭାବେ ଦକ୍ଷିଣ ଭାରତ ଓ ପ୍ରାଚୀନ କଳିଙ୍ଗ ରାଷ୍ଟ୍ରରେ ରହୁଥିଲେ। ଶ୍ରୀଜଗନ୍ନାଥଙ୍କ ସହିତ ଏମାନଙ୍କର ନିବିଡ଼ ସମ୍ପର୍କ ଥିଲା। ଏହି ସମ୍ପ୍ରଦାୟର ଗୁରୁ ପରମ୍ପରାରେ ଗୁରୁମାନଙ୍କୁ 'ଯୋଗୀ' କୁହାଯାଏ। ଏହି ଯୋଗୀମାନେ 'ଆଦିନାଥ ଭଗବାନ' ଶବ୍ଦ ବ୍ୟବହାର କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ପୂର୍ବରୁ ଯେଉଁ ମାଧବ ପୂଜିତ ହେଉଥିଲେ ଓ ପରେ ଅନ୍ତର୍ଦ୍ଧାନ ହୋଇଥିଲେ, ମନେହୁଏ ତାହାଙ୍କୁ ଶ୍ରୀଜଗନ୍ନାଥଙ୍କ ପୂର୍ବର ଆଦିନାଥ ବୋଲି ସମ୍ବୋଧନ କରିଛନ୍ତି। ତାଙ୍କର ବିଗ୍ରହ ବର୍ଣ୍ଣନା ଯାହା ଲେଖିଛନ୍ତି, ତାହା ମଧ୍ୟ ସମ୍ପୂର୍ଣ୍ଣ ଭାବେ ଶ୍ରୀଅଲାରନାଥଙ୍କ ବିଗ୍ରହ ସହ ସାମଞ୍ଜସ୍ୟ ରହିଛି।


ଅଲାରନାଥ

'କପିଳ ସଂହିତା' ଗ୍ରନ୍ଥର ୨୬ ଅଧ୍ୟାୟ ବର୍ଣ୍ଣନା ଅନୁସାରେ ଶ୍ରୀଅଲାରନାଥ ହେଉଛନ୍ତି ଆଦିନାଥ, କାରଣ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ରୂପେ ଆବିର୍ଭାବ ହେବା ପୂର୍ବରୁ ଇନ୍ଦ୍ରନୀଳମଣି ବିଗ୍ରହ ଶ୍ରୀମାଧବ ଥିଲେ। କପିଳ ସଂହିତା ଗ୍ରନ୍ଥରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି, ସେ ହିଁ ଶ୍ରୀଅଲାରନାଥ। ତେଣୁ ସେ ଆଦିନାଥ ହେବା ସ୍ୱାଭାବିକ।

ଶ୍ରୀପରକାଳସୂରୀ ଦଶଟି ଗାଥାରେ ଶ୍ରୀଜଗନ୍ନାଥଙ୍କ ମଙ୍ଗଳ ଶାସନ ଲେଖିଥିବା ବେଳେ ଆଉ ଦଶଟି ଗାଥାରେ ଆଜାନୁବାହୁ ଜଗନ୍ନାଥଙ୍କ ମଙ୍ଗଳ ଶାସନ କଥା ଲେଖିଛନ୍ତି। ଜଗନ୍ନାଥ ଓ ଆଜାନୁବାହୁ ଜଗନ୍ନାଥ ନିଶ୍ଚିତଭାବେ ଭିନ୍ନ ବିଗ୍ରହ। ଶ୍ରୀମନ୍ଦିରରେ ପୂଜିତ ଶ୍ରୀଜଗନ୍ନାଥ, ଆଜାନୁବାହୁ ଜଗନ୍ନାଥ ହୋଇ ନ ଥିବାବେଳେ ନିଶ୍ଚିତଭାବେ ସେହି ଆଦିନାଥ ବା ଶ୍ରୀଅଲାରନାଥଙ୍କୁ ହିଁ ସେ ଆଜାନୁବାହୁ ଜଗନ୍ନାଥ ବୋଲି ଗ୍ରହଣ କରି ଗାଥା ଲେଖିଛନ୍ତି। ଏହି ଶ୍ରୀପରକାଳସୂରୀ ହେଉଛନ୍ତି ଚୋଳ ଦେଶର ଅବିନାଡ଼ ଅଞ୍ଚଳର ପରିରମ୍ଭପୁରୀର ରାଜା ଅବିନାଡୁ ଦୟାରଙ୍କ ପୁତ୍ର। ପରିରମ୍ଭପୁରୀ ଶ୍ରୀନୃସିଂହ ଉପାସନା କ୍ଷେତ୍ର ଭାବରେ ଭାରତ ବର୍ଷରେ ପ୍ରସିଦ୍ଧ ଥିଲା। ଏଠାରେ ପଞ୍ଚନୃସିଂହ ଉପାସନା ହେଉଥିବାରୁ ଏପରି ନାମକରଣ ହୋଇଥିଲା। ଦଶଜଣ ଦିବ୍ୟସୂରୀଙ୍କ ମଧ୍ୟରେ ଏ ହେଉଛନ୍ତି ଶେଷତମ ସୂରୀ। ସେ ଏଭଳି ଜ୍ଞାନୀ ଓ ତ୍ରିକାଳଦର୍ଶୀ ଥିଲେ ଯେ, ତାଙ୍କୁ ଅବତାର ଭାବେ ଗ୍ରହଣ କରାଯାଏ। ଶ୍ରୀପରକାଳସୂରୀଙ୍କ ପୂର୍ବରୁ ଶ୍ରୀଧାରାର ତିନିଜଣ ଅବତାରୀ ମଧ୍ୟ ନୀଳାଦ୍ରି କ୍ଷେତ୍ରକୁ ଆସି ଦର୍ଶନ କରି ଫେରିଥିଲେ। ତେଣୁ ଗୁରୁ ପରମ୍ପରାକ୍ରମରେ ଶ୍ରୀଜଗନ୍ନାଥ ଓ ଆଜାନୁବାହୁ ଜଗନ୍ନାଥଙ୍କ ବିଷୟରେ ସେମାନେ ଭଲଭାବେ ଜାଣିଥିଲେ। ଶ୍ରୀଜଗନ୍ନାଥ ଓ ଶ୍ରୀଅଲାରନାଥଙ୍କୁ ସେମାନେ ନାରାୟଣଭାବେ ଗ୍ରହଣ କରି ଉପାସନା କରନ୍ତି। ଯେ ହେତୁ ସେ ଶ୍ରୀଜଗନ୍ନାଥଙ୍କର ଦଶଟି ଗାଥା ତାମିଲ୍‌ରେ ଲେଖିବା ପରେ ଫେରିଯାଇ ପୁଣି ଆଜାନୁବାହୁଙ୍କର ଦଶଟି ଗାଥା ଲେଖିଛନ୍ତି, ତେଣୁ ସମ୍ଭାବନା ହୁଏ ସେମାନେ ତାଙ୍କ ସମ୍ପ୍ରଦାୟର ଉପାସ୍ୟ ଶ୍ରୀଅଲାରନାଥଙ୍କୁ ଭଲଭାବେ ଜାଣିଥିଲେ ଏବଂ ଏହି ପୀଠ ସହିତ ସେମାନଙ୍କର ସମ୍ପର୍କ ରହିଥିଲା।

ସୂଚନାଯୋଗ୍ୟ, ନୀଳାଦ୍ରି କ୍ଷେତ୍ରକୁ ଆସିବାକୁ ହେଲେ ସେତେବେଳେ ଦକ୍ଷିଣ ଭାରତର ସାଧୁ, ସନ୍ଥ ଓ ତୀର୍ଥଯାତ୍ରୀ ଚିଲିକା ଓ ପ୍ରାଚୀନ ଜଗନ୍ନାଥସଡ଼କ ଦେଇ ମାଣିକପାଟଣାଠାରେ ସ୍ଥଳପଥକୁ ପାରି ହେଉଥିଲେ। ମାଣିକପାଟଣାରୁ ଏକ ଜଗନ୍ନାଥ ସଡ଼କ ଶ୍ରୀଅଲାରନାଥ ମନ୍ଦିର, ମା' ହରଚଣ୍ଡୀଙ୍କ ମନ୍ଦିର ଦେଇ ନରସିଂହପାଟଣା ଘାଟ ପାରିହୋଇ ପୁରୀର ଶ୍ରୀଲୋକନାଥ ଘାଟ ପର୍ଯ୍ୟନ୍ତ ଲମ୍ବିଥିଲା। ସେହି ଘାଟ ପାରିହୋଇ ନୀଳାଦ୍ରି କ୍ଷେତ୍ରରେ ପ୍ରବେଶ କରୁଥିଲେ।

# ରାଜଧାନୀରେ ୩୦ ଜିଲା ପାଇଁ ଅତିଥି ଭବନ

ଭୁବନେଶ୍ୱର, ୧୬।୬ (ରବିନାରାୟଣ ଜେନା)

## ଅଶୋକନଗରରେ ମିଳିଲା ୩ ଏକର ଜମି

ରାଜଧାନୀ ଭୁବନେଶ୍ୱରରେ ୩୦ ଜିଲା ପାଇଁ ନିର୍ମାଣ ହେବ ୩୦ ଅତିଥି ଭବନ। ଏସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚଳିତମାସ ୬ରେ ଗଣମାଧ୍ୟମକୁ ବିବୃତି ଦେଇଥିବାବେଳେ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୩ ଏକର ଜମି ଆବଣ୍ଟନ କରାଯାଇଛି।

ସୋମବାର ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ସେଥିରେ ଇଷ୍ଟେଟ୍ ନିର୍ଦ୍ଦେଶକ ଦର୍ଶାଇଛନ୍ତି, ୟୁନିଟ୍-୨ସ୍ଥିତ ଅଶୋକନଗରରେ ଅତିଥି ଭବନ ନିର୍ମାଣ ପାଇଁ ୩ ଏକର ଜମି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଏସଂକ୍ରାନ୍ତରେ ଆସିଥିବା ପ୍ରସ୍ତାବକୁ ବିଚାର କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ୩ ଏକର ଜମି ମଧ୍ୟରେ ୨୫ଟି ଘରବାରି ପ୍ଲଟ ରହିଥିବାବେଳେ ଦୁଇଟି ସଡ଼କ କିସମ ଜମି ରହିଛି।

ସୂଚନାଯୋଗ୍ୟ, ରାଜ୍ୟର ୩୦ ଜିଲାର ଲୋକଙ୍କ ପାଇଁ ରାଜଧାନୀରେ ଅତିଥି ଭବନ ନିର୍ମାଣ ହେବ। ଏହାଦ୍ୱାରା ରାଜ୍ୟବାସୀ ବିଶେଷ ଭାବେ ଉପକୃତ ହେବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗତ ରବିବାର କହିଥିଲେ। ସେ କହିଥିଲେ, ରାଜ୍ୟର କୋଣ ଅନୁକୋଣରୁ ଅନେକ ଲୋକ ରାଜଧାନୀକୁ ସ୍ୱାସ୍ଥ୍ୟସେବା, ଉଚ୍ଚଶିକ୍ଷା ଲାଭ ତଥା ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସୁବିଧା ପାଇବା ପାଇଁ ଆସିଥାନ୍ତି। ହେଲେ ଏଠି ରହିବା ପାଇଁ ସେମାନେ ହୋଟେଲ କିମ୍ବା ଅନ୍ୟ ସ୍ଥାନରେ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୩୦ ଜିଲା ପାଇଁ ଅତିଥି ଭବନ ନିର୍ମାଣ ହେବ। ଏହାଦ୍ୱାରା ଲୋକେ ସୁବିଧାରେ ରହି ନିଜ ଆବଶ୍ୟକ କାମ କରିପାରିବେ। ପ୍ରତି ଜିଲା ପାଇଁ ୧୦୦ କୋଠରି ବିଶିଷ୍ଟ ଅତିଥି ଭବନ ନିର୍ମାଣ ହେବ। ୩୦ ଜିଲା ପାଇଁ ୩୦୦୦ କୋଠରି ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

# ଭାରତୀୟ ପୋର୍ଟ ରେଲ ଓ ରୋପ୍‌ୱେ କର୍ପୋରେଶନର ମୁଖ୍ୟ ମହାପ୍ରବନ୍ଧକ ହେଲେ ମହେଶ କୁମାର ବେହେରା

ଭୁବନେଶ୍ୱର, ୧୫।୬ (ଅନୁରାଧା ମହାରଣା)



ଭାରତୀୟ ପୋର୍ଟ ରେଲ୍ ଓ ରୋପ୍‌ୱେ କର୍ପୋରେଶନ ଲିମିଟେଡ (ପୋର୍ଟ, ଶିପିଙ୍ଗ ଓ ଜଳମାର୍ଗ ମନ୍ତ୍ରଣାଳୟର ଏକ ମିଳିତ ଉଦ୍ୟୋଗ)ର ମୁଖ୍ୟ ମହାପ୍ରବନ୍ଧକ ଭାବେ ମହେଶ କୁମାର ବେହେରା ଭୁବନେଶ୍ୱରରେ ଯୋଗଦେଇଛନ୍ତି। ସେ ନିକଟରେ ପୂର୍ବତଟ ରେଳପଥର ଅତିରିକ୍ତ ସାଧାରଣ ପ୍ରବନ୍ଧକ ଭାବରେ ଅବସର ନେଇଥିଲେ। ଭାରତୀୟ ରେଳପଥ ଇଞ୍ଜିନିୟର ସେବା (ଆଇଆର୍‌ଏସ୍‌ଇ) ପୁନଃ ନିଯୁକ୍ତି ଆଧାରରେ ସେ ଏହି ଦାୟିତ୍ୱ ପାଇଛନ୍ତି।

ମହେଶ ସମ୍ବଲପୁର ବୁର୍ଲାସ୍ଥିତ ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂରୁ ସିଭିଲ ଇଞ୍ଜିନିୟରିଂରେ ସ୍ନାତକ କରିବା ପରେ ଆଇଆଇଟି ମାଡ୍ରାସରୁ ସାମୁଦ୍ରିକ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଭାରତୀୟ ରେଳପଥର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟକରି ତିନି ଦଶନ୍ଧି ଧରି ଅନେକ ଅଭିଜ୍ଞତା ହାସଲ କରିଛନ୍ତି। ପୂର୍ବତଟ ରେଳପଥରେ ଚିଫ୍ ବ୍ରିଜ ଇଞ୍ଜିନିୟର ଏବଂ ଚିଫ୍ ଇଞ୍ଜିନିୟର (ବ୍ରିଜ ପୁନର୍ବାସ) ଭଳି ପ୍ରମୁଖ ପଦବୀରେ କାର୍ଯ୍ୟ କରିଛନ୍ତି। ଏଥିସହ ଭୁବନେଶ୍ୱରର ରାଇଟସ୍‌ରେ ଗ୍ରୁପ ଜେନେରାଲ ମ୍ୟାନେଜର ଏବଂ ବିହାର ପାଟନା ଓ ମୁଙ୍ଗେରର ପୂର୍ବ କେନ୍ଦ୍ରୀୟ ରେଳ ଅଧୀନରେ ଥିବା ଗଙ୍ଗା ବ୍ରିଜ ପ୍ରକଳ୍ପର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକା ତୁଲାଇଛନ୍ତି। ସେହିପରି ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ), ପୂର୍ବତଟ ରେଳପଥର ଉପମୁଖ୍ୟ ସତର୍କତା ଅଧିକାରୀ ଏବଂ ପୂର୍ବ ସୀମାନ୍ତ ରେଳପଥର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଆଦି ପଦବୀ ଗୁଡ଼ିକରେ କାର୍ଯ୍ୟରତ ଥିଲେ।

## ତାମ୍ପରା ହ୍ରଦକୁ ସଙ୍କୁଚିତ କରି ନିର୍ମାଣ ମାମଲା

# ଅଗଷ୍ଟ ୬ରେ ଏନ୍‌ଜିଟିରେ ଶୁଣାଣି

ଛତ୍ରପୁର, ୧୬।୬ (ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ଛତ୍ରପୁର ନିକଟସ୍ଥ ହୁମ୍ପୁରି ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ରେସୋର୍ଟ ନିର୍ମାଣ କରାଯାଉଥିଲା। କୋଲକତାସ୍ଥିତ ଏନ୍‌ଜିଟି ଇଷ୍ଟର୍ନ ଜୋନ୍ ବେଞ୍ଚର ତାଗିଦା ପରେ ଏହି ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ତେବେ ସେଠାରେ ହୋଇଥିବା ସବୁ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଭଙ୍ଗାଯାଇ ନ ଥିବା ବେଳେ ଏ ସମ୍ପର୍କିତ ମାମଲା ଏବେ ମଧ୍ୟ ଏନଜିଟି ଇଷ୍ଟର୍ନ ଜୋନ୍ ବେଞ୍ଚରେ ବିଚାରାଧୀନ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୬ ତାରିଖକୁ ବେଞ୍ଚ ଧାର୍ଯ୍ୟ କରିଛନ୍ତି।

ଏପ୍ରିଲ ୩ରେ ବେଞ୍ଚରେ ଶୁଣାଣି ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏସମ୍ପର୍କିତ ସତ୍ୟପାଠ ଦାଖଲ କରାଯାଇପାରି ନ ଥିଲା। ଏହା ଦାଖଲ ପାଇଁ ୪ ସପ୍ତାହ ସମୟ ଦେବାକୁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ଏହାକୁ ମଞ୍ଜୁରି ଦେଇ ଏନ୍‌ଜିଟି ବେଞ୍ଚ ପରବର୍ତ୍ତୀ ଶୁଣାଣି ମେ ୨୩କୁ ଧାର୍ଯ୍ୟ କରିଥିଲେ। ତେବେ ଶୁଣାଣି ପୂର୍ବଦିନ ମେ ୨୨ରେ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯିବାରୁ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୬ ତାରିଖକୁ ଘୁଞ୍ଚିଛି।


ତାମ୍ପରା ହ୍ରଦରେ ହୋଇଥିବା ନିର୍ମାଣ କାର୍ଯ୍ୟ।

ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ରିସୋର୍ଟ ନିର୍ମାଣ ହେଉଥିବା ନେଇ ଏନ୍‌ଜିଟି ନିକଟରେ କଟକସ୍ଥିତ ୱାଇଲ୍ଡ ଲାଇଫ ସୋସାଇଟି ୩।୮।୨୦୨୩ରେ ଏକ ପିଟିଶନ ଦାଖଲ କରିଥିଲା। ଉକ୍ତ ମାସ ୮ରେ ଏନ୍‌ଜିଟିରେ ପରିବେଶ (ରକ୍ଷା) ଆକ୍ଟ ୧୯୮୬ ଅନୁଯାୟୀ ୮୮/୨୩ରେ ଏକ ମାମଲା ପଞ୍ଜୀକୃତ ହୋଇଥିଲା। ଅଗଷ୍ଟ ୧୧ରେ ଏହି ପିଟିଶନର ଶୁଣାଣି କରି ଏନ୍‌ଜିଟି ପକ୍ଷରୁ ନୋଟିସ ଜାରି କରିବା ସହ ଆସନ୍ତା ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ସରକାରଙ୍କୁ ନିର୍ଦ୍ଦେଶ ହୋଇଥିଲା। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଓ ବ୍ରହ୍ମପୁର ଡିଏଫ୍‌ଓଙ୍କ ସମେତ ୧୩ ଜଣଙ୍କୁ ଏହି ମାମଲାରେ ଏନ୍‌ଜିଟି ପକ୍ଷରୁ ପକ୍ଷଭୁକ୍ତ କରାଯାଇଛି। ଏହି ନୋଟିସ ପରେ ୧୨।୮।୨୦୨୩ରୁ ତାମ୍ପରା ହ୍ରଦରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଥିଲା। ୫।୯।୨୦୨୩ରେ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ୨୨ ତାରିଖରେ ଉକ୍ତ ସ୍ଥାନ ପରିଦର୍ଶନ କରିଥିବା ଗଞ୍ଜାମ ଜିଲାପାଳ ମେ ୨୫ରେ ଏନ୍‌ଜିଟିଠାରେ ଏକ ସତ୍ୟପାଠ ଦାଖଲ କରିଥିଲେ। ତାମ୍ପରା ହ୍ରଦରେ ନିର୍ମାଣ ହୋଇଥିବା କାର୍ଯ୍ୟକୁ ଭାଙ୍ଗିବାକୁ କ'ଣ ପଦକ୍ଷେପ ନିଆଯାଇଛି, ସେନେଇ ୪ ସପ୍ତାହ ମଧ୍ୟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ସତ୍ୟପାଠ ଦାଖଲ ପାଇଁ ଜିଲାପାଳଙ୍କୁ ୧୬।୭।୨୦୨୪ରେ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ତାମ୍ପରା ହ୍ରଦକୁ ୧୨।୯।୨୦୨୧ରେ ରାମସାର ସାଇଟ୍‌ର ମାନ୍ୟତା ମିଳିଥିଲା।

## ପ୍ରଥମ ପୃଷ୍ଠାରୁ

### ଡାଇରିଆ ସହ...

ନୁହେଁ ବୋଲି ଆଶ୍ୱାସନା ଦିଆଯାଇଛି। ଅନ୍ୟପକ୍ଷେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କମିଶନର ଆଶ୍ୱସ୍ତି ଏସ୍. ଏବଂ ସ୍ୱତନ୍ତ୍ର ସଚିବ ବିଜୟ କୁମାର ମହାପାତ୍ର ପୁଣି ଯାଜପୁର ଜିଲା ଗସ୍ତରେ ଆସି ସମୀକ୍ଷା କରିଛନ୍ତି।

ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଯାଜପୁର ଜିଲାରେ ୨୫୬ ରୋଗୀ ଚିକିତ୍ସାଧୀନ ଅଛନ୍ତି। ରବିବାର ୧୧ଟାରୁ ସୋମବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪୬୫ ଜଣ ଜିଲାର ୧୩ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଥିରେ ରହିଛନ୍ତି ୨୨୧ ଜଣ ନୂଆ ରୋଗୀ। ୧୮ ଜଣଙ୍କୁ ଅନ୍ୟ ଡାକ୍ତରଖାନାକୁ ରେଫର କରାଯାଇଥିବାବେଳେ ୧୮୫ ଜଣ ଡିସ୍‌ଚାର୍ଜ ହୋଇଛନ୍ତି। ଏଥିରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସର୍ବାଧିକ ୮୭ ଜଣ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ୪୩, ବଡଚଣାରେ ସିଏଚ୍‌ସିରେ ୧୫, ବରୀ ସିଏଚ୍‌ସିରେ ୪, ବିଞ୍ଝାରପୁରରେ ୩, ଦାନଗଦି ସିଏଚ୍‌ସିରେ ୩୦, କୋରେଇ ସିଏଚ୍‌ସିରେ ୨୮, ଯାଜପୁର ରୋଡ୍ ସିଏଚ୍‌ସିରେ ୧୮, ରସୁଲପୁର ସିଏଚ୍‌ସିରେ ୨, ଦଶରଥପୁର ସିଏଚ୍‌ସିରେ ଜଣେ, ମଙ୍ଗଳପୁର ସିଏଚ୍‌ସିରେ ୧୨, ସୁକିନ୍ଦା ସିଏଚ୍‌ସିରେ ୧୩ ଡାଇରିଆ ରୋଗୀ ଚିକିତ୍ସାଧୀନ ରହିଛନ୍ତି। ରୋଗ ସଂକ୍ରମଣକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାସନଗରରେ ସମସ୍ତ ଫାଷ୍ଟଫୁଡ ଦୋକାନ, ଚାଟ୍, ଗୁପଚୁପ ଇତ୍ୟାଦି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ହୋଟେଲଗୁଡିକୁ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଧର୍ମଶାଳା ତହସିଲ ଅଞ୍ଚଳରେ ସମସ୍ତ ହୋଟେଲ, ଢାବା, ତେଲଭାଜି ଦୋକାନ, ମିଠା ଦୋକାନ, ଫାଷ୍ଟଫୁଡ୍/ଚାଟ୍/ଗୁପଚୁପ୍ ଦୋକାନ, ଆଇସକ୍ରିମ କାରଖାନା, ପାଣି ପାଉଚ୍ କାରଖାନା, ମାଛ, ଚିକେନ, ମଟନ ଦୋକାନଗୁଡ଼ିକୁ ଆସନ୍ତା ୨ ସପ୍ତାହ ପାଇଁ ବନ୍ଦ କରିବାକୁ ତହସିଲଦାର ସମୀର ରଞ୍ଜନ ଦାସ ନିର୍ଦ୍ଦେଶ ଜାରି କରିଛନ୍ତି। ଏହିସବୁ ଡାକାବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ମଧ୍ୟ ଫାଷ୍ଟଫୁଡ୍, ହୋଟେଲ ଇତ୍ୟାଦି ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏହିସବୁ କଟକଣାକୁ ଯିଏ ନ ମାନିବ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରବିବାର ବରୀ ବ୍ଲକ ଅଞ୍ଚଳରେ ଅନୁରୂପ କଟକଣା ଜାରି ହୋଇଛି।

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଡାଇରିଆ ଏବଂ ହଇଜା ବିରୋଧରେ ପ୍ରତିରୋଧୀ ପଦକ୍ଷେପ ନେବାକୁ ଅନୁରୋଧ କରାଯାଉଛି। ଫୁଟା ପାଣି ପିଅନ୍ତୁ, ଖାଇବା ପୂର୍ବରୁ, ଖାଦ୍ୟ ପ୍ରସ୍ତୁତ କରିବା ପୂର୍ବରୁ ଏବଂ ଶୌଚାଳୟ ବ୍ୟବହାର କରିବା ପରେ ହାତକୁ ଭଲ ଭାବରେ ଧୋଇବାକୁ ପରାମର୍ଶ ଦିଆଯାଇଛି। ଏହାବାଦ ଡାଇରିଆ ଏବଂ ହଇଜା ସଂକ୍ରମଣ ରୋକିବା ପାଇଁ ସର୍ବଦା ଶୌଚାଳୟ ବ୍ୟବହାର କରି ସଠିକ ଭାବରେ ହାତ ଧୋଇ ଏବଂ ରନ୍ଧାଖାଦ୍ୟ ଖାଆନ୍ତୁ ବୋଲି ବିଜ୍ଞପ୍ତି ଜାରି କରାଯାଇଛି।

### ସେଲ୍‌ଫି ନେଲାବେଳେ...

ନ ଥିଲେ। ସନ୍ଧ୍ୟା ହୋଇ ଆସୁଥିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ଥିଲା। ସୋମବାର ସକାଳେ ଜୟପୁର ଓଡ୍ରାଫ୍ ଟିମ୍ ଖୋଜାଖୋଜି କରିବା ପରେ ଆଲୋକଙ୍କ ମୃତଦେହ ବାହାର କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି। କୋରାପୁଟ ଜିଲାର ଏକ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ପାଇଥିବା ଏହି ଜଳପ୍ରପାତର ପ୍ରଖର ଜଳସ୍ରୋତକୁ ନ ଯିବା ପାଇଁ କୌଣସି ବାରିକେଡ ନିର୍ମାଣ ହୋଇ ନ ଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି। ଓଡ୍ରାଫ ଟିମ୍ ଓ କୋଟପାଡ଼ ପୋଲିସ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

### ୨ ପର୍ଯ୍ୟାୟରେ ହେବ...

ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହି ବୈଠକରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ଭାରତର ଜନଗଣନା କମିଶନର ଓ ରେଜିଷ୍ଟ୍ରାର ଜେନେରାଲ ମୃତ୍ୟୁଞ୍ଜୟ କୁମାର ନାରାୟଣ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହା ଦେଶର ୧୬ତମ ଜନଗଣନା ହୋଇଥିବାବେଳେ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା। ସମ୍ବିଧାନର ଅନୁଚ୍ଛେଦ ୨୪୬ ଅନୁଯାୟୀ, ସପ୍ତମ ପରିଚ୍ଛେଦର କେନ୍ଦ୍ର ତାଲିକାର ୬୯ ସ୍ଥାନରେ ଜନଗଣନା ତାଲିକାଭୁକ୍ତ ହୋଇଛି।

୨୦୨୭ ଜନଗଣନା ଘୋଷଣା ହୋଇଥିବାରୁ ମହିଳା ସ୍ଥାନ ସଂରକ୍ଷଣ ବିଲ୍ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟକାରୀ ହେବା ଲାଗି ବାଟ ଖୋଲିଯାଇଛି। ୧୯୭୧ରୁ ବିଭିନ୍ନ ସମ୍ବିଧାନିକ ସଂଶୋଧନ ଜରିଆରେ ଏହି କାର୍ଯ୍ୟ ଅଟକି ରହିଥିଲା। ମହିଳା ସ୍ଥାନ ସଂରକ୍ଷଣ ବିଲ୍‌ରେ ମହିଳାମାନଙ୍କ ପାଇଁ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ଏକ-ତୃତୀୟାଂଶ ଆସନ ସଂରକ୍ଷିତ ରହିବ। ଜନଗଣନା ପରେ ଏହା କାର୍ଯ୍ୟକାରୀ ହୋଇପାରେ ଏବଂ ଏହା ପରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ହେବ।

### ପ୍ରସାଧନ ସାମ୍ରାଜ୍ୟର...

ଥିଲେ। ମେଡିକାଲ ପ୍ରତିଷ୍ଠାନ, ବ୍ରେଷ୍ଟ କ୍ୟାନ୍‌ସର ଏବଂ ଅଲଜେଇମର ଗବେଷଣା କ୍ଷେତ୍ରକୁ ତାଙ୍କର ବିଶେଷ ଅବଦାନ ଥିଲା।

୧୯୩୩ରେ ନ୍ୟୁୟର୍କର ଏକ ଇହୁଦୀ ପରିବାରରେ ଜନ୍ମିତ ଲିଓନାର୍ଡ ଛୋଟବେଳେ ତାଙ୍କ ମାଆଙ୍କ ସହ ମିଶି ବିଭିନ୍ନ ପ୍ରସାଧନ ସାମଗ୍ରୀ ବିକ୍ରି କରୁଥିଲେ। ସେ କଲମ୍ବିଆ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ବିଜ୍‌ନେସ୍‌ରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୩ ବର୍ଷ ପାଇଁ ଆମେରିକା ନୌସେନାରେ ଜଣେ ଲ୍ୟୁଟ୍‌ନାଣ୍ଟ ଭାବେ ସାମିଲ ହୋଇଥିଲେ। ସେ ଆନୁଷ୍ଠାନିକ ଭାବେ ଏଷ୍ଟି ଲାଉଡର କମ୍ପାନୀରେ ୧୯୫୮ରେ ସାମିଲ ହୋଇଥିଲେ। ସେତେବେଳେ ଉକ୍ତ କମ୍ପାନୀରେ ଅଳ୍ପ କେତେଜଣ କର୍ମଚାରୀ ରହିଥିବାବେଳେ ବିକ୍ରି ୧ ନିୟୁତ ଡଲାରରୁ କମ୍ ଥିଲା। ଲିଓନାର୍ଡଙ୍କ ପ୍ରଚେଷ୍ଟା ଓ ଅକ୍ଳାନ୍ତ ପରିଶ୍ରମ ବଳରେ ଏଷ୍ଟି ଲାଉଡର କମ୍ପାନୀ ଏକ ବିଶ୍ୱ ସାମ୍ରାଜ୍ୟରେ ପରିଣତ ହେବା ସହ କ୍ଲିନିକ୍, ଲା ମେର୍, ଦି, ଅର୍ଡିନାରୀ, ଏମ୍‌ଏସି କସ୍ମେଟିକ୍ସ ଏବଂ ବବିବ୍ରାଉନ୍ କସ୍ମେଟିକ୍ସ ଆଦି କମ୍ପାନୀକୁ ଅଧିଗ୍ରହଣ କରିଥିଲା। ଲିଓନାର୍ଡ ଉକ୍ତ କମ୍ପାନୀରେ ୧୯୭୨ରୁ ୨୩ ବର୍ଷ ଧରି ଅଧ୍ୟକ୍ଷ ରହିଥିବାବେଳେ ୧୯୮୨ରୁ ୧୯୯୯ ପର୍ଯ୍ୟନ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଲେ। ସେ ୧୯୯୫ରୁ ୨୦୦୯ ପର୍ଯ୍ୟନ୍ତ ଏହାର ଚେୟାରମ୍ୟାନ୍ ରହିଥିଲେ। ୧୯୯୫ରେ ସେ କମ୍ପାନୀକୁ ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ କାରବାରରେ ସାମିଲ ହେବା ସହ ସାର୍ବଜନୀନ ହୋଇଥିଲା। ଏବେ ଏହାର ବଜାର ପୁଞ୍ଜି ୧୨୪.୫ ବିଲିୟନ ଡଲାର। ବ୍ଲୁମ୍‌ବର୍ଗର ବିଲିଅନେୟାର ସୂଚକାଙ୍କରେ ଲିଓନାର୍ଡଙ୍କ ବ୍ୟକ୍ତିଗତ ସମ୍ପତ୍ତି ପରିମାଣ ୧୫.୬ ବିଲିୟନ ଡଲାର।

### ଯୁବ ଶକ୍ତି ରାଜ୍ୟ...

ପାଇଁ ଉତ୍ସର୍ଗୀକୃତ। ତେଣୁ ନିଜକୁ ଜନସାଧାରଣଙ୍କ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ ସମସ୍ତେ କାମ କରିବା ଦରକାର। ଗତ କିଛିବର୍ଷ ଧରି ସରକାରୀ କ୍ଷେତ୍ରରେ ନିଯୁକ୍ତି ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିଲା। ଭାଜପା ସରକାର ଆସିବା ପରେ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଯୁବ ଶକ୍ତିଙ୍କ ନିୟୋଜନକୁ ଗୁରୁତ୍ୱଦେଇ ଅପାର ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। ଆମ ସରକାର ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛି। ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ। ବର୍ତ୍ତମାନ ସୁଦ୍ଧା ୨୮,୩୪୬ ସରକାରୀ ନିଯୁକ୍ତି ଦିଆଗଲାଣି। ୨୦୨୬ ଜୁନ୍ ସୁଦ୍ଧା ୬୫ ହଜାର ଧାର୍ଯ୍ୟଲକ୍ଷ୍ୟ ଅତିକ୍ରମ ହୋଇସାରିଥିବ। କେବଳ ସରକାରୀ ସ୍ତରରେ ନୁହେଁ, ବେସରକାରୀ ସ୍ତରରେ ପ୍ରଥମ ବର୍ଷରେ ଆମେ ୪୫ ହଜାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେଇଛୁ। ବର୍ଷକ ମଧ୍ୟରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଉତ୍କର୍ଷ ଓଡ଼ିଶା ୨୦୨୫ ରାଜ୍ୟରେ ୧୬ଟି କ୍ଷେତ୍ରରେ ୧୭ ଲକ୍ଷର ପୁଞ୍ଜିନିବେଶ ସହ ୧୨.୯୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହି ଉତ୍କର୍ଷ ଓଡ଼ିଶା ଆୟୋଜନର ୫ ମାସ ମଧ୍ୟରେ ୫୬ଟି ଶିଳ୍ପାନୁଷ୍ଠାନର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର କରାଯାଇଛି। ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ନିଶ୍ଚିତ ହୋଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ରବି ନାଏକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ଫ୍ୟାଶନ

# ମନ୍‌ସୁନ୍‌ରେ କପଡ଼ା ଚୟନ



ଯେତେଯେତେ ବର୍ଷା ଆରମ୍ଭ ହୋଇଯାଏ, ତ୍ୱଚା ଏବଂ କେଶର ଯତ୍ନନେବା ସହ କପଡ଼ାର ଉପରେ ମଧ୍ୟ ଧ୍ୟାନଦେବା ଆବଶ୍ୟକ। ବର୍ଷାଦିନରେ ଡ୍ରେସ୍ ଓଦା ହୋଇଗଲେ ତାହା ସହଜରେ ଶୁଖି ନ ଥାଏ। ଏହିଦିନରେ ଠିକ୍ କପଡ଼ା ଚୟନ ବହୁତ ଜରୁରୀ। ଏହି ସମୟରେ ଜଲ୍‌ଦି ଶୁଖିଯାଉଥିବା କପଡ଼ା ପିନ୍ଧିବା ଆବଶ୍ୟକ। ଆସନ୍ତୁ, ଜାଣିବା ଜଲ୍‌ଦି ଶୁଖିଯାଉଥିବା କପଡ଼ା ସମ୍ପର୍କରେ....

**ମଲମଲ କପଡ଼ା:** ମଲମଲ ଏପରି ଏକ କପଡ଼ା ଯାହା ବହୁ ଆରାମଦାୟକ ଅନୁଭବ ହୋଇଥାଏ। ଏହା ଗରମ କମ୍ କରିଥାଏ, ଅନ୍ୟ ପ୍ରାକୃତିକ କପଡ଼ା ତୁଳନାରେ ଜଲ୍‌ଦି ଶୁଖିଯାଇଥାଏ। ବର୍ଷାଦିନରେ ଏହାକୁ ପିନ୍ଧିଲେ ଭଲ।

**ଜର୍ଜେଟ ଏବଂ କ୍ରେପ୍:** ଜର୍ଜେଟ ଏବଂ କ୍ରେପ୍ କପଡ଼ା ହାଲୁକା, ପାରଦର୍ଶୀ, ଦେଖିବାକୁ ବହୁ ସୁନ୍ଦର ହୋଇଥାଏ। ଏହା ମନ୍‌ସୁନ୍ ପାଇଁ ଏକଦମ୍ ପରଫେକ୍ଟ। କାହିଁକି ନା ଏହା ପାଣିକୁ ଏତେ ଶୋକ୍ କରି ନ ଥାଏ।

**ରେୟନ୍ :** ରୟାନ କପଡ଼ା ମନ୍‌ସୁନ୍ ପାଇଁ ଭଲ ବିକଳ୍ପ। କାରଣ ଏହା ହାଲୁକା, ଜଲ୍‌ଦି ଶୁଖିଯାଇଥାଏ। ଏହା ଓଦାଳିଆ ଦୂରକରିବାରେ ସାହାଯ୍ୟ କରିଥାଏ। ଏହି କପଡ଼ାରେ ପ୍ରସ୍ତୁତ ଡ୍ରେସ୍, ଶର୍ଟ, ଏଥନିକ୍ ୱେର ବହୁତ ଭଲ ମାନିଥାଏ।

**ପଲିଷ୍ଟର:** କେତେଜଣଙ୍କର ଧାରଣା ରହିଥାଏ ଯେ ପଲିଷ୍ଟର କପଡ଼ା ଜଲ୍‌ଦି ଖରାପ ହୋଇଥାଏ। କିନ୍ତୁ ନୂଆ ବୁଣା ହୋଇଥିବା ପଲିଷ୍ଟର କପଡ଼ା ଓଦାଳିଆ ପଣକୁ କମ୍ କରିଥାଏ। ଖରାଦିନ ଲାଗି ଏହା ଜମା ବି ଠିକ୍ ନୁହେଁ, କିନ୍ତୁ ବର୍ଷାଦିନ ପାଇଁ ବହୁତ ଭଲ।

# ଥର୍ମସ କିପରି ସଫା କରିବେ





ଖରା ହେଉ କି ଶୀତ ଦିନ ସବୁବେଳେ ଏହି ଥର୍ମସର ଆବଶ୍ୟକତା ହୋଇଥାଏ। ଏହା ଚା' କଫି ରଖିବା କିମ୍ବା ଉଷୁମ ପାଣି ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ସଫା କରିବାକୁ ହେଲେ ପ୍ରଥମେ ଗରମ ପାଣି ନିଅନ୍ତୁ। ଏହାକୁ ଥର୍ମସରେ ଭରି ତାକୁ ଭଲଭାବେ ହଲାଇ କିଛି ସମୟ ଛାଡ଼ିଦିଅନ୍ତୁ।

-ଯଦି ଥର୍ମସ ଅଧିକ ଅପରିଷ୍କାର ହୋଇଛି ତେବେ ଏହାକୁ ବ୍ରଶ୍ ସାହାଯ୍ୟରେ ସଫା କରିପାରିବେ।

-ଗରମପାଣିରେ ଅଳ୍ପ ଲେମ୍ବୁରସ ମଧ୍ୟ ଥର୍ମସରେ ପକାଇ କିଛି ସମୟ ଲାଗି ଏହାକୁ ଛାଡ଼ି ଦିଅନ୍ତୁ। ପରେ ଥର୍ମସକୁ ଭଲଭାବେ ବନ୍ଦକରି ତାକୁ ହଲାଇ ରଖିଦିଅନ୍ତୁ। ପରେ ଏହାକୁ ପାଣିରେ ଭଲଭାବେ ଧୋଇଦିଅନ୍ତୁ।

-ଏହାକୁ ଧୋଇସାରିବା ପରେ କିଛି ସମୟ ଖୋଲା ଛାଡ଼ି ଦିଅନ୍ତୁ। ଫଳରେ ଥର୍ମସ ଭିତର ପାଖ ଭଲଭାବେ ଶୁଖିଯିବ।

# ସମ୍ପର୍କ ହେବ ମଧୁର





"ଘରସଂସାର କରିବା ପରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ରହିବା ଦରକାର। ଉଭୟେ ପରସ୍ପରକୁ ସହଯୋଗ କରିବା ସହ ପ୍ରତିଟି କଥାକୁ ଦୁହେଁ ମିଶି ସୁଚାରୁ ରୂପେ ତୁଲାଇପାରିଲେ ବୈବାହିକ ଜୀବନ ଆନନ୍ଦମୟ ହୋଇଉଠିଥାଏ। ତେବେ ଏହାକୁ ସବୁବେଳେ ମଧୁର କରିବାକୁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼େ।"

ବୈବାହିକ ଜୀବନକୁ ସୁଖମୟ ରଖିବାକୁ ହେଲେ ସ୍ୱମୀସ୍ତ୍ରୀଙ୍କ ମଧ୍ୟର ଉତ୍ତମ ବୁଝାମଣା ଏବଂ ସହଯୋଗର ଆବଶ୍ୟକତା ରହିଛି। ଜଣେ ଆଉ ଜଣଙ୍କ କଥା ବୁଝିବା ବ୍ୟତୀତ ଆଉ ବି କିଛି କଥା ମଧ୍ୟ ରହିଛି ଯାହା ବୈବାହିକ ଜୀବନକୁ ଆହୁରି ଆନନ୍ଦରେ ଭରି ଦେଇଥାଏ। ତେବେ ସେହି କଥାଗୁଡ଼ିକ କ'ଣ ସେ ସମ୍ପର୍କରେ ସୂଚନା...

-ପୁରୁଷମାନେ ସାଧାରଣତଃ ତାକୁ ଭଲପାଆନ୍ତି ଯିଏ ତାଙ୍କର ସବୁ କଥା ବୁଝିଥାଏ, ତାଙ୍କ କଥାକୁ ଗୁରୁତ୍ୱ ଦେଇଥାଏ। ଧ୍ୟାନରଖନ୍ତୁ, ଯେତେ ସମଝ୍‌ଦାରି ଦେଖାଇବେ ସେତିକି ଭଲପାଇବା ପାଇବେ।

-କେବେ କେବେ ଦୁଇଜଣ ପାର୍ଟନର ଜଣେ ଅନ୍ୟ ଜଣକ ଆବଶ୍ୟକତାକୁ ଲକ୍ଷ୍ୟକରି ଜଣେ ଅନ୍ୟ ଜଣଙ୍କର ଅଭ୍ୟାସ ବଦଳାଇଥାନ୍ତି। ଏହାଦ୍ୱାରା ପାର୍ଟନର ମଧ୍ୟରେ ଅସନ୍ତୁଷ୍ଟି ଦେଖିବାକୁ ମିଳିଥାଏ। ଏହି ପରିସ୍ଥିତିରେ ରକ୍ଷା ପାଇବାକୁ ହେଲେ ଜଣେ ଅନ୍ୟ ଜଣଙ୍କ ଲାଗି ବଦଳିବା ବଦଳରେ ଯିଏ ଯେପରି ସେହି ଅନୁଯାୟୀ ତାଙ୍କୁ ଆପଣାନ୍ତୁ।

-ସବୁବେଳେ ଗୋଟେ କଥା ଧ୍ୟାନରେ ରଖନ୍ତୁ, ସବୁକିଛି ଆମ ହିସାବରେ ଚାଲି ନ ଥାଏ। ଏଥିପାଇଁ ଉଦାସ ନ ହୋଇ କିଛି କଥା ପାର୍ଟନରଙ୍କୁ ନିଜ ହିସାବରେ କରିବାକୁ ଦିଅନ୍ତୁ।

-ସବୁବେଳେ ମୁହଁରେ ହସ, ଫ୍ରେଶ୍ ରୁହନ୍ତୁ। ଖାସ୍‌କରି ସ୍ୱାମୀଙ୍କ ସାମ୍ନାରେ ଏହାଦ୍ୱାରା ଦୁଇଜଣଙ୍କ ମଧ୍ୟ ଭଲପାଇବା ବଢ଼ିବ।

-ପ୍ରତିଟି କଥାକୁ ୨ ଜଣ ପରସ୍ପର ମଧ୍ୟରେ ଆଲୋଚନା କଲେ ଭଲ। ଦୁହେଁ ଦୁହିଁଙ୍କୁ କଦାପି ସନ୍ଦେହ ନଜରରେ ଦେଖନ୍ତୁ ନାହିଁ। ଏହାଦ୍ୱାରା ପରସ୍ପର ଭିତରେ ତିକ୍ତତା ବୃଦ୍ଧି ପାଇଥାଏ।

-ଦାମ୍ପତ୍ୟ ଜୀବନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଦୁଇଜଣଙ୍କ ମଧ୍ୟରେ ଉତ୍ତମ ସହଯୋଗ। କପଲ୍‌କୁ ନିଜ ମଧ୍ୟରେ ଅଫିସ୍‌ଠାରୁ ଆରମ୍ଭକରି ଘର କଥା ପର୍ଯ୍ୟନ୍ତ ସବୁ କିଛି ଶେୟାର କରିବା ଆବଶ୍ୟକ।

-ଜଣେ ପାର୍ଟନର ଅନ୍ୟଜଣେ ପାର୍ଟନରଙ୍କ ହବିରେ ରୁଚି ରଖନ୍ତୁ। କେବେ କେବେ ତାଙ୍କୁ ଖୁସିକରିବା ପାଇଁ, ତାଙ୍କ ଯୋଗ କ୍ଲାସ୍, ଫଟୋଗ୍ରାଫ୍ କ୍ଲାସ୍ କିମ୍ବା ତାଙ୍କ ସହ ଜିମ୍ ଜଏନ୍ କରନ୍ତୁ। ଯଦି ସେ ୱାକ୍‌ରେ ଯାଉଥାନ୍ତି ତେବେ ଆପଣ ମଧ୍ୟ ତାଙ୍କ ସହ ଯାଆନ୍ତୁ। ସାଙ୍ଗହୋଇ ସବୁ ଆକ୍ଟିଭିଟି କରିବା ଦ୍ୱାରା ପରସ୍ପର ପ୍ରତି ଭଲପାଇବା ବଢ଼ିଥାଏ କଥାବାର୍ତ୍ତା ଦ୍ୱାରା ସମସ୍ୟାର ବାଟ ମଧ୍ୟ ମିଳିଯାଏ।

-ବେଳେବେଳେ ପାର୍ଟନର ଜଣେ ଆଉ ଜଣଙ୍କ ଓଜନ ବୃଦ୍ଧି ବା ଓବେସିଟିକୁ ନେଇ ଉପହାସ କରିଥାନ୍ତି। ଏପରି କରିବା ଠିକ୍ ନୁହେଁ। ଯଦିଓ ପାର୍ଟନରଙ୍କ ଓଜନ ବଢ଼ିଯାଇଛି ଏପରି କହିବା ଠିକ୍ ନୁହେଁ। ଆପଣ ବଢୁଥିବା ଓଜନରେ ବି କେତେ ସ୍ମାର୍ଟ ଦେଖାଯାଉଛନ୍ତି ତାଙ୍କୁ ସେ ବିଷୟରେ କୁହନ୍ତୁ। ଏହାଦ୍ୱାରା ତାଙ୍କର ଆତ୍ମବିଶ୍ୱାସ ବଢ଼ିବ। ସେ ନିଜର ଓଜନ କିପରି ନିୟନ୍ତ୍ରଣରେ ରଖିବେ ସେ ନେଇ ସହଯୋଗର ହାତ ବଢ଼ାନ୍ତୁ।

-ଜରୁରୀ ନୁହେଁ କି କେବଳ ବାର୍ଥଡେ କିମ୍ବା ଆନିଭର୍ସାରି ତାଙ୍କୁ ଗିଫ୍ଟ ଦେବେ। ଯେତେବେଳେ ବି ପାର୍ଟନରଙ୍କୁ କୌଣସି ଜିନିଷ ପାଇଁ ଥାଙ୍କ୍ସ କହିବାକୁ ଚାହୁଁଛନ୍ତି ସେତେବେଳେ ତାଙ୍କୁ ନିହାତି ଏକ ଗିଫ୍ଟ ଦେବା ସହ କମ୍ପ୍ଲିମେଣ୍ଟ ନିହାତି ଦିଅନ୍ତୁ।

-ପତିପତ୍ନୀ ନିଜ ଶାଶୁମା'ଙ୍କ ଜନ୍ମଦିନ କିମ୍ବା ଆନିଭର୍ସାରି ଡେଟ୍‌ର ମନେପକାନ୍ତୁ। ଉପହାର କିଣିବା ସମୟରେ ତାଙ୍କୁ ସାହାଯ୍ୟ କରନ୍ତୁ। ଏହାଦ୍ୱାରା ତାଙ୍କୁ ଲାଗିବ ଯେ କେବଳ ତାଙ୍କୁ ଧ୍ୟାନଦେବା ସହ ତାଙ୍କ ପରିବାରକୁ ମଧ୍ୟ ଭଲପାଉଛନ୍ତି।

-ବେଳେବେଳେ ମହତ୍ତ୍ୱପୂର୍ଣ୍ଣ କଥାକୁ ନେଇ ଛୋଟ ଛୋଟ କଥା କରିବାକୁ ଭୁଲିଯାନ୍ତି। କଥା ସେ ବଡ଼ ହେଉ କି ଛୋଟ ନିଜ ଭୁଲ୍ ସ୍ୱୀକାର କରିବାରେ କୁଣ୍ଠାବୋଧ କରନ୍ତୁ ନାହିଁ। ଯଦି କେବେ କିଛି ଭୁଲ୍ କରିଛନ୍ତି ସରି କହି ଦିଅନ୍ତୁ। ଏହାଦ୍ୱାରା ରାଗ ଥିଲେ ମନ ନିହାତି ରୂପେ ତରଳିବ।

-ଦେଖାଯାଏ ଜଣେ ଆଉ ଜଣଙ୍କ ସମ୍ପର୍କରେ ଗପର ପେଡ଼ି ଖୋଲିଦିଅନ୍ତି। କାହାର ଭଲ ଦେଖି ହୁଏନି। କାହାର ଭଲ ଦେଖିଲେ ଦେହ ସହି ହୁଏନି।

-ପରସ୍ପର ଦୁଇଜଣଙ୍କୁ କାମରେ ସାହାଯ୍ୟ କରନ୍ତୁ। ପତି କେବେ କେବେ ପତ୍ନୀ ପାଇଁ ଭଲ ରୋଷେଇ କରନ୍ତୁ କିମ୍ବା ଚା' ପ୍ରସ୍ତୁତ କରି ପିଇବାକୁ ଦିଅନ୍ତୁ। ଏପରି ସ୍ତ୍ରୀ ମଧ୍ୟ ବ୍ୟାଙ୍କ କାମ ହେଉକି ଅନ୍ୟ କାମ ଯାହା ସ୍ୱାମୀଙ୍କ କାମ ତାକୁ ଆପଣ କରି ଦିଅନ୍ତୁ। ଏହାଦ୍ୱାରା ୨ଜଣଙ୍କ ମଧ୍ୟରେ ବୁଝାମଣା ଆହୁରି ଦୃଢ଼ ହେବ।





-କେବେ କେବେ ମହିଳାମାନେ ନିଜ ବଜେଟ ନ ଦେଖି ନିଜ ଇଚ୍ଛା ଅନୁଯାୟୀ ଶପିଂ କରିଥାନ୍ତି। ସ୍ୱାମୀ ଯଦିଓ କିଛି କହି ନ ଥାନ୍ତି, କିନ୍ତୁ ତାଙ୍କୁ ନିହାତି ରୂପେ ଖରାପ ଲାଗିଥାଏ।

-ଯଦି ଆପଣଙ୍କ ପାର୍ଟନର ବହୁଦିନରୁ ଗୋଟିଏ ଜିନିଷ କିଣିବେ ବୋଲି ତାଙ୍କର ଇଚ୍ଛା ଥିଲା କିନ୍ତୁ କୌଣସି କାରଣବଶତଃ ସେ କିଣିପାରୁ ନ ଥିଲେ ତେବେ ସେ ଚାହୁଁଥିବା ଜିନିଷ ତାକୁ କିଣି ସରପ୍ରାଇଜ୍ ଦିଅନ୍ତୁ।

-ସବୁବେଳେ ଘରର ଜିନିଷକୁ ସଫାସୁତୁରା ରଖିବା ସହ ବ୍ୟବସ୍ଥିତ ରଖନ୍ତୁ। ଏହାଦ୍ୱାରା ସ୍ୱାମୀ ଘର ଦେଖି ଖୁସି ହେବେ। ଯଦି ଘର ଅପରିଷ୍କାର ହୋଇ ପଡ଼ି ରୁହେ ତେବେ ମନରେ ଚିଡ଼ିଚିଡ଼ାପଣ ଦେଖାଯାଏ।

-କେବେକେବେ ରାଗିକି ବହୁ କିଛି କଥା କହିଦେଇଥାନ୍ତି। ଯାହା ପରସ୍ପର ମଧ୍ୟରେ ସମ୍ପର୍କରେ ତିକ୍ତତା ଆଣିଥାଏ।

-ଦେଖାଯାଏ ମହିଳାମାନେ ସ୍ୱାମୀଙ୍କ ସାମ୍ନାରେ ନିଜର ଶାଶୁଘର ଲୋକଙ୍କ ବିଷୟରେ କେତେ କଥା କହିଥାନ୍ତି। ଏମିତି ଜମା ବି କରନ୍ତୁ ନାହିଁ। ସ୍ୱାମୀ ବି ସ୍ତ୍ରୀଙ୍କ ପରିବାର ଲୋକଙ୍କ ବିଷୟରେ ଇଆଡୁ ସିଆଡୁ କିଛି କଥା ହୁଅନ୍ତୁ ନାହିଁ। ଏହାଦ୍ୱାରା ସମ୍ପର୍କରେ ଫାଟ ଦେଖାଯିବାର ସମ୍ଭାବନା ରହିଛି।

-ବେଳେବେଳେ ଦେଖାଯାଏ ସ୍ୱାମୀ ସ୍ତ୍ରୀଙ୍କ ଝଗଡ଼ା ମଝିରେ ତୃତୀୟ ଲୋକ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରିଥାନ୍ତି। ଏଥିପାଇଁ ଆପଣ ନିଜ ସମସ୍ୟାକୁ ତୃତୀୟ ଲୋକ ସାମ୍ନାରେ ସମାଧାନ ନ କରି ଏହାର ସମାଧାନ ନିଜ ଭିତରେ କରନ୍ତୁ।

-ସରି ପରି ଥ୍ୟାଙ୍କ୍ୟୁ କହିବାକୁ କେବେ ପଛାନ୍ତୁ ନାହିଁ। ଏହାଦ୍ୱାରା ଦୁଇଜଣଙ୍କ ମଧ୍ୟରେ ଭଲପାଇବା ବଢ଼ିବ।





ସୌନ୍ଦର୍ଯ୍ୟ

# କଫିରେ ସ୍କିନ୍ କେୟାର

କଫିକୁ ପାନୀୟ ରୂପେ ବ୍ୟବହାର କରିବା ବ୍ୟତୀତ ଏହାର ଅନ୍ୟ କେତେକ ଗୁଣ ରହିଛି ଯାହା ତ୍ୱଚା ଲାଗି ଉପକାରୀ ମଧ୍ୟ ହୋଇଥାଏ। କଫିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ପଲି ଫେନୋଲ୍ସ ରହିଛି, ଯାହା ତ୍ୱଚାକୁ ଫ୍ରି ରେଡିକ୍ଲସ୍‌ରୁ ରକ୍ଷା କରିଥାଏ। ଏହା ତ୍ୱଚାରୁ ମୃତ କୋଶିକା ବାହାର କରିବା ସହ ରକ୍ତ ପ୍ରବାହରେ ମଧ୍ୟ ସାହାଯ୍ୟ କରିଥାଏ। ଫଳରେ ତ୍ୱଚା ଅଧିକ ଚମକଦାର ହୋଇଥାଏ। ଏଥିରେ ଥିବା କଫିନ୍ ତ୍ୱଚାରେ ହେଉଥିବା ଯନ୍ତ୍ରଣାକୁ କିଛି ପରିମାଣରେ କମାଇଥାଏ...

**କଫି ସ୍କ୍ରବ୍:** କଫି ସ୍କ୍ରବ୍ ଏକ ଭଲ ଉପାୟ। ଏହାଦ୍ୱାରା ଆପଣ ନିଜ ମୁହଁର ତ୍ୱଚାକୁ ଏକ୍ସ ଫୋଲିଏଟ୍ କରିପାରିବେ ଏବଂ ତ୍ୱଚା ଅଧିକ ଚମକଦାର ହୋଇପାରିବ। କଫି ସ୍କ୍ରବ୍ ପ୍ରସ୍ତୁତ କରିବାକୁ ହେଲେ ଆପଣ କଫି ପାଉଡରକୁ ଚିନି କିମ୍ବା ଲୁଣ ସହ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରିପାରିବେ। ଏହି ପେଷ୍ଟକୁ ମୁହଁରେ ଲଗାଇ ହାଲୁକା ହାତରେ ମସାଜ୍ କରନ୍ତୁ। ଏହା ଫଳରେ ତ୍ୱଚାରେ ଥିବା ମୃତ କୋଶିକା ଦୂର ହୋଇଯିବ ଏବଂ ତ୍ୱଚା ଅଧିକ ଚମକଦାର ଦେଖାଯିବ। କଫି ସ୍କ୍ରବ୍ ସପ୍ତାହରେ ଏକରୁ ଦୁଇଥର କରିବା ଯଥେଷ୍ଟ।



**କଫି ଫେସ୍ ମାସ୍କ**

କଫି ଫେସ୍ ମାସ୍କ ଏକ ଭଲ ଉପାୟ। ଏହାଫଳରେ ଆପଣ ନିଜ ମୁହଁରେ ତ୍ୱଚାକୁ ପୋଷଣ ଏବଂ ଚମକ ପ୍ରଦାନ କରିପାରିବେ। କଫି ପାଉଡର ଫେସ୍ ମାସ୍କ ପ୍ରସ୍ତୁତ କରିବାକୁ ହେଲେ କଫି ପାଉଡରକୁ ଦହି କିମ୍ବା ମହୁ ସହ ମିଶାଇ ପେଷ୍ଟ ବନାଇପାରିବେ। ଏହି ପେଷ୍ଟକୁ ମୁହଁରେ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ରଖି ତାକୁ ଧୋଇଦିଅନ୍ତୁ। କଫି ତ୍ୱଚାରେ ଆଣ୍ଟି ଅକ୍ସିଡାଣ୍ଟ, ପୋଷଣ ପ୍ରଦାନ କରିବା ସହ ତ୍ୱଚାକୁ ଅଧିକ ଚମକଦାର କରିଥାଏ।

**କଫି ନଡ଼ିଆତେଲର ମିଶ୍ରଣ**

କଫି ଏବଂ ନଡ଼ିଆତେଲର ମିଶ୍ରଣ ଏକ ଭଲ ଉପାୟ, ଯାହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ପୋଷଣ ପ୍ରଦାନ କରିଥାଏ। ଏହି ଉପାୟ ମୁହଁରେ ନିୟମିତ କରିପାରିବେ।



**କଫି ଏବଂ ଅଣ୍ଡା**

କଫି ପାଉଡର ଏବଂ ଅଣ୍ଡାର ଧଳା ଅଂଶକୁ ମିଶାଇ ମୁହଁରେ ଲଗାଇପାରିବେ। ଏହି ମାସ୍କକୁ ଉପଯୋଗକରି ମୁହଁରେ ସପ୍ତାହରେ ଏକରୁ ଦୁଇଥର କରିପାରିବେ। ଏହା ତ୍ୱଚାକୁ ଚମକପ୍ରଦାନ କରିବା ସଙ୍ଗେସଙ୍ଗେ ପୋଷଣ ମଧ୍ୟ ଦେଇଥାଏ।

**ସାବଧାନତା**

ତ୍ୱଚାରେ କଫିର ବ୍ୟବହାର କରିବା ପୂର୍ବରୁ ନିଜ ତ୍ୱଚାରେ କିଛି ଭାଗରେ ଲଗାଇ ପ୍ରଥମେ ଦେଖନ୍ତୁ। ଲଗାଇବା ପରେ ଯଦି କିଛି ରିଆକ୍ସନ୍ କୌଣସି ଆଲର୍ଜି ସମସ୍ୟା ତ୍ୱଚାରେ ଯେପରି ଦେଖା ନ ଯାଏ ଏହାର ଧ୍ୟାନ ଦିଅନ୍ତୁ। କଫିର ବ୍ୟବହାର କରିବା ପରେ ନିଜ ତ୍ୱଚାକୁ ଭଲ ଭାବେ ଧୋଇବା ଆବଶ୍ୟକ ଏବଂ ମଶ୍ଚରାଇଜ୍ କରିବା ମଧ୍ୟ ଆବଶ୍ୟକ।

ଖାଦ୍ୟରୁଚି

# ପଟାଟୋ ସ୍ନାକ୍ସ

**ଆବଶ୍ୟକ ସାମଗ୍ରୀ**

ଆଳୁ ୩ଟି ମଧ୍ୟମ ଆକାରରେ, ବେସନ ୨ ବଡ଼ ଚାମଚ, ଚାଉଳ ଚୂନା ୧ ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ, କଶ୍ମୀରୀ ଚିଲି ପାଉଡର ଅଧା ଚାମଚ, ଜୁଆଣି ଏକ ଚତୁର୍ଥାଂଶ, କଞ୍ଚାଲଙ୍କା ଗୋଟିଏ, ଧନିଆପତ୍ର ୧ ବଡ଼ ଚାମଚ, ଛାଣିବା ଲାଗି ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ**


ପ୍ରଥମେ ଆଳୁକୁ ଭଲଭାବେ ସିଝାଇ ତା'ର ଚୋପା ଛଡ଼ାଇ ତାକୁ ଭଲଭାବେ ଚକଟି ଦିଅନ୍ତୁ। ଯେପରି କୌଣସି ଟେଳା ନ ରହୁ। ଏହାପରେ ମସଲା ଏବଂ ଅଟା, ଚକଟା ହୋଇଥିବା ଆଳୁରେ ବେସନ, ଚାଉଳ ଚୂନା, ଲୁଣ, ହଳଦୀ, ଲଙ୍କା ପାଉଡର, ଜୁଆଣି, କଞ୍ଚାଲଙ୍କା, ଧନିଆପତ୍ର ପକାନ୍ତୁ। ଏହାକୁ ଭଲଭାବେ ମିଶାନ୍ତୁ। ମିଶ୍ରଣ ଯେପରି ବେଶି ପତଳା ନ ହୁଏ ତାହା ମଧ୍ୟ ଦେଖନ୍ତୁ। ଏହାକୁ ଟିକି ସେପ୍ ଦିଅନ୍ତୁ। ଏହି ଟିକିରେ ଫିଙ୍ଗର, ବଲ୍ସ, ସେପ୍ ଦିଅନ୍ତୁ। ଯେମିତି ଆପଣଙ୍କୁ ପସନ୍ଦ। ଏବେ କଡ଼େଇରେ ତେଲ ପକାନ୍ତୁ। ତେଲ ଭଲଭାବେ ତାତିଲା ପରେ ଆଞ୍ଚକୁ ମଧ୍ୟମରେ ରଖି ବିଭିନ୍ନ ସେପ୍ ଦିଆଯାଇଥିବା ଆଳୁକୁ ଏବେ ଛାଣନ୍ତୁ। ଏହା ଗୋଲ୍‌ଡେନ୍ କଲର ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏହି କ୍ରିସ୍ପି ସ୍ନାକ୍ସକୁ ଟମାଟୋ ସସ୍, ହରି ଚଟଣି, ଦହି, ପୁଦିନା ସହ ପରଷିପାରିବେ। ଯଦି ଚାହିଁବେ ଅଳ୍ପ ଚାଟ୍ ମସଲା ପକାଇ ଉପରେ ପିଆଜ, ଧନିଆପତ୍ର ପକାନ୍ତୁ । ସ୍ନାକ୍ସ ଚାଟ୍ ବି କରିପାରିବେ।



# ଦଶ ବର୍ଷରେ ଜିଡିପି ପରିମାଣ ତିନି ଗୁଣ ବୃଦ୍ଧି

ଭୁବନେଶ୍ୱର,୧୬।୬

ଗତ ଦଶନ୍ଧି ମଧ୍ୟରେ ଭାରତର ଜିଡିପି ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିଛି। ବର୍ତ୍ତମାନର ମୂଲ୍ୟ ଅନୁସାରେ ଜିଡିପି ଆକଳନ ପ୍ରାୟ ତିନି ଗୁଣ ବୃଦ୍ଧି ପାଇଛି। ୨୦୧୪-୧୫ ଆର୍ଥିକ ବର୍ଷରେ ଦେଶର ଜିଡିପି ୧୦୬.୫୭ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକ ବର୍ଷରେ ଆନୁମାନିକ ୩୩୧.୦୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ମାତ୍ର ୧୦ ବର୍ଷ ମଧ୍ୟରେ ପ୍ରାୟ ୩ ଗୁଣ ବୃଦ୍ଧି ହୋଇଛି, କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ନାମମାତ୍ର ଜିଡିପି ପୂର୍ବ ବର୍ଷ ତୁଳନାରେ ୯.୯% ବୃଦ୍ଧି ପାଇଥିଲା। ଅପରପକ୍ଷରେ ପ୍ରକୃତ ଜିଡିପି (ସ୍ଥିର ମୂଲ୍ୟରେ) ୬.୫% ବୃଦ୍ଧି ପାଇଥିଲା, ଯାହା ନିରନ୍ତର ଅର୍ଥନୈତିକ ଗତିକୁ ପ୍ରତିଫଳିତ କରୁଛି। ଏହି ଦ୍ରୁତ ଅଭିବୃଦ୍ଧି ଦେଶର ବିସ୍ତାରିତ ଅର୍ଥନୈତିକ ଆଧାର ଏବଂ ବୃଦ୍ଧି ପାଉଥିବା ଆୟ ସ୍ତରକୁ ପ୍ରତିଫଳିତ କରିଥାଏ। ସେହିଭଳି ସମାନ ସମୟ ମଧ୍ୟରେ ପ୍ରକୃତ ଜିଭିଏ ୬.୪% ଏବଂ ନାମମାତ୍ର




ଜିଭିଏ ୯.୫% ବୃଦ୍ଧି ପାଇଛି। ବିଶେଷ କରି ଗ୍ରାମୀଣ ଚାହିଦାରେ ପୁନରୁଦ୍ଧାର ଯୋଗୁ ଘରୋଇ ଚୂଡ଼ାନ୍ତ ବ୍ୟବହାର ଖର୍ଚ୍ଚ (ପିଏଫସିଇ) ୭.୩% ବୃଦ୍ଧି ପାଇଛି, ଯାହା ୨୦୦୨-୦୩ ପରଠାରୁ ଜିଡିପିର ସର୍ବାଧିକ ଅଂଶ (୬୧.୮%) ରେ ପହଞ୍ଚିଛି। ସେହିପରି ସେବା କ୍ଷେତ୍ର ଜିଭିଏରେ ସବୁଠାରୁ ସ୍ଥିର ଅବଦାନକାରୀ ରହିଛି। ୨୦୧୪ ଆର୍ଥିକ ବର୍ଷରେ ଏହାର ଅଂଶ ୫୦.୬% ରୁ ୨୦୨୫ ଆର୍ଥିକ ବର୍ଷରେ ପ୍ରାୟ ୫୫% କୁ ବୃଦ୍ଧି ପାଇଛି। ଏହା ପ୍ରାୟ ୩୦% ଶ୍ରମଶକ୍ତିକୁ ନିଯୁକ୍ତି ମଧ୍ୟ ପ୍ରଦାନ କରିଥାଏ। ଏହାର ପ୍ରତ୍ୟକ୍ଷ ଅବଦାନ ସହିତ ସେବା ଉତ୍ପାଦନର 'ସେବାକରଣ'ରେ କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଉତ୍ପାଦନ ଏବଂ ଉତ୍ପାଦନ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟବହୃତ ସେବା ମାଧ୍ୟମରେ ମୂଲ୍ୟ ବୃଦ୍ଧି କରିଥାଏ। ଗତ ଦଶନ୍ଧିରେ ଭାରତର ମୋଟ ରପ୍ତାନି ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ୨୦୧୩-୧୪ ବର୍ଷରେ ୪୬୮ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୨୦୨୪-୨୫ ବର୍ଷରେ ୮୨୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି, ଯାହା ପ୍ରାୟ ୭୬% ବୃଦ୍ଧି ବୋଲି କୁହାଯାଉଛି। ଏହି ଅଭିବୃଦ୍ଧିକୁ ବାଣିଜ୍ୟ ରପ୍ତାନିରେ ଏକ ସାମାନ୍ୟ ବୃଦ୍ଧି ଦ୍ୱାରା ସମର୍ଥନ କରାଯାଇଥିଲା, ଯାହା ପୂର୍ବ ବର୍ଷରେ ୪୩୭.୦୭ ବିଲିୟନ ଆମେରିକୀୟ ଡଲାର ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୩୭.୪୨ ବିଲିୟନ ଆମେରିକୀୟ ଡଲାର ଥିଲା, ଯାହା ସାମଗ୍ରୀ-ଆଧାରିତ ବାଣିଜ୍ୟରେ ସ୍ଥିରତାକୁ ପ୍ରତିଫଳିତ କରିଛି। ଦଶନ୍ଧି ମଧ୍ୟରେ ବାଣିଜ୍ୟ ରପ୍ତାନି ୨୦୧୩-୧୪ରେ ୩୧୦ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୨୦୨୪-୨୫ ରେ ୪୩୭.୪୨ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଭାରତ କ୍ରମାଗତ ଭାବେ ଓ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥ ବ୍ୟବସ୍ଥା ରୂପେ ଉଭା ହୋଇଛି। ଏପରିକି ୨୦୩୦ ସୁଦ୍ଧା ଭାରତ ୭.୩ ଟ୍ରିଲିୟନ ଡଲାର ଜିଡିପି ସହିତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥା ହେବା ମାର୍ଗରେ ରହିଛି। ସେହିଭଳି ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥ ବ୍ୟବସ୍ଥାରେ ଥିଲାବେଳେ ଆଗାମୀ ଦିନରେ ଆର୍ଥିକ ମହାଶକ୍ତି ହେବା ପାଇଁ ପ୍ରୟାସ ଜାରି ରହିଛି। ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥ ବ୍ୟବସ୍ଥା (୨୦୨୫-୨୬ ଆର୍ଥିକ ବର୍ଷରେ ୬.୩% ରୁ ୬.୮%) ହେବାର ଆକଳନ କରାଯାଇଛି। ଏହି ପରିବର୍ତ୍ତନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ଦଶନ୍ଧିର ନିର୍ଣ୍ଣାୟକ ଶାସନ, ଦୂରଦୃଷ୍ଟି ସମ୍ପନ୍ନ ସଂସ୍କାର ଏବଂ ବିଶ୍ୱସ୍ତରୀୟ ସମ୍ପର୍କ କାରଣରୁ ସମ୍ଭବ ହୋଇପାରିଛି।

## ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୧୬।୬

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୬୭୭ (୬୭୭.୫୫) ପଏଣ୍ଟ ବୃଦ୍ଧି ଘଟି ୮୧,୭୯୬ (୮୧,୭୯୬.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୨୨୮(୨୨୭.୯୦) ପଏଣ୍ଟ ବଢ଼ି ୨୪,୯୪୬ (୨୪,୯୪୬.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ପୁରୀ ପୌରପାଳିକା ସହ ଏଚ୍‌ସିସିବିର ବୁଝାମଣା

ଭୁବନେଶ୍ୱର,୧୬।୬



ପୁରୀ ପୌରପାଳିକା ଏବଂ ହିନ୍ଦୁସ୍ଥାନ କୋକା-କୋଲା ବେଭରେଜେସ୍ (ଏଚ୍‌ସିସିବି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଏଚ୍‌ସିସିବି ପୁରୀ ପୌରପାଳିକା ସହଯୋଗରେ ପୁରୀ ପୌରାଞ୍ଚଳ ପରିସରରେ ବ୍ୟବହୃତ ପିଇଟି ବୋତଲ-ମୁକ୍ତ ରଥଯାତ୍ରା-୨୦୨୫ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଏହି ପ୍ରୟାସକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଶୁଭାରମ୍ଭ କରିଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମ ୨୦୨୫ ଜୁନ୍ ୨୭ରୁ ଜୁଲାଇ ୫ ପର୍ଯ୍ୟନ୍ତ ଜାରି ରହିବ। ଏ ସମ୍ପର୍କରେ ଏଚ୍‌ସିସିବିର ମୁଖ୍ୟ ପବ୍ଲିକ୍ ଆଫେୟାର୍ସ ଏବଂ ସଷ୍ଟେନେବିଲିଟି ଅଧିକାରୀ ହିମାଂଶୁ ପ୍ରିୟଦର୍ଶୀ କହିଛନ୍ତି, ପ୍ରକୃତ ପରିବର୍ତ୍ତନ ସେତେବେଳେ ଘଟେ, ଯେତେବେଳେ ବ୍ୟବସାୟ, ଗୋଷ୍ଠୀ ଏବଂ ସରକାର ଏକ ଲକ୍ଷ୍ୟ ପାଇଁ ଏକାଠି ହୁଅନ୍ତି। ରଥଯାତ୍ରା ସାରା ଦେଶରୁ ଲୋକଙ୍କୁ ଏକାଠି କରେ ଏବଂ ଏହା ସହିତ ସେମାନେ ଆସୁଥିବା ସହରର ଯତ୍ନ ନେବାର ଏକ ମିଳିତ ଦାୟିତ୍ୱ ମଧ୍ୟ ରହିଥାଏ। ସେହିପରି କୋକା-କୋଲା ଇଣ୍ଡିଆ ଏବଂ ଦକ୍ଷିଣ-ପଶ୍ଚିମ ଏସିଆର ପବ୍ଲିକ୍ ଆଫେୟାର୍ସ, କମ୍ୟୁନିକେଶନ୍, ସଷ୍ଟେନେବିଲିଟିର ଉପାଧ୍ୟକ୍ଷ ଦେବଯାନୀ ଆର ଏଲ୍ ରାଣା କହିଛନ୍ତି, ପୁରୀରେ ରଥଯାତ୍ରାରେ ଅଧିକ ସଂଖ୍ୟାରେ ପ୍ଲାଷ୍ଟିକ୍ ଆର୍ବଜନା ପରିଚାଳନା କରିବା ଏକ ସହଭାଗୀ ଦାୟିତ୍ୱ ଏବଂ ସାମୂହିକ ପଦକ୍ଷେପ ଆବଶ୍ୟକ ରହିଛି। ୨୦୨୫ ଜୁନ୍ ୨୭ରୁ ୫ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଚଳିତ ବର୍ଷର ରଥଯାତ୍ରାରେ ୧୮୦ ରୁ ଅଧିକ ସ୍ୱେଚ୍ଛାସେବକଙ୍କର ଏକ ଦଳଙ୍କୁ ପଲ୍ଲିଶ୍ରୀମେଳା ଗ୍ରାଉଣ୍ଡ, ଭୋଳାନାଥ ବିଦ୍ୟାପୀଠ, ପୁରୀ ମୁଖ୍ୟ ବସ୍ ଷ୍ଟାଣ୍ଡ, ତାଳବଣିଆ ଅସ୍ଥାୟୀ ବସ୍ ଷ୍ଟାଣ୍ଡ, ପୁରୀ ରେଳ ଷ୍ଟେଶନ, ବଡ଼ଶଙ୍ଖ, ଦିଗବାରେଣୀ ସ୍କୋୟାର, ସ୍ୱର୍ଗଦ୍ୱାର ଏବଂ ହୋଟେଲ ଶ୍ରୀହରି ବେଳାଭୂମି ସମେତ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯିବ।

## ଜିନ୍ଦଲ ଷ୍ଟେନ୍‌ଲେସକୁ ଏନ୍‌ଏଏମ୍‌ସି ଆୱାର୍ଡ



ଭୁବନେଶ୍ୱର,୧୬।୬: (ଅଭୟ ଦାଶ)

ଜିନ୍ଦଲ ଷ୍ଟେନ୍‌ଲେସକୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ 'ଏନ୍‌ଏଏମ୍‌ସି ଆୱାର୍ଡ' ମିଳିଛି। ଏପରିକି ଏହି ସମ୍ମାନି ଜିନ୍ଦଲ ଷ୍ଟେନଲେସର ଉତ୍ପାଦନ ଉତ୍କର୍ଷ ପ୍ରତି ନିରନ୍ତର ପ୍ରତିବଦ୍ଧତା ଏବଂ ରାଷ୍ଟ୍ର ନିର୍ମାଣରେ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି। ସେହିଭଳି ଜିନ୍ଦଲ ଷ୍ଟେନଲେସ କ୍ରମାଗତ ତୃତୀୟ ବର୍ଷ ପାଇଁ ଜାତୀୟ ଉତ୍ପାଦନ ପ୍ରତିଯୋଗିତା (ଏନ୍‌ଏଏମ୍‌ସି) ରେ ପୁରସ୍କୃତ ହୋଇଛି। ଏପରିକି କ୍ରମାଗତ ତୃତୀୟ ବର୍ଷ ପାଇଁ କମ୍ପାନୀ ଗୋଲ୍ଡ ଆୱାର୍ଡ ପାଇବା ପରେ ଚଳିତ ସଂସ୍କରଣରେ ମଧ୍ୟ କମ୍ପାନୀକୁ ସମ୍ମାନଜନକ ଡାଇମଣ୍ଡ ଟ୍ରଫି ପ୍ରଦାନ କରାଯାଇଥିଲା। କମ୍ପାନୀର ହିସାର ପ୍ଲାଣ୍ଟ ଷ୍ଟାଣ୍ଡାର୍ଡ ବର୍ଗରେ କ୍ରମାଗତ ୩ୟ ପୁରସ୍କାର ହାସଲ କରିବା ପରେ ଆତ୍ମନିର୍ଭର ନେସନ ବିଲ୍ଡର ଆୱାର୍ଡ 'ଏକ୍ସେଲସିୟର୍ସ' ବର୍ଗରେ ମଧ୍ୟ ସମ୍ମାନିତ ହୋଇଛି। ମୁମ୍ବାଇର ଆଇଟିସି ମରାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ କମ୍ପାନୀକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ବରିଷ୍ଠ ଉପାଧ୍ୟକ୍ଷ ତଥା ୟୁନିଟ୍ ହେଡ ହିସାର ବିଜୟ ବିନ୍ଦଲିଶ, ସୁଶୀଲ ଜୈନ (ଏଭିପି ଏବଂ ହେଡ-ଏସ୍‌ଏମ୍‌ଏସ୍ ଏବଂ ଏଚ୍‌ଆର୍‌ଏମ୍) ଏବଂ ଲକ୍ଷିତ ସେଠ (ଜିଏମ୍-ଓଇସି ଏବଂ ପରିଚାଳନା ପ୍ରତିନିଧି) ପ୍ରମୁଖ ଯୋଗ ଦେଇ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ଏମଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଷ୍ଟେନଲେସ୍ ଷ୍ଟିଲର ଅନ୍ତର୍ନିହିତ ଦୃଢ଼ତା, ସ୍ଥାୟିତ୍ୱ ଏହାକୁ ଭବିଷ୍ୟତର ଧାତୁରେ ପରିଣତ କରିଛି। ଜିନ୍ଦଲ ଷ୍ଟେନଲେସରେ ଆମେ ଏହି ଭବିଷ୍ୟତକୁ ଆଗେଇ ନେବା ପାଇଁ ଆମର ପ୍ରତିବଦ୍ଧତାରେ ଅଟଳ ରହିଛୁ, ଯାହା ଆତ୍ମନିର୍ଭର ଭାରତର ପରିକଳ୍ପନା ସହିତ ସମନ୍ୱିତ ରହିଛି। ଆତ୍ମନିର୍ଭର ଭାରତ ଗଠନ ଏବଂ ଭାରତର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଇସ୍ପାତ ଯୋଗାଇବା, ଏହାର ସବୁଜ ଲକ୍ଷ୍ୟକୁ ସାକାର କରିବା ଏବଂ ବୈଶ୍ୱିକ ଚାହିଦା ସହିତ ଖାପ ଖୁଆଇବାର କ୍ଷମତା ସହ ଆମର ଉତ୍ପାଦନ କାରଖାନା ଏହି ଯାତ୍ରାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜିନ୍ଦଲ ଷ୍ଟେନଲେସ୍ ପାଇଁ ଏହି ପୁରସ୍କାର ପାଇବା ସମ୍ମାନର ବିଷୟ। ଏହି ଉପଲବ୍ଧି ଜିନ୍ଦଲ ଷ୍ଟେନଲେସ୍ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ସମର୍ପିତ, ଯେଉଁମାନେ ପ୍ରତିଦିନ ଉତ୍କର୍ଷର ନୂତନ ମାନଦଣ୍ଡ ସ୍ଥାପନ କରୁଛନ୍ତି। ହିସାରର ଜିନ୍ଦଲ ଷ୍ଟେନଲେସର ୟୁନିଟ୍ ହେଡ ତଥା ବରିଷ୍ଠ ଉପାଧ୍ୟକ୍ଷ ବିଜୟ ବିନ୍ଦଲିଶ କହିଛନ୍ତି, ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଆମ ହିସାର କାରଖାନା ସହର ଓ ଆଖପାଖ ଅଞ୍ଚଳରେ କ୍ରମାଗତ ଭାବେ ଅର୍ଥନୈତିକ ପ୍ରଗତିକୁ ପ୍ରୋତ୍ସାହିତ କରିଛି।

## ଜାତୀୟସ୍ତରୀୟ ଯୁବ ନେତୃତ୍ୱ ବିକାଶ ଶିବିର

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ନେତୃତ୍ୱ ସୁଯୋଗ

ଭୁବନେଶ୍ୱର,୧୬।୬



ଶିବିରରେ ଅଂଶଗ୍ରହଣ କରିଥିବା ଏସ୍‌ଏସ୍‌ୟୁ ରୋଭର୍ସ ଓ ରେଞ୍ଜର୍ସଙ୍କ ସହ ୟୁନିଟ୍ ଲିଡରମାନେ ଉପସ୍ଥିତ ଅଛନ୍ତି।

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜାତୀୟ ମୁଖ୍ୟାଳୟ ପକ୍ଷରୁ ଏକ ୫ ଦିନିଆ ଜାତୀୟସ୍ତରୀୟ ଯୁବ ନେତୃତ୍ୱ ବିକାଶ ଶିବିର ନିକଟରେ ଆୟୋଜିତ ହୋଇଯାଇଛି। ଏହି ଶିବିର ପାଇଁ ଓଡ଼ିଶା ପକ୍ଷରୁ ଶ୍ରୀ ଶ୍ରୀ ୟୁନିଭର୍ସିଟି (ଏସ୍‌ଏସ୍‌ୟୁ)କୁ ନେତୃତ୍ୱ ସୁଯୋଗ ମିଳିଥିଲା। ଉଲ୍ଲେଖଯୋଗ୍ୟ, ଦାର୍ଜିଲିଂର କର୍ସିୟାଙ୍ଗସ୍ଥିତ ସ୍ନୋ ହ୍ୱାଇଟ୍ କ୍ୟାମ୍ପସାଇଟ୍ ଅନ୍ତର୍ଗତ ନ୍ୟାଶନାଲ ଆଡଭେଞ୍ଚର ଇନ୍‌ଷ୍ଟିଚ୍ୟୁଟ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ଜାତୀୟ ସାହସିକ ସଂସ୍ଥାନ ଓ ପ୍ରଶିକ୍ଷଣ କେନ୍ଦ୍ର) ଠାରେ ଏହି ଶିବିର ୨୦୨୫ ଜୁନ୍ ୧୧ ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକସ୍ଥିତ ଏସ୍‌ଏସ୍‌ୟୁ କୃଷି ବିଭାଗର ସହକାରୀ ପ୍ରାଧ୍ୟାପକ ଡ.ସନ୍ଦିପ ରାଉତଙ୍କ ନେତୃତ୍ୱରେ ଓଡ଼ିଶାରୁ ଏକ ୧୫ ଜଣିଆ ଟିମ୍ ଯାଇଥିଲେ। ଏହି ଦଳ ସଫଳତାର ସହ ଶିବିରରେ ଅଂଶଗ୍ରହଣ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉକ୍ତ ଶିବିର ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଟିମ୍‌ରେ ୬ଜଣ ଲେଖାଏଁ ରୋଭର୍ସ ଓ ରେଞ୍ଜର୍ସ ଥିବାବେଳେ ୩ ଜଣ ୟୁନିଟ୍ ଲିଡର ମଧ୍ୟ ସାମିଲ ଥିଲେ।

ସେହିଭଳି ଏସ୍‌ଏସ୍‌ୟୁରୁ ରୋଭର୍ ରାକେଶ କୁମାର ମଲ୍ଲିକ, ଦୀପକ କୁମାର ପଣ୍ଡା ଏବଂ ରୋଭର ସ୍କାଉଟ୍ ଲିଡର ଡ. ସନ୍ଦିପ ରାଉତ ଉକ୍ତ ଟିମ୍‌ରେ ସାମିଲ ଥିଲେ।

ଏହି ଯୁବ ନେତୃତ୍ୱ ବିକାଶ ଶିବିରରେ ଭାରତର ୧୪ରାଜ୍ୟରୁ ସମୁଦାୟ ୧୭୬ ଜଣ ରୋଭର୍ସ ଓ ରେଞ୍ଜର୍ସ ସହ ଟିମ୍ ଲିଡର ଅଂଶଗ୍ରହଣ କରିଥିଲେ।

ଫଳରେ ଏହା ଯଥାର୍ଥରେ ଏକ ରାଷ୍ଟ୍ରୀୟ ମଞ୍ଚରେ ପରିଣତ ହୋଇଥିଲା, ଯେଉଁଠାରେ ନେତୃତ୍ୱ ଦକ୍ଷତା ସାଙ୍ଗକୁ ଶିକ୍ଷା ଏବଂ ସଂସ୍କୃତିର ଆଦାନପ୍ରଦାନ ହୋଇଥିଲା।

ଏଥିସହ ଏହି ୫ ଦିନିଆ ଶିବିରର ବିଭିନ୍ନ ଅଧିବେଶନରେ ବ୍ୟକ୍ତିତ୍ୱ ବିକାଶ, ବ୍ୟକ୍ତିର ସାମର୍ଥ୍ୟ, ଦୁର୍ବଳତା, ସୁଯୋଗ ଏବଂ ଆଶଙ୍କା ଉପରେ ବିଶ୍ଳେଷଣ କରାଯିବା ସହ ଯୋଜନା ଓ କ୍ରିୟାନ୍ୱୟନ, ସାମଗ୍ରିକ ବିକାଶ ଉପରେ ବିସ୍ତୃତ ଚର୍ଚ୍ଚା ହୋଇଥିଲା।

ଏଥିରେ ସ୍କାଉଟ୍‌ସ ଆନ୍ଦୋଳନର ବୈଶ୍ୱିକ ସଂଗଠନ, ବାଳିକା ସ୍କାଉଟ୍‌ସ ବା ଗାଇଡ୍ସଙ୍କ ବୈଶ୍ୱିକ ସଂଗଠନ ସମେତ ଜାତିସଂଘ ଦ୍ୱାରା ଧାର୍ଯ୍ୟ ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଦ୍ୱରିତ୍ୱ ନିର୍ଣ୍ଣୟ କ୍ଷମତା ଉପରେ ଆଲୋଚନା ହୋଇଥିଲା।

ଅପରପକ୍ଷରେ ବାଳ କାର୍ଯ୍ୟକ୍ରମର ସହକାରୀ ନିର୍ଦ୍ଦେଶକ ଆନାଲେନ୍ଦ୍ର ଶର୍ମାଙ୍କ ସଫଳ ନେତୃତ୍ୱରେ ଏହି ଜାତୀୟ କାର୍ଯ୍ୟକ୍ରମଟି ସଫଳତାର ସହ ଶେଷ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଉତ୍ତର-ପୂର୍ବ ରେଲୱେର ରାଜ୍ୟ ପ୍ରଶିକ୍ଷଣ ଆୟୁକ୍ତ ଅନୁଜ ରଞ୍ଜନ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ରାଜ୍ୟ ଅର୍ଗାନାଇଜିଂ ଆୟୁକ୍ତ ଜି. ଭୁବନ ବାବୁ ଏବଂ ମେଘାଳୟ ରାଜ୍ୟ ପ୍ରଶିକ୍ଷଣ ଆୟୁକ୍ତ ଅଡିୟୋର ପ୍ରମୁଖ ସକ୍ରିୟ ଭାବେ ଜଡ଼ିତ ଥିଲେ।

ଏହି ଶିବିରର ଉଦ୍‌ଘାଟନୀ ସମାରୋହରେ ପଶ୍ଚିମବଙ୍ଗର ରାଜ୍ୟ ଆୟୁକ୍ତ (କବ୍) ଯୋଗେନ୍ଦ୍ର ପ୍ରସାଦ ଏବଂ ଉଦଯାପନୀ ଉତ୍ସବରେ କର୍ସିୟାଙ୍ଗର ଉପଜିଲାପାଳ ବି. ତେଜା ଦୀପକ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ।

ଏହି ୫ଦିନିଆ ଶିବିରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିବାରୁ ଏସ୍‌ଏସ୍‌ୟୁର ୩ ବିଦ୍ୟାର୍ଥୀ ଓ ପ୍ରାଧ୍ୟାପକଙ୍କୁ କୁଳପତି ପ୍ରଫେସର ତେଜପ୍ରତାପ, ଛାତ୍ରକଲ୍ୟାଣ ଡିନ୍ ପ୍ରଫେସର ଜୟପ୍ରକାଶ ଭଞ୍ଜ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଜେଏସ୍‌ପିକୁ ଡୁଆଲ ଗ୍ରୀନଟେକ୍ ଆୱାର୍ଡସ

ଭୁବନେଶ୍ୱର,୧୬।୬



ଶାଲୁ ଜିନ୍ଦଲ

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)କୁ ନିକଟରେ ୨ଟି ଗ୍ରୀନଟେକ୍ ପୁରସ୍କାର (ଡୁଆଲ ଗ୍ରୀନଟେକ୍ ଆୱାର୍ଡ୍‌ସ) ପ୍ରଦାନ କରାଯାଇଛି। ବିଶେଷକରି କୃଷି ପ୍ରୋତ୍ସାହନ ଏବଂ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଜେଏସପିକୁ ଏହି ସମ୍ମାନ ମିଳିଛି। ଏପରିକି ୨ଟି ବର୍ଗରେ ସମ୍ମାନଜନକ ଗ୍ରୀନଟେକ୍ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଜେଏସପିକୁ ଏହି ପୁରସ୍କାର ଦ୍ୱୟ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଆମେ ଏହି ପୁରସ୍କାର ଗ୍ରହଣ କରି ଅତ୍ୟନ୍ତ ଆନନ୍ଦିତ । ଏହି ସ୍ୱୀକୃତି/ସମ୍ମାନ ସାମଗ୍ରିକ ବିକାଶ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ଆହୁରି ମଜଭୁତ କରୁଛି। ବିଶେଷ କରି ନିରନ୍ତର କୃଷି ପାଇଁ କୃଷକମାନଙ୍କୁ କୁଶଳୀ କରିବା ହେଉ ଅଥବା ବରିଷ୍ଠମାନଙ୍କ ପାଇଁ ସମ୍ମାନଜନକ ପରିବେଶ ତିଆରି କରିବା ହେଉ; ଆମର କାର୍ଯ୍ୟ ସବୁବେଳେ ଗଭୀର ଦାୟିତ୍ୱବୋଧ ଦ୍ୱାରା ପରିଚାଳିତ ହେଉଛି। ଆମ ଟିମ୍ ଏବଂ ଯେଉଁମାନଙ୍କ ପାଇଁ ଆମେ କାର୍ଯ୍ୟ କରୁଛୁ, ସେମାନଙ୍କୁ ଏହି ପୁରସ୍କାର ସମର୍ପିତ କରୁଛି। ଏହି ଦୁଇଟି ସମ୍ମାନ ପାଇଁ ଶାଲୁ ବିଚାରକମଣ୍ଡଳୀଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।

ସେହିଭଳି ଗ୍ରାମାଞ୍ଚଳ ଓ ଆଦିବାସୀବହୁଳ ଅଞ୍ଚଳରେ ନିରନ୍ତର କୃଷି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଜେଏସପିର ଅଭିନବ ଓ ପ୍ରଭାବଶାଳୀ ପଦକ୍ଷେପକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରୁଛି। କୃଷି ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅଧୀନରେ ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ୨୫ ହଜାରରୁ ଅଧିକ କୃଷକଙ୍କୁ ଜୈବିକ କୃଷି, ଜଳସଞ୍ଚୟ ଉପଯୋଗୀ ସେଚ କୌଶଳ, ଅତ୍ୟାଧୁନିକ କୃଷି ଉପକରଣର ବ୍ୟବହାର ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଛି। ସେହିପରି ଏହି ପଦକ୍ଷେପ ଫସଲ ଉତ୍ପାଦନ, କୃଷି ଆୟ ବୃଦ୍ଧି କରିବା ସହ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ସହାୟତା କରୁଛି। ପ୍ରାକୃତିକ କୃଷି ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ସାଂସଦ ତଥା ଜେଏସପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଲକ୍ଷ୍ୟକୁ ଆଧାର କରି ନିକଟରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଅନୁଗୋଳର ଚାଷୀମାନଙ୍କ ପାଇଁ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଜିନ୍ଦଲ ଫାଉଣ୍ଡେଶନର ଜଳ ଛାୟା ବିକାଶ ପ୍ରକଳ୍ପ ଏବଂ ୱାଡି ବିକାଶ କାର୍ଯ୍ୟକ୍ରମ ଜାତୀୟସ୍ତରରେ ବହୁବାର ପୁରସ୍କୃତ ଓ ସମ୍ମାନିତ ହୋଇଛି। ବରିଷ୍ଠ ନାଗରିକମାନଙ୍କ ଜୀବନ ମାନରେ ଉନ୍ନତି ଆଣିବା ପାଇଁ ଜିନ୍ଦଲ ଫାଉଣ୍ଡେଶନ ମାଧ୍ୟମରେ ଜେଏସ୍‌ପିର ପଦକ୍ଷେପ ବରିଷ୍ଠ ନାଗରିକଙ୍କ କଲ୍ୟାଣ ବର୍ଗରେ ପୁରସ୍କୃତ ହୋଇଛି। ଭ୍ରାମ୍ୟମାଣ କ୍ଲିନିକ, ଦିବା ଯତ୍ନ କେନ୍ଦ୍ର, ଗୃହ ପରିଦର୍ଶନ, ମାନସିକ ସ୍ୱାସ୍ଥ୍ୟ ସହାୟତା ଭଳି ଅନେକ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଯତ୍ନ କାର୍ଯ୍ୟକ୍ରମ ହଜାର ହଜାର ବରିଷ୍ଠ ନାଗରିକଙ୍କ ପାଖରେ ପହଞ୍ଚିଛି।

## ସବୁଠୁ ଛୋଟ ରେଷ୍ଟୁରାଣ୍ଟ

### କେବଳ ୨ ଜଣ ଏକସଙ୍ଗେ ଡିନର କରିପାରନ୍ତି



ରୋମ

ଇଟାଲୀର ରାଜଧାନୀ ରୋମ ନିକଟସ୍ଥ ଏକ ଛୋଟ ଗାଁ ଭାକୋନ୍‌ରେ ଅବସ୍ଥିତ 'ସୋଲୋ ପର୍ ଡ୍ୟୁ' ରେଷ୍ଟୁରାଣ୍ଟ ହେଉଛି ବିଶ୍ୱର ସବୁଠାରୁ ଛୋଟ ରେଷ୍ଟୁରାଣ୍ଟ। ଏଠାରେ ଏକସଙ୍ଗେ କେବଳ ୨ ଜଣ ଲୋକ ରାତ୍ରିଭୋଜନ କରିପାରନ୍ତି। ଏହି ରେଷ୍ଟୁରାଣ୍ଟରେ କେବଳ ଗୋଟିଏ ଟେବୁଲ୍ ଏବଂ ୨ଟି ଚେୟାର ରହିଛି। 'ସୋଲୋ ପର୍ ଡ୍ୟୁ'ରେ ଡିନର କରିବା ପାଇଁ ଗ୍ରାହକମାନଙ୍କୁ ପ୍ରାୟ ମାସେ ଧରି ଅପେକ୍ଷା କରିବାକୁ ପଡ଼ିଥାଏ। ସାଧାରଣତଃ ରୋମାଣ୍ଟିକ୍ ରାତ୍ରିଭୋଜନ ପାଇଁ ପ୍ରେମୀଯୁଗଳ ଏବଂ ଦମ୍ପତିମାନେ ଏହି ରେଷ୍ଟୁରାଣ୍ଟକୁ ବୁକ୍ କରିଥାନ୍ତି। ଏଠାରେ କ୍ୟାଣ୍ଡେଲ ଲାଇଟ୍ ଡିନର କରୁଥିବା ଯୋଡ଼ିଙ୍କ ପାଇଁ ବିଭିନ୍ନ ସୁବିଧା ରହିଥାଏ। ଡିନର ସମୟରେ ଫାୟାର ଶୋ' ପ୍ରଦର୍ଶନକୁ ମଧ୍ୟ ସେମାନେ ଉପଭୋଗ କରିପାରନ୍ତି। ୱେଟରଙ୍କୁ ଡାକିବା ପାଇଁ ଏହି ରେଷ୍ଟୁରାଣ୍ଟରେ ଏକ ସ୍ୱତନ୍ତ୍ର ରୁପାର ଘଣ୍ଟି ରହିଛି। ''ସିଏନ୍‌ଏନ୍ ଟ୍ରାଭେଲ୍'ର ରିପୋର୍ଟ ଅନୁଯାୟୀ, ଏହି ରେଷ୍ଟୁରାଣ୍ଟରେ ରାତ୍ରିଭୋଜନର ମୂଲ୍ୟ ୫୩୭ ଡଲାର (ପ୍ରାୟ ୪୬ ହଜାର ଟଙ୍କା) ରହିଛି। ସେହିପରି ଡିନର ପାଇଁ ଏଠାରେ କୌଣସି ସ୍ଥିର ମେନ୍ୟୁ ନ ଥାଏ। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଏହି ରେଷ୍ଟୁରାଣ୍ଟରେ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। 'ସୋଲୋ ପର୍ ଡ୍ୟୁ' ରେଷ୍ଟୁରାଣ୍ଟ ଆକାରରେ ମଧ୍ୟ ଖୁବ୍ ଛୋଟ। ଏହା ୫୦୦ ବର୍ଗଫୁଟ୍‌ରୁ କମ୍ ସ୍ଥାନରେ ପରିବ୍ୟାପ୍ତ। ଏହି ରେଷ୍ଟୁରାଣ୍ଟରେ ବିନା ବୁକିଂରେ କେହି ପ୍ରବେଶ କରିପାରନ୍ତି ନାହିଁ। ଏଠାରେ ଡିନର ପାଇଁ ଗ୍ରାହକମାନଙ୍କୁ ପ୍ରାୟ ମାସେ ପୂର୍ବରୁ ଆଗୁଆ ବୁକିଂ କରିବାକୁ ପଡ଼ିଥାଏ। ସେହିପରି ପ୍ରାୟ ୧୦ ଦିନ ପୂର୍ବରୁ ଗ୍ରାହକମାନଙ୍କୁ ନିଜ ପସନ୍ଦ ମୁତାବକ ମେନ୍ୟୁ, ୱାଇନ୍, ସାଜସଜ୍ଜା ଆଦି ଉପରେ ଅର୍ଡର ଦେବାକୁ ପଡ଼ିଥାଏ। ରେଷ୍ଟୁରାଣ୍ଟର ନିୟମ ଅନୁଯାୟୀ, ଶେଷ ମୁହୂର୍ତ୍ତରେ କୌଣସି ଗ୍ରାହକ ନିଜ ବୁକିଂକୁ ବାତିଲ କରିପାରିବେ ନାହିଁ। ଗତ ୩୩ ବର୍ଷ ଧରି ଏହି ରେଷ୍ଟୁରାଣ୍ଟ କାର୍ଯ୍ୟକ୍ଷମ ରହିଛି। ଏହି ରେଷ୍ଟୁରାଣ୍ଟକୁ ରେମୋ ଡି କ୍ଲାଉଡିଓ ତିଆରି କରିଥିଲେ। ଯେତେବେଳେ ସ୍ତ୍ରୀଙ୍କ ସହ ସେ କେଉଁଠାକୁ ଖାଇବାକୁ ଯାଉଥିଲେ ସେମାନେ ସର୍ବଦା ସବୁଠାରୁ ଖରାପ ଟେବୁଲ ପାଉଥିଲେ। ଅନେକବାର ବାଥ୍‌ରୁମ୍ ନିକଟରେ ଥିବା ଟେବୁଲ ତାଙ୍କୁ ମିଳୁଥିଲା। ଏସବୁକୁ ନେଇ ସେ ସର୍ବଦା ଅସନ୍ତୁଷ୍ଟ ରହୁଥିଲେ। ତେଣୁ ଏକ ଛୋଟ ରେଷ୍ଟୁରାଣ୍ଟର ନିର୍ମାଣ ପାଇଁ ତାଙ୍କ ମନରେ ଧାରଣା ଆସିଥିଲା, ଯେଉଁଠାରେ ଦମ୍ପତି ଏବଂ ପ୍ରେମୀ ଯୁଗଳମାନେ ରାଜକୀୟ ଅନୁଭବର ସହ ରୋମାଣ୍ଟିକ ଡିନର କରିବାକୁ ସୁଯୋଗ ପାଇବେ।

### ଫୁର୍ସତ

## 'ଦି ରାଜା ସାବ୍': ଖଳନାୟକ ଭୂମିକାରେ ସଞ୍ଜୟ

ହାଇଦ୍ରାବାଦ



ସାଉଥ୍ ସୁପରଷ୍ଟାର ପ୍ରଭାସଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଦି ରାଜା ସାବ୍'ର ଟିଜର ରିଲିଜ୍ ହୋଇଛି। ୨ ମିନିଟ୍ ୨୮ ସେକେଣ୍ଡର ଏହି ଟିଜରର ଲଞ୍ଚ ପାଇଁ ହାଇଦ୍ରାବାଦରେ ରବିବାର ଏକ ଗ୍ରାଣ୍ଡ ଇଭେଣ୍ଟର ଆୟୋଜନ ହୋଇଥିଲା। ଏଥିରେ ଫିଲ୍ମର ନିର୍ମାତା, ନିର୍ଦ୍ଦେଶକଙ୍କ ସହ ପୂରା ଷ୍ଟାର୍‌କାଷ୍ଟ ଯୋଗ ଦେଇଥିଲେ। 'ଦି ରାଜା ସାବ୍' ଏକ ହରର କମେଡି ଫିଲ୍ମ ହୋଇଥିବା ନେଇ ଟିଜରରୁ ଜଣାପଡ଼ିଛି। ଏହି ଟିଜରରେ ପ୍ରଭାସଙ୍କ କମେଡି ଏବଂ ଏଣ୍ଟରଟେନିଂ ଅନ୍ଦାଜ ତାଙ୍କ ପ୍ରଶଂସକଙ୍କୁ ଖୁବ୍ ପ୍ରଭାବିତ କରିଛି। ସେହିପରି ଏଥିରେ ପ୍ରଭାସଙ୍କର କିଛି ଆକ୍ସନ ଦୃଶ୍ୟ ମଧ୍ୟ ରହିଛି। ତେବେ ଏହି ଟିଜରରେ ଅଭିନେତା ସଞ୍ଜୟ ଦତ୍ତଙ୍କର ଖଳନାୟକ ଅବତାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତାଙ୍କୁ ଜଣେ ତାନ୍ତ୍ରିକ ଏବଂ ଅଭିଶପ୍ତ ରାଜା ଭୂମିକାରେ ଦେଖିବାକୁ ମିଳିଛି। ସଞ୍ଜୟ 'ଦି ରାଜା ସାବ୍' ଷ୍ଟାର୍‌କାଷ୍ଟର ଅଂଶବିଶେଷ ବୋଲି ପୂର୍ବରୁ ବିଶେଷ ରିପୋର୍ଟ ସାମ୍ନାକୁ ଆସି ନ ଥିଲା। ଏପରି ସ୍ଥଳେ ଏହି ଫିଲ୍ମରେ ଖଳନାୟକ ଭାବେ ସଞ୍ଜୟଙ୍କ ଭୟଙ୍କର ଅନ୍ଦାଜ 'ଦି ରାଜା ସାବ୍'କୁ ନେଇ ଦର୍ଶକଙ୍କର ଉତ୍ସାହ ଆହୁରି ବଢ଼ାଇଛି। ଏହି ଟିଜରରେ ଏକ ପୁରୁଣା ଏବଂ ଅଭିଶପ୍ତ ମହଲର କାହାଣୀକୁ ଦେଖିବାକୁ ମିଳିଛି। ଏଥିରେ ଅଭିନେତ୍ରୀ ନିଧି ଅଗ୍ରୱାଲ୍, ମାଳବିକା ମୋହନନ୍, ରିଦ୍ଧି ଅଗ୍ରୱାଲ ଏବଂ ଅଭିନେତା ବୋମନ୍ ଇରାନୀ ମଧ୍ୟ ନଜରକୁ ଆସିଛନ୍ତି। ମାରୁତିଙ୍କ ନିର୍ଦ୍ଦେଶିତ 'ଦି ରାଜା ସାବ୍' ଫିଲ୍ମ ଆସନ୍ତା ଡିସେମ୍ବର ୫ରେ ରିଲିଜ୍ ହେବ। ଏହି ଫିଲ୍ମ ତେଲୁଗୁ ଭାଷା ସମେତ ତାମିଲ, ମାଲୟାଲମ, କନ୍ନଡ଼ ଏବଂ ହିନ୍ଦୀ ଭାଷାରେ ମଧ୍ୟ ରିଲିଜ୍ ହେବ।

# କଲମ୍ବୋରେ ଭାରତ-ପାକିସ୍ତାନ ମ୍ୟାଚ୍

## ମହିଳା ଦିନିକିଆ ବିଶ୍ୱକପ୍

ଦୁବାଇ, ୧୬।୬ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ତରଫରୁ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। 'ହାଇବ୍ରିଡ୍ ମଡେଲ' ଅନୁସାରେ ଭାରତ-ପାକିସ୍ତାନ ମ୍ୟାଚ ଅକ୍ଟୋବର ୫ରେ ନିରପେକ୍ଷ ଭେନ୍ୟୁ କଲମ୍ବୋସ୍ଥିତ ଆର. ପ୍ରେମାଦାସା ଷ୍ଟାଡିୟମରେ ଖେଳାଯିବ। ପୁରୁଷ ଚାମ୍ପିୟନ୍ସ ଟ୍ରଫି ବେଳେ ପାକିସ୍ତାନ ଯିବା ଲାଗି ଭାରତ ରାଜି ନ ହେବାରୁ ଦୁଇ ପଡ଼ୋଶୀ ଦେଶରେ କୌଣସି ଆଇସିସି ଇଭେଣ୍ଟ ଆୟୋଜନ ହେଲେ 'ହାଇବ୍ରିଡ୍ ମଡେଲ'କୁ କାର୍ଯ୍ୟକାରୀ କରିବା ଲାଗି ଦୁଇ ଦେଶ ରାଜି ହୋଇଥିଲେ। ତଦନୁସାରେ ସେମାନଙ୍କ ମ୍ୟାଚଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ସ୍ଥିର କରିଥିଲେ। କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଦୁଇ ଦେଶ ମଧ୍ୟରେ ସାମରିକ ଉତ୍ତେଜନା ଦେଖା ଦେଇଥିଲା। ଫଳତଃ ଆଇସିସି ଏହାର କାର୍ଯ୍ୟସୂଚୀରେ ଇଣ୍ଡୋ-ପାକ୍ ରାଉଣ୍ଡ ରବିନ ମ୍ୟାଚ ରଖିବ କି ନା ସେ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଆଇସିସି ପକ୍ଷରୁ ସୋମବାର ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ଚାମ୍ପିୟନଶିପ୍‌ରେ ଭାରତ ସେପ୍ଟେମ୍ବର ୩୦ରେ ବେଙ୍ଗାଲୁରୁଠାରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ପରେ ଅକ୍ଟୋବର ୨୬ରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବାଂଲାଦେଶକୁ ଭେଟିବ। ନିକଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବ ପାଳନ ବେଳେ ଦଳାଚକଟା ଘଟଣାକୁ ନେଇ ଏହି ଭେନ୍ୟୁ ମ୍ୟାଚ ଆୟୋଜନ ଅଧିକାର ହରାଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ପ୍ରଥମ ଥର ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଥିବା ଭାରତ ଅକ୍ଟୋବର ୯ରେ ଦକ୍ଷିଣ ଆଫ୍ରିକା ଏବଂ ଅକ୍ଟୋବର ୧୨ରେ ଅଷ୍ଟ୍ରେଲିଆ ସହ ମୁକାବିଲା କରିବ। ଉଭୟ ମ୍ୟାଚ ବିଶାଖାପାଟଣାରେ ଖେଳାଯିବ। ଏହି ମ୍ୟାଚ ପରେ ଭାରତୀୟ ଦଳ ଇନ୍ଦୋର ଯାଇ ସେଠାରେ ଅକ୍ଟୋବର ୧୯ରେ ଇଂଲଣ୍ଡକୁ ଭେଟିବ। ପରେ ଗୁଆହାଟି ଗସ୍ତ କରି ଅକ୍ଟୋବର ୨୩ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଏହି ଅବସରରେ ଆଇସିସି ଚେୟାରମ୍ୟାନ ଜୟ ଶାହା କହିଛନ୍ତି, ବିଶ୍ୱର ଶ୍ରେଷ୍ଠ ୮ଟି ମହିଳା କ୍ରିକେଟ ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ରେକର୍ଡ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରିବ। ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ରେ ଗୁଆହାଟି କିମ୍ବା କଲମ୍ବୋରେ ଖେଳାଯିବ। ଏହା ପାକିସ୍ତାନର ଅଗ୍ରଗତି ଉପରେ ନିର୍ଭର କରେ। ଦ୍ୱିତୀୟ ସେମିଫାଇନାଲ ବେଙ୍ଗାଲୁରୁରେ ଅକ୍ଟୋବର ୩୦ରେ ଖେଳାଯିବାକୁଥିବା ବେଳେ ଫାଇନାଲ ନଭେମ୍ବର ୨ରେ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ଖେଳାଯିବ। ଏହା ପାକିସ୍ତାନର ଷ୍ଟାଣ୍ଡିଂ ଉପରେ ନିର୍ଭର କରେ। ଭାରତ ୨୦୧୩ ପରେ ପ୍ରଥମ ଥର ଏହି ଗ୍ଲୋବାଲ ଇଭେଣ୍ଟର ଆୟୋଜନ କରୁଛି। ଏଥିରେ ଅଂଶଗ୍ରହଣ କରୁଥିବା ସମସ୍ତ ୮ଟି ଦଳ ଏକ ରାଉଣ୍ଡ ରବିନ ଫର୍ମାଟରେ ପରସ୍ପର ସହିତ ମୁକାବିଲା କରିବେ। ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଆୟୋଜକ ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିଥିବା ବେଳେ ପାକିସ୍ତାନ ଓ ବାଂଲାଦେଶ ଚଳିତବର୍ଷ ପ୍ରାରମ୍ଭରେ ଲାହୋରଠାରେ ଅନୁଷ୍ଠିତ କ୍ୱାଲିଫାୟର ଜରିଆରେ ଯୋଗ୍ୟତା ଅର୍ଜନ କରିଛନ୍ତି।



# ସିଜନରେ ପ୍ରଥମ ରେସ୍ ଜିତିଲେ ରସେଲ

## କାନାଡିଆନ ଗ୍ରାଁ.ପ୍ରି

ମଣ୍ଟ୍ରିଲ, ୧୬।୬ (ଏପି)

ମର୍ସିଡିଜର ଜର୍ଜ ରସେଲ ଗତଥରର ବିଜେତା ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ କଡ଼ା ଟକ୍କର ଦେଇ କାନାଡିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ପ୍ରଥମ ଏବଂ କ୍ୟାରିୟରର ୪ର୍ଥ ବିଜୟ। ମର୍ସିଡିଜ୍‌ର କିମି ଆଣ୍ଟୋନେଲି ଆଶ୍ଚର୍ଯ୍ୟଜନକ ଭାବେ ତୃତୀୟ ସ୍ଥାନ ସହ ପୋଡିୟମ ଫିନିଶ କରିବାରେ ସଫଳ ହୋଇଛନ୍ତି। ବିଳମ୍ବରେ ମ୍ୟାକଲରେନର ଦୁଇ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରି ଓ ଲାଣ୍ଡୋ ନୋରିସ ଚକାକୁ ଚକା ଲଢେଇ ହୋଇଥିଲା। ଶେଷରେ ନୋରିସଙ୍କ କାର୍ କାନ୍ଥକୁ ଧକ୍କା ଦେଇଥିଲା। ରବିବାର ଅନୁଷ୍ଠିତ ରେସ୍‌ରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଓସ୍କାର ପିଆଷ୍ଟ୍ରି, ଚାର୍ଲ୍ସ ଲେକ୍‌ରେକ (ଫେରାରି), ଲୁଇସ୍ ହାମିଲଟନ (ଫେରାରି), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ନିକୋ ହୁଲକେନବର୍ଗ (ସୌବେର), ଏଷ୍ଟିବାନ ଓକନ (ହାସ୍) ଓ କାର୍ଲୋସ ସେଞ୍ଜ ଜୁନିୟର (ୱିଲିୟମ୍ସ)।



ଟ୍ରଫି ସହ ଜର୍ଜ ରସେଲ।

# ଅଶ୍ୱିନଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ

ଚେନ୍ନାଇ, ୧୬।୬(ପି.ଟି.)

ଚଳିତ ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ ଭାରତର ପୂର୍ବତନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନଙ୍କ ବିରୋଧରେ ବଲ ଟ୍ୟାମ୍ପରିଂ ଭଳି ସାଙ୍ଘାତିକ ଅଭିଯୋଗ ଆସିଛି। ମଦୁରାଇ ପାନ୍ଥର୍ସ ଫ୍ରାଞ୍ଚାଇଜ ପକ୍ଷରୁ ଜୁନ ୧୪ ତାରିଖରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଶ୍ୱିନ ଓ ତାଙ୍କ ଦଳ ଡିନଡିଗୁଲ ଡ୍ରାଗନ୍ସ ବଲ ଟ୍ୟାମ୍ପରିଂ କରିଥିବା ଆନୁଷ୍ଠାନିକ ଭାବେ ଅଭିଯୋଗ ଦାଖଲ କରାଯାଇଛି। ଏ ଘଟଣା ସଂକ୍ରାନ୍ତରେ ଟିଏନ୍‌ପିଏଲ୍ ଆୟୋଜକମାନେ ମଦୁରାଇ ପାନ୍ଥର୍ସଠାରୁ ପ୍ରମାଣ ମାଗିଛନ୍ତି। ଅଭିଯୋଗରେ ମଦୁରାଇ ଫ୍ରାଞ୍ଚାଇଜ ପକ୍ଷରୁ ଦର୍ଶାଯାଇଛି ଯେ, ଡିନଡିଗୁଲ ଡ୍ରାଗନ୍ସ ବଲକୁ ଅଧିକ ଓଜନିଆ କରିବା ପାଇଁ କେମିକାଲ ମିଶା ଟଓ୍ୱେଲ୍ସ ବ୍ୟବହାର କରିଥିଲେ। ଟ୍ୟାମ୍ପରିଂ ଯୋଗୁ ବ୍ୟାଟରେ ବଲ ବାଜିବା ପରେ ଏକ ମେଟାଲିକ ସାଉଣ୍ଡ ଶୁଣିବାକୁ ମିଳୁଥିଲା।

# ଭାରତୀୟ ଦଳରେ ୪ ଓଡ଼ିଆ



ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳିମାନେ।

## ଏସିଆନ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୬।୬ (ଅନାଦି କର)

ଥାଇଲାଣ୍ଡର ନାଖୋନ ରାତ୍‌ଚାସିମାଠାରେ ମଙ୍ଗଳବାରଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଏସିଆନ୍ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ୪ ଓଡ଼ିଆଙ୍କୁ ଚୟନ କରାଯାଇଛି। ୪ ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଲାଗି ଦୀପ ରଞ୍ଜନ ବିଶୋୟୀ, ଜି. ଦିଲେଶ୍ୱର ରାଓ, ଶୁଭ୍ରଜିତ ଓ ନୁରୁଲ ହୁସେନ ଖାନ ମନୋନୀତ ହୋଇଛନ୍ତି। ଅସାଧାରଣ ପ୍ରତିଭା, କଠିନ ପରିଶ୍ରମ ଓ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ଥିର ପ୍ରଦର୍ଶନ ବଳରେ ଏମାନେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହା ପାରା ସ୍ପୋର୍ଟ୍ସ କ୍ଷେତ୍ରରେ ଓଡ଼ିଶାର ବୃଦ୍ଧି ପାଉଥିବା ପ୍ରଭାବକୁ ଦର୍ଶାଉଛି। ଏହି ଆଥ୍‌ଲେଟ୍‌ମାନେ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟର ବିଭିନ୍ନ କାଟେଗୋରୀରେ ଭାଗନେବେ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା (ପିଏସ୍ଏଓ) ପକ୍ଷରୁ ଆଥ୍‌ଲେଟଙ୍କୁ ଅଭିନନ୍ଦନ ଦିଆଯାଇଛି।

# ଖେଳାଳିଙ୍କ ବୟସ ଜାଣିବା ପାଇଁ ଅତିରିକ୍ତ ବୋନ୍ ଟେଷ୍ଟ କରାଯିବ

ନୂଆଦିଲ୍ଲୀ, ୧୬।୬(ପି.ଟି.)

ବିଭିନ୍ନ ବୟସ ବର୍ଗର ଟୁର୍ନାମେଣ୍ଟରେ ଯୋଗ୍ୟ ଖେଳାଳିଙ୍କୁ ଅତିରିକ୍ତ ସିଜନ ଖେଳିବାକୁ ସୁଯୋଗ ଦେବା ପାଇଁ ବିସିସିଆଇ ଅତିରିକ୍ତ 'ବୋନ୍ ଟେଷ୍ଟ' କରାଇବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁଯାୟୀ, ଜଣେ ଖେଳାଳିଙ୍କୁ ତାଙ୍କ ବୟସ ନିର୍ଣ୍ଣୟ କରିବା ପାଇଁ ଟିଡବ୍ଲ୍ୟୁ ୩ ମେଥଡ (ହାଡର ବୟସ ଜାଣିବା ପାଇଁ କରାଯାଉଥିବା ଟେଷ୍ଟ) ଓ ଏ+୧ ଫ୍ୟାକ୍ଟର ଦ୍ୱାରା ଉକ୍ତ ଖେଳାଳି ସେହି ବୟସ ବର୍ଗରେ ପରବର୍ତ୍ତୀ ସିଜନ ଖେଳିବା ପାଇଁ ଯୋଗ୍ୟ ରହିବେ କି ନାହିଁ, ତାହା ନିର୍ଣ୍ଣୟ କରାଯାଏ। କିନ୍ତୁ ନିୟମରେ ପରିବର୍ତ୍ତନ କରାଯାଇଛି।

ଉଦାହରଣ ସ୍ୱରୂପ ୧୬ ବର୍ଷରୁ କମ୍ ବାଳକ ବର୍ଗରେ ଖେଳୁଥିବା ପ୍ରତ୍ୟେକ କ୍ରିକେଟରଙ୍କୁ ସମାନ ବୟସ ବର୍ଗରେ ପରବର୍ତ୍ତୀ ସିଜନ ଖେଳିବେ କି ନାହିଁ, ତାହା ନିର୍ଣ୍ଣୟ କରିବା ପାଇଁ ଦ୍ୱିତୀୟ ବୋନ୍ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରକୃତ ବୟସ ନିର୍ଣ୍ଣୟ କରିବା ଏହାର କାର୍ଯ୍ୟ। କୌଣସି କ୍ରିକେଟର ଗାଣିତିକ ଗଣିତ ଯୋଗୁ ସମାନ ବୟସ ବର୍ଗରେ ଆଉ ଏକ ସିଜନ ଖେଳିବାର ସୁଯୋଗ ହାତଛଡ଼ା କରନ୍ତୁ, ଆମେ ଚାହୁଁ ନାହିଁ। ଏଣୁ ସାଇଣ୍ଟିଫିକ୍ ଗଣନା ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଥିବା ବିସିସିଆଇ ସୂତ୍ରରୁ କୁହାଯାଇଛି। ୧୬ ବର୍ଷରୁ କମ୍ ବୟସ ବର୍ଗ ଲାଗି ଖେଳାଳିଙ୍କ କଟ୍‌ଅଫ ବୟସ ୧୬.୫ ଏବଂ ୧୫ ବର୍ଷରୁ କମ୍ ବାଳିକା ପ୍ରତିଯୋଗିତା ପାଇଁ ଖେଳାଳିଙ୍କ ବୟସ ସୀମା ୧୫ ବର୍ଷ ରଖାଯାଇଛି। ଏହାର ଅର୍ଥ ଖେଳାଳିଙ୍କ ହାଡ଼ର ବୟସ ପରବର୍ତ୍ତୀ ସିଜନ ଲାଗି ୧୬.୪ କିମ୍ବା ଏହାଠାରୁ କମ୍ ରହିବା ଦରକାର। ସେହିଭଳି ମହିଳା କ୍ରିକେଟରଙ୍କ କ୍ଷେତ୍ରରେ ସେମାନଙ୍କ ବୟସ ୧୪.୯ ବର୍ଷରୁ ଅଧିକ ହୋଇପାରିବ ନାହିଁ। ଯଦି ଜଣେ ପୁରୁଷ ୧୬ ବର୍ଷରୁ କମ୍ ବୟସ ବର୍ଗର କ୍ରିକେଟର ୨୦୨୫-୨୬ ସିଜନରେ ବୋନ୍ ଟେଷ୍ଟର ସମ୍ମୁଖୀନ ହୁଅନ୍ତି ଏବଂ ତାଙ୍କ ପରୀକ୍ଷାର ଫଳାଫଳ ୧୫.୪ ଆସେ। ତେବେ ତାଙ୍କୁ ସିଜନ ପରେ ଆଉ ଏକ ବୋନ୍ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସେହିଭଳି ଯଦି ଜଣେ ଖେଳାଳି ବୟସ ୧୪ କିମ୍ବା ତା'ଠାରୁ ଅଧିକ ଥିବା ଜଣା ପଡ଼େ, ତେବେ ସେ ଚଳିତ ସିଜନ ଖେଳିପାରିବେ। କିନ୍ତୁ ପରବର୍ତ୍ତୀ ସିଜନ ଖେଳିପାରିବେ ନାହିଁ।

# ଇଂଲଣ୍ଡ ଫେରିବେ ଗମ୍ଭୀର

**ନୂଆଦିଲ୍ଲୀ, ୧୬।୬ (ପି.ଟି.):** ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ମଙ୍ଗଳବାର ଇଂଲଣ୍ଡ ଫେରି ଭାରତୀୟ କ୍ରିକେଟ ଦଳ ସହିତ ଯୋଗଦେବେ। ହୃଦ୍‌ଘାତରେ ପୀଡ଼ିତ ହୋଇ ତାଙ୍କ ମା' ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଖବର ପାଇ ସେ ଗତ ସପ୍ତାହରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମେ ଉନ୍ନତି ଘଟିବା ପରେ ସେ ମଙ୍ଗଳବାର ବିମାନ ଯୋଗେ ଇଂଲଣ୍ଡ ଗସ୍ତ କରି ଦଳ ସହିତ ଯୋଗଦେବେ। ଜୁନ୍ ୨୦ରେ ଲିଡ୍ସଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଅନୁଷ୍ଠିତ ହେବ। ପୂର୍ବତନ ଭାରତୀୟ ଓପନର ବେକେନହାମ୍‌ଠାରେ ବୃହସ୍ପତିବାର ମଧ୍ୟରେ ଅନୁଷ୍ଠିତ ଇଣ୍ଟ୍ରା-ସ୍କ୍ୱାଡ୍ ମ୍ୟାଚ ବେଳେ ଅନୁପସ୍ଥିତ ଥିଲେ। ଏହି ମ୍ୟାଚ ରବିବାର ଶେଷ ହୋଇଯାଇଛି।

# ଡବ୍ଲ୍ୟୁଟିଏ କ୍ୟାଲେଣ୍ଡରକୁ ଫେରିଲା ଚେନ୍ନାଇ ଓପନ

**ଚେନ୍ନାଇ, ୧୬।୬ (ପି.ଟି.):** ତିନି ବର୍ଷ ପରେ ଡବ୍ଲ୍ୟୁଟିଏ କ୍ୟାଲେଣ୍ଡରକୁ ଫେରିଛି ଚେନ୍ନାଇ ଓପନ। ତାମିଲନାଡୁ ଟେନିସ ଆସୋସିଏଶନ (ଟିଏନ୍‌ଟିଏ) ତରଫରୁ ସୋମବାର ଘୋଷଣା କରାଯାଇଛି। ଏହି ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର' ଖେଳ ଅକ୍ଟୋବର ୨୭ରୁ ଆରମ୍ଭ ହେବ। ଏହାପୂର୍ବରୁ ୨୦୨୨ରେ ଟୁର୍ନାମେଣ୍ଟ ଯେତେବେଳେ ଡବ୍ଲ୍ୟୁଟିଏ କ୍ୟାଲେଣ୍ଡରରେ ସ୍ଥାନ ପାଇଥିଲା, ସେତେବେଳେ ଚେକ୍ ରିପବ୍ଲିକର ଲିଣ୍ଡା ଫ୍ରୁହିରତୋଭା ସିଙ୍ଗଲ୍ସ ଚାମ୍ପିୟନ ହୋଇଥିଲେ।

# ଭାରତରେ ଇକ୍ୱେଷ୍ଟ୍ରିଆନ ଇଭେଣ୍ଟ ବାତିଲ

## ସମସ୍ୟାରେ ଇଏଫ୍ଆଇ

ନୂଆଦିଲ୍ଲୀ, ୧୬।୬(ପି.ଟି.)

ଭାରତରେ ହେବାକୁ ଥିବା ୨୪ ଅଶ୍ୱ ଚାଳନା(ଇକ୍ୱେଷ୍ଟ୍ରିଆନ) ଘରୋଇ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ ଅନ୍ତର୍ଜାତୀୟ ଇକ୍ୱେଷ୍ଟ୍ରିଆନ ଖେଳ ପରିଚାଳନା ସଂସ୍ଥା (ଏଫ୍ଇଆଇ) ବାତିଲ କରି ଦେଇଛି। ଇକ୍ୱେଷ୍ଟ୍ରିଆନ ଫେଡେରେଶନ ଅଫ୍ ଇଣ୍ଡିଆ (ଇଏଫ୍ଆଇ) ପକ୍ଷରୁ ଟଙ୍କା ନ ଦିଆଯିବାରୁ ଏଫ୍ଇଆଇ ଏଭଳି ନିଷ୍ପତ୍ତି ନେଇଛି। ମିଳିଥିବା ସୂଚନା ମୁତାବକ, ଚଳିତବର୍ଷ ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତରେ ହୋଇଥିବା ବିଭିନ୍ନ ଇଭେଣ୍ଟ ଲାଗି ଏଫ୍ଇଆଇ ଅଧିକାରୀଙ୍କ ପାରିଶ୍ରମିକ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ଇଏଫ୍ଆଇକୁ ୨୭ ଲକ୍ଷ ଟଙ୍କାର ଦେବାର ଥିଲା। କିନ୍ତୁ ଆନ୍ତଃ ବିବାଦ କାରଣରୁ ଫେଡେରେଶନର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରି ଦିଆଯାଇଛି, ଯାହା ଫଳରେ ଇଏଫ୍ଆଇ ସମୟରେ ଟଙ୍କା ଦେଇପାରି ନ ଥିଲା। କେବଳ ଏତିକି ନୁହେଁ, ଇଏଫ୍ଆଇକୁ କର୍ମକର୍ତ୍ତାଙ୍କ ବକେୟା ଦରମା, ଗତ ବର୍ଷ ଟୁର୍ନାମେଣ୍ଟ ଆୟୋଜନ କରିବା ଲାଗି ବିଭିନ୍ନ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ପ୍ରାୟ ୨ କୋଟି ବକେୟା ରହିଛି। ତେବେ ଏ ସମ୍ପର୍କରେ ଇଏଫ୍ଆଇ ସୂତ୍ରରୁ କୁହାଯାଇଛି ଯେ, ଏହା ଏକ ଲଜ୍ଜାଜନକ ପରିସ୍ଥିତି। ଏଠାରେ କେବଳ ଆଥଲେଟ୍‌ଙ୍କ କ୍ଷତି ହେଉଛି। ଆନ୍ତଃ ବିବାଦ ସମ୍ପର୍କରେ କ୍ରୀଡ଼ା ମନ୍ତ୍ରଣାଳୟକୁ ଅବଗତ କରାଯାଇଛି।

# କ୍ରିସ୍‌ପିନ ଘୋଷଣା କଲେ ୨୪ଜଣିଆ ଦଳ

## ଏଏଫ୍‌ସି ମହିଳା ଏସିଆନ କପ୍ କ୍ୱାଲିଫାୟର୍ସ

ନୂଆଦିଲ୍ଲୀ, ୧୬।୬ (ପି.ଟି.)

ଥାଇଲାଣ୍ଡରେ ଖେଳାଯିବାକୁଥିବା ଏଏଫ୍‌ସି ମହିଳା ଏସିଆନ କପ୍ ଅଷ୍ଟ୍ରେଲିଆ ୨୦୨୬ କ୍ୱାଲିଫାୟର୍ସ ପାଇଁ ଭାରତୀୟ ସିନିୟର ମହିଳା ଦଳର ମୁଖ୍ୟ କୋଚ୍ କ୍ରିସ୍‌ପିନ୍ ଚେତ୍ରୀ ସୋମବାର ୨୪ ଜଣିଆ ଫୁଟ୍‌ବଲ ଦଳ ଘୋଷଣା କରିଛନ୍ତି। କ୍ୱାଲିଫାୟର୍ସରେ ଭାରତୀୟ ଦଳ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଗ୍ରୁପ୍ 'ବି'ରେ ଏହି ଦଳ ମଙ୍ଗୋଲିଆ (ଜୁନ୍ ୨୩), ତିକୋର ଲିଷ୍ଟ (ଜୁନ୍ ୨୯), ଇରାକ (ଜୁଲାଇ ୨) ଓ ଆୟୋଜକ ଥାଇଲାଣ୍ଡ (ଜୁଲାଇ ୫) ସହିତ ମୁକାବିଲା କରିବ। ଗ୍ରୁପ୍‌ର ବିଜେତା ୨୦୨୬ରେ ଅଷ୍ଟ୍ରେଲିଆରେ ହେବାକୁଥିବା ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ। ମହିଳା ଏସିଆନ କପ୍ ଆହୁରି ମଧ୍ୟ ମହିଳା ଫିଫା ବିଶ୍ୱକପ୍ ବ୍ରାଜିଲ ୨୦୨୭ ପାଇଁ ଏକ ଯୋଗ୍ୟତା ଇଭେଣ୍ଟ। ଚେତ୍ରୀ ଓ ତାଙ୍କ ଦଳ ଥାଇଲାଣ୍ଡରେ ପହଞ୍ଚି ଉତ୍ତରାଞ୍ଚଳ ସହର ଚିଆଙ୍ଗ ମାଇଠାରେ ଏକ ସପ୍ତାହ ଟ୍ରେନିଂ ନେବେ। ମ୍ୟାଚ୍‌ଗୁଡ଼ିକ ଚିଆଙ୍ଗ ମାଇ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ଦଳ ବେଙ୍ଗାଲୁରୁସ୍ଥିତ ପାଦୁକୋନ୍-ଦ୍ରାବିଡ ସେଣ୍ଟର ଫର ସ୍ପୋର୍ଟ୍ସ ଏକ୍ସଲେନ୍ସଠାରେ ୬ ସପ୍ତାହ ଧରି ଟ୍ରେନିଂ ନେଇଛି। କ୍ୱାଲିଫାୟର୍ସ ପାଇଁ ପ୍ରସ୍ତୁତିର ଅଂଶବିଶେଷ ଉଜ୍‌ବେକିସ୍ତାନ ବିପକ୍ଷରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ମେ ୩୦ ଓ ଜୁନ୍ ୩ରେ ଖେଳିଛି। ଉଭୟ ମ୍ୟାଚରେ ଦଳ ୦-୧ ଗୋଲ୍ ବ୍ୟବଧାନରେ ପରାଜିତ ହୋଇଛି।



କ୍ରିସ୍‌ପିନ୍ ଚେତ୍ରୀ

**୨୪ ଜଣିଆ ଭାରତୀୟ ଦଳ:** ଗୋଲ୍‌କିପର: ଏଲାଙ୍ଗବାମ୍ ପାନ୍ଥୋଇ ଚାନୁ, ମୋଇରାଙ୍ଗଥେମ୍ ମୋନାଲିସା ଦେବୀ, ପାୟଲ ବାସୁଦେ। ଡିଫେଣ୍ଡର: ହେମାମ ସିଲ୍‌କି ଦେବୀ, କିରଣ ପିସ୍‌ଦା, ମାର୍ଟିନା ଥୋକ୍‌ଚୋମ୍, ଏନ୍‌ଗାଙ୍ଗବାମ୍ ସ୍ୱିଟି ଦେବୀ, ପୂର୍ଣ୍ଣିମା କୁମାରୀ, ସଞ୍ଜୁ ସେରୋଖାଇବାମ୍ ରଞ୍ଜନା ଚାନୁ। ମିଡ୍ ଫିଲ୍ଡର: ଅଞ୍ଜୁ ତମାଙ୍ଗ, ଗ୍ରେସ୍ ଡାଙ୍ଗମେଇ, କାର୍ତ୍ତିକା ଆଙ୍ଗାମୁଥୁ, ନଙ୍ଗମାଇଥେମ୍ ରତନବାଲା ଦେବୀ, ପ୍ରିୟଦର୍ଶିନୀ ସେଲାଦୁରାଇ, ସଙ୍ଗିତା ବାସ୍‌ଫୋରେ। ଫରୱାର୍ଡ: ଲିଣ୍ଡା କମ୍ ସେର୍ଟୋ, ମାଳବିକା ପି, ମନୀଷା କଲ୍ୟାଣ, ମନୀଷା ନାୟକ, ପ୍ୟାରୀ ଖାଖା, ରିମ୍ପା ହାଲ୍‌ଦାର ଓ ସୌମ୍ୟା ଗୁଗୁଲୋଥ୍।

# ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ଦୀପକ, ପୁଷ୍ପକ


**ନୂଆଦିଲ୍ଲୀ, ୧୬।୬ (ପି.ଟି.):** ଆସନ୍ତା ଇଂଲଣ୍ଡ ଟୁର୍ ପାଇଁ ଭାରତର ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ ଦଳରେ ଡି. ଦୀପେଶ ଓ ନମନ ପୁଷ୍ପକଙ୍କୁ ସାମିଲ କରାଯାଇଛି। ସେମାନଙ୍କୁ ଆଘାତପ୍ରାପ୍ତ ଆଦିତ୍ୟ ରାଣା ଓ ଖିଲାନ ପଟେଲଙ୍କ ସ୍ଥାନରେ ନିଆଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରକାଶ କରିଛି। ଏହି ଟୁର୍ ଜୁନ୍ ୨୪ରୁ ଜୁଲାଇ ୨୩ ପର୍ଯ୍ୟନ୍ତ ଚାଲିବ। ଉଭୟ ଦିପେଶ ଓ ନମନ ଟୁର୍ ପାଇଁ ଷ୍ଟାଣ୍ଡବାଇ ଖେଳାଳି ତାଲିକାରେ ଥିଲେ।

# ସିରିଜ୍ ପୂର୍ବରୁ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଉନ୍ମୋଚନ

ଲଣ୍ଡନ, ୧୬।୬(ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଆଗାମୀ ଟେଷ୍ଟ ସିରିଜ୍ ଲାଗି ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଉନ୍ମୋଚନ କାର୍ଯ୍ୟକ୍ରମକୁ ଅହମଦାବାଦରେ ବିମାନ ଦୁର୍ଘଟଣା ଯୋଗୁ ସ୍ଥଗିତ କରାଯାଇଥିଲା। ଏହି ବିମାନ ଦୁର୍ଘଟଣାରେ ୨୪୧ ଯାତ୍ରୀଙ୍କ ସମେତ ୨୭୫ ଜଣଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ଏହି ଟ୍ରଫି ଭାରତର ପୂର୍ବତନ ଅଧିନାୟକ ମନସୁର ଅଲୀ ଖାନ ପଟୌଦିଙ୍କ ସମ୍ମାନରେ ପଟୌଦି ଟ୍ରଫି ଭାବେ ଜଣାଯାଉଥିଲା। ଏହି ଟ୍ରଫିର ନାମକୁ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି (ଏଟିଟି) ଭାବେ ପରିବର୍ତ୍ତନ କରିବାକୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ନିଷ୍ପତ୍ତି ନେଇଥିଲା।

ଏଟିଟି ଟ୍ରଫିର ଉନ୍ମୋଚନ କାର୍ଯ୍ୟକ୍ରମ ପ୍ରକୃତରେ ଜୁନ ୧୪ ତାରିଖରେ ହେବାର ଥିଲା। କିନ୍ତୁ ଅହମଦାବାଦ୍‌ରେ ଘଟିଥିବା ଦୁଃଖଦ ଘଟଣା ଯୋଗୁ ଏହାକୁ ସ୍ଥଗିତ ରଖାଯାଇଛି। ଏହାକୁ ବାତିଲ କରାଯାଇ ନାହିଁ। ଆମେ ଆଶା କରୁଛୁ ଯେ, ଆଗାମୀ କିଛି ଦିନ ମଧ୍ୟରେ ସିରିଜ୍ ଆରମ୍ଭ ହେବା ପୂର୍ବରୁ ଟ୍ରଫି ଉନ୍ମୋଚନ କରାଯିବ ବୋଲି ଜଣେ ବିସିସିଆଇ କର୍ମକର୍ତ୍ତା କହିଛନ୍ତି। ଦୁଇ ଦେଶର କିମ୍ବଦନ୍ତୀ ଖେଳାଳି ଜେମ୍ସ ଆଣ୍ଡରସନ ଓ ସଚିନ ତେନ୍ଦୁଲକରଙ୍କ ନାମରେ ଏହି ଟ୍ରଫିକୁ ନାମିତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ତେନ୍ଦୁଲକର ଓ ଆଇସିସି ଚେୟାରମ୍ୟାନ ଜୟ ଶାହା ଇସିବି ନିକଟରେ ସିରିଜ୍ ସହ ପଟୌଦିଙ୍କ ନାମ ରଖିବାକୁ ଅନୁରୋଧ କରାଯାଇଛି।



# ଟାଇଟଲ ଜିତିଲେ ୩୭ବର୍ଷୀୟା ମାରିଆ

ଲଣ୍ଡନ, ୧୬।୬ (ଏପି)

ଜର୍ମାନ କ୍ୱାଲିଫାୟର ତାତ୍‌ଜାନା ମାରିଆ କୁଇନ୍ସ କ୍ଲବ ଟେନିସ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଟାଇଟଲ। କାଇନ୍ସ କ୍ଲବ ଟେନିସକୁ ୱିମ୍ବଲଡନ ପାଇଁ ଏକ ୱାର୍ମଅପ୍ ଟୁର୍ନାମେଣ୍ଟ ଭାବେ ବିବେଚନା କରାଯାଇଥାଏ। ଦୁଇଟି ସନ୍ତାନର ଜନନୀ ଏହି ୩୭ ବର୍ଷୀୟାଙ୍କର ଏହା ହେଉଛି ମଧ୍ୟ ପ୍ରଥମ ଡବ୍ଲ୍ୟୁଟିଏ ୫୦୦ ଟାଇଟଲ। ଲଣ୍ଡନ ଗ୍ରାସ୍‌କୋର୍ଟ ଫାଇନାଲରେ ସେ ୮ମ ସିଡ୍ ଆମାଣ୍ଡା ଆନିମିସୋଭାଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଥିଲେ। ୮୬ତମ ର୍ୟାଙ୍କିଙ୍ଗପ୍ରାପ୍ତ ମାରିଆ ତାଙ୍କ ଦୁଇଝିଅ ଚାର୍ଲୋଟ ଓ ସେସିଲିଆ ଏବଂ ତାଙ୍କ ସ୍ୱାମୀ ଓ କୋଚ୍ ଚାର୍ଲ୍ସ ଏଡୋୱାର୍ଡ ମାରିଆଙ୍କ ଉପସ୍ଥିତିରେ ମ୍ୟାଚ ଜିତିଥିଲେ। ସେ ତାଙ୍କ ୪ର୍ଥ ଡବ୍ଲ୍ୟୁଟିଏ ଟାଇଟଲ ପଥରେ ଯେଉଁ ୪ ଜଣ ଟପ୍ ୨୦ ଖେଳାଳିଙ୍କୁ ପରାସ୍ତ କରିଥିଲେ, ସେମାନଙ୍କ ମଧ୍ୟରେ କାରୋଲିନା ମୁଚୋଭା, ଏଲିନା ରିବାକିନା ଓ ମାଡିସନ କିଜ୍ ଅନ୍ୟତମ ଥିଲେ। ୨୦୨୦ ପରେ ଡବ୍ଲ୍ୟୁଟିଏ ଟୁର୍‌ରେ ସିଙ୍ଗଲ୍ସ ଚାମ୍ପିୟନ ହେବାରେ ସେ ସବୁଠାରୁ ବୟସ୍କ ଖେଳାଳି ବିବେଚିତ ହେଉଛନ୍ତି। ସେତେବେଳେ ସେରେନା ୩୮ ବର୍ଷ ବୟସରେ ଅକ୍‌ଲାଣ୍ଡ କ୍ଲାସିକ ଜିତିଥିଲେ। ମାରିଆ ଏହାପୂର୍ବରୁ ୨୦୧୮ରେ ମାଲୋର୍କାଠାରେ ଗ୍ରାସ୍ କୋର୍ଟରେ ଡବ୍ଲ୍ୟୁଟିଏ ଟାଇଟଲ ଜିତିଥିଲେ। ସେ ଦୁଇଥର ୨୦୨୨ ଓ ୨୦୨୩ରେ ବୋଗୋଟାଠାରେ କ୍ଲେକୋର୍ଟରେ ଏହି ସଫଳତା ହାସଲ କରିଥିଲେ।



ଟ୍ରଫି ସହ ତାତ୍‌ଜାନା ମାରିଆ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ